ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସାମ୍ବାଦିକତା ଓ ଗଣ ଯୋଗାଯୋଗ

ପାଠ୍ୟକ୍ରମ -୧

ବ୍ଲକ୍ ଯୋଗାଯୋଗର ଧାରଣା, ଇତିହାସ, ନୀତି ଏବଂ ଆଦର୍ଶ

## ୨ ଗଣମାଧ୍ୟମର ଇତିହାସ

ପ୍ରଥମ ଏକକ

**ଭାରତରେ ଗଣମାଧ୍ୟମର ଇତିହାସ**

ଦ୍ୱିତୀୟ ଏକକ

**ସ୍ୱାଧୀନତା ସଂଗ୍ରାମରେ ଗଣମାଧ୍ୟମର ଭୂମିକା, ସ୍ୱାଧୀନତା କାଳରୁ ଗଣମାଧ୍ୟମ**

ତୃତୀୟ ଏକକ

**ଖ୍ୟାତାନାମା ଖବରକାଗଜ, ପତ୍ରିକା ଏବଂ ନ୍ୟୁଜ୍ ଏଜେନ୍ସି**

ଚତୁର୍ଥ ଏକକ

**ଓଡିଶାରେ ଗଣମାଧ୍ୟମ**

ପଞ୍ଚମ ଏକକ

**ଓଡିଶାର ସାମାଜିକ - ସାଂସ୍କୃତିକ ବିକାଶରେ ଗଣମାଧ୍ୟମର ପ୍ରଭାବ**

## ବିଶେଷଜ୍ଞ କମିଟି

| | | |
|---|---|---|
| **ଡକ୍ଟର ମୃଣାଳ ଚାଟାର୍ଜୀ** | ପ୍ରଫେସର,ଭାରତୀୟ ଜନସଂଚାର ସଂସ୍ଥାନ, ଢ଼େଙ୍କାନାଳ | ଅଧ୍ୟକ୍ଷ |
| **ସୁଧୀର ପଟନାୟକ** | ସମ୍ପାଦକ, ସମଦୃଷ୍ଟି | ସଭ୍ୟ |
| **ଡକ୍ଟର ଦୀପକ ସାମନ୍ତରାୟ** | ନିର୍ଦ୍ଦେଶକ, ନେସ୍‌ନାଲ ଏକାଡେମୀ ଅଫ୍ ବ୍ରଡ଼କାଷ୍ଟିଂ ଆଣ୍ଡ ମଲ୍‌ଟିମିଡ଼ିଆ, ଭୁବନେଶ୍ୱର | ସଭ୍ୟ |
| **ଡକ୍ଟର ଆଶିଷ କୁମାର ଦ୍ୱିବେଦୀ** | ଆସିଷ୍ଟାଣ୍ଟ୍ ପ୍ରଫେସର (କମ୍ୟୁନିକେସନ୍ ଷ୍ଟଡ଼ିଜ୍), ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଭ୍ୟ |
| **ଶ୍ରୀ ସୁଜିତ କୁମାର ମହାନ୍ତି** | ଆସିଷ୍ଟାଣ୍ଟ୍ ପ୍ରଫେସର, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ | ସଭ୍ୟ |
| **ଡକ୍ଟର ଜ୍ୟୋତି ପ୍ରକାଶ ମହାପାତ୍ର** | ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର | ଆବାହକ |

## ପ୍ରସ୍ତୁତି

| | |
|---|---|
| ମୂଳ ଇଂରାଜୀ | **ସୁଜିତ କୁମାର ମହାନ୍ତି**<br>ଆସିଷ୍ଟାଣ୍ଟ ପ୍ରଫେସର, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ<br>କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା, କୋରାପୁଟ |
| ଓଡ଼ିଆ ଅନୁବାଦ | **ସଂବିତ ମିଶ୍ର**<br>**ସୁକନ୍ୟା ଜେନା** |
| ସଂପାଦନା | **ଡକ୍ଟର ଜ୍ୟୋତିପ୍ରକାଶ ମହାପାତ୍ର**<br>ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ |

*ପ୍ରକାଶକ*

**ଡକ୍ଟର ଜୟନ୍ତ କରଶର୍ମା**

କୁଳସଚିବ

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*

© OSOU, 2019. Sambadikata O Gana Jogajoga is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ
# ଭାରତରେ ଗଣମାଧ୍ୟମର ଇତିହାସ

**ବିଷୟର ଗଠନ :**


୧.୧ ପଠନର ଉଦ୍ଦେଶ୍ୟ

୧.୨ ବିଷୟ ପରିଚୟ

୧.୩ ଭାରତର ପ୍ରଥମ ଖବରକାଗଜର ଇତିହାସ

୧.୪ ସାମାଜିକ ସଂସ୍କାରକ ଭାବରେ ଖବରକାଗଜ

୧.୫ ଭାରତୀୟ ଖବରକାଗଜ ପ୍ରତି ବଙ୍ଗଳାର ଗୁରୁତ୍ୱପୂର୍ଣ୍ଣ ଅବଦାନ

୧.୬ ଭାରତରେ ପ୍ରେସ୍ ଆଇନ୍‌ର ମୂଳକ୍ରିୟା

୧.୭ ସ୍ୱାଧୀନତା ସଂଗ୍ରାମର ଆରମ୍ଭରେ ପ୍ରେସ୍‌ର ସ୍ଥିତି

୧.୮ ଊନବିଂଶ ଶତାବ୍ଦୀରେ ପ୍ରେସ୍

୧.୯ ପ୍ରେସ୍‌ର ଭାଷା ଏବଂ ଜାତୀୟ ଉନ୍ନତି

୧.୧୦ ପ୍ରଥମ ପ୍ରେସ୍ କମିଶନଙ୍କ ପ୍ରତିଷ୍ଠା

୧.୧୧ ଜରୁରୀକାଳୀନ ପରିସ୍ଥିତିରେ ପ୍ରେସ୍

୧.୧୨ ଆସ ପ୍ରଗତି ମାପିବା


## ୧.୧ ପଠନର ଉଦ୍ଦେଶ୍ୟ

ଏହି ବିଷୟ ଅଧ୍ୟୟନ କଲେ ଜାଣିପାରିବେ ଯେ, ସ୍ୱାଧୀନତା ସଂଗ୍ରାମରେ ଗଣମାଧ୍ୟମର ଭୂମିକା । ପରାଧୀନ ଭାରତରେ ପ୍ରେସ୍‌ର କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ସେ ବାବଦରେ ଯଥେଷ୍ଟ ଜ୍ଞାନ ପାଇପାରିବେ। ଏହାଦ୍ୱାରା ସାମାଜିକ ଚଳଣି ତଥା ବ୍ୟବହାରରେ କିପରି ପରିବର୍ତ୍ତନ ଆସିଥିଲା ସେ ବାବଦରେ ବି ଧାରଣା ହୋଇଯିବ । ଆମର ସ୍ୱାଧୀନତା ସଂଗ୍ରାମୀଗଣ ପ୍ରେସ୍‌ର ଉନ୍ନତି ଏବଂ ଅଭିବୃଦ୍ଧି ନିମନ୍ତେ ସର୍ବଦା ଚେଷ୍ଟିତ ଥିଲେ ଏବଂ ପ୍ରେସ୍‌ର ଇତିହାସକୁ ଋଦ୍ଧିମନ୍ତ କରିଛନ୍ତି ।

## ୧.୨ ବିଷୟ ପରିଚୟ

ପ୍ରେସ୍‌ର ଉତ୍‌ଥାନ ବା ଉନ୍ନତି ସ୍ୱାଧୀନତା କାଳରୁ ହିଁ ସଂଘର୍ଷମୟ । ଏହାର ଭୂମିକା ସ୍ୱାଧୀନତା ସମୟରେ ଏବଂ ପରେ ବି ଗୁରୁତ୍ୱପୂର୍ଣ୍ଣ ରହିଆସିଛି । ମାତ୍ର ଏଥିପାଇଁ ଅନେକ ପରିଶ୍ରମ ଏବଂ ସାହାସିକତା ବି ଦେଖାଇବାକୁ ପଡିଛି । ଭୟାବହ ସଂଗ୍ରାମ ସମୟରେ ମହାତ୍ମାଗାନ୍ଧୀ, ବାଲ୍ ଗଙ୍ଗାଧର ତିଲକ୍, ସମାଜ ସଂସ୍କାରକ ରାଜା ରାମମୋହନ ରାୟ, ସୁରେନ୍ଦ୍ରନାଥ ବାନାର୍ଜୀ, ଗୋପାଳକୃଷ୍ଣ ଗୋଖଲେ ଏବଂ ପାୟୋନିଅର ଖବରକାଗଜ ପ୍ରକାଶନ ଦିଗରେ ତତ୍ପରତା ପ୍ରକାଶ କରିଥିଲେ । ଏଣୁ ପ୍ରେସ୍‌ର ଇତିହାସ ସୁଦୂରପ୍ରସାରୀ।

ସମ୍ରାଟ ଅଶୋକ ନିଜର ପ୍ରଜାମାନଙ୍କୁ ନୀତିବାଣୀ ଶିକ୍ଷା ଦେବା ପାଇଁ ଶିଳାଲେଖର ସାହାଯ୍ୟ ନେଉଥିଲେ। ଏହା ହେଉଛି ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର କଥା । ସାମାଜିକ-ରାଜନୈତିକ କାର୍ଯ୍ୟକ୍ରମ ପାଇଁ ମଧ୍ୟ କେତେକ କ୍ଷେତ୍ରରେ ଏହା ବ୍ୟବହାର କରାଯାଇଛି। ପ୍ରାକୃତ ଲିପିରେ ଅଶୋକ ଅନେକ ଶିଳାଲେଖ ତିଆରି କରାଇଥିଲେ ଏବଂ ମୌର୍ଯ୍ୟ ସାମ୍ରାଜ୍ୟର ବିଭିନ୍ନ ସ୍ଥାନରେ ତାକୁ ଅବସ୍ଥାପିତ କରାଇଥିଲେ ।

ଐତିହାସିକଙ୍କ ମତରେ ସମ୍ରାଟ ଆକବରଙ୍କ ସମୟରେ ଖବରସଂଗ୍ରହ ପାଇଁ ଏକ ରୀତିମତ ବ୍ୟବସ୍ଥା କାମ କରୁଥିଲା । ୧୫୭୪ ମସିହାରେ ଖବର ସଂଗ୍ରହ ଏବଂ ତାହାକୁ ନଥିଭୁକ୍ତ କରି ରଖିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା ଆରମ୍ଭ କରିଥିଲେ ଆକବର । ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ଐତିହାସିକଙ୍କୁ ତଥ୍ୟ ସଂଗ୍ରହରେ ବିଶେଷ ସହାୟକ ହୋଇଥିଲା ।

ଭାରତରେ ପ୍ରଥମ ଛାପା (ପ୍ରିଣ୍ଟିଂ ପ୍ରେସ୍) ପଶ୍ଚିମ ଉପକୂଳର ଗୋଆରେ (ସେଣ୍ଟ ପଲ୍ କଲେଜ୍‌ରେ) ସ୍ଥାପିତ ହୋଇଥିଲା। ୧୫୫୬ ରେ ଭାରତକୁ ପ୍ରିଣ୍ଟିଂ ପ୍ରେସ୍ ଆସିଥିଲା। ଗୋଆର ଭାଇସ୍‌ରାୟ ପର୍ତ୍ତୁଗାଲର ସମ୍ରାଟ ଜୋଆନ୍ (ତୃତୀୟ)ଙ୍କ ପକ୍ଷରୁ କେତେକ ସ୍କୁଲ ଖୋଲାଇ ଥିଲେ । ସେଠାରେ ପଢାଇବା ପାଇଁ ପୁସ୍ତକର ଆବଶ୍ୟକତା ପଡିଲା । ଏଣୁ ବହି ଛାପି ପ୍ରିଣ୍ଟିଂ ପ୍ରେସ୍ ପଠାଇବାକୁ ପର୍ତ୍ତୁଗାଲକୁ କୁହାଗଲା । ଭାରତ ବ୍ୟତୀତ ଜାପାନ ଏବଂ ଇଥିଓପିଆ ପାଇଁ ପ୍ରେସ୍ ଦରକାର ପଡିଲା । ଇଥିଓପିଆର ରାଜା ପ୍ରିଣ୍ଟିଂ ପ୍ରେସ୍ ସହ କେତେକ ମିଶନାରୀଙ୍କୁ ପଠାଇବା ପାଇଁ ଅନୁରୋଧ ଜଣାଇଲେ । ଫଳରେ ମାର୍ଚ୍ଚ ୨୯, ୧୫୫୬ ରେ ପ୍ରିଣ୍ଟିଂ ପ୍ରେସ୍ ଧରି ମିଶନାରୀମାନେ ଯାତ୍ରା ଆରମ୍ଭ କଲେ । ନଭେମ୍ବର ୬, ୧୫୫୬ରେ ଭାରତକୁ ପ୍ରଥମ ଛାପା ଅକ୍ଷର ବାହାରିଲା। ମାତ୍ର ପ୍ରଥମ ଖବରକାଗଜ ବାହାରିବାକୁ ଆହୁରି ୨୦୦ ବର୍ଷରୁ ଅଧିକ ସମୟ ଲାଗିଥିଲା ।

## ୧.୩ ଭାରତର ପ୍ରଥମ ଖବରକାଗଜର ଇତିହାସ

୧୭୭୬ ମସିହାରେ, ୱିଲିୟମ୍ ବୋଲ୍ଟସଙ୍କ ଦ୍ୱାରା କଲିକତାରେ ଭାରତର ପ୍ରଥମ ଖବରକାଗଜ ପ୍ରତିଷ୍ଠା ହୋଇଥିଲା । ବୋଲ୍ଟସ୍ ଇଷ୍ଟ ଇଣ୍ଡିଆ କମ୍ପାନୀରୁ ଦରଖାସ୍ତ ଦେଇ ଏ ଦିଗରେ ଯୋଗଦାନ ଦେଇଥିଲେ । ସେ ନିଜର ଏକ ସ୍ୱାଧୀନଭାବେ ଖବରକାଗଜ ସ୍ଥାପନ କରିବାକୁ ଚାହୁଁଥିଲେ । ଯାହାକି ସମ୍ଭବ ହୋଇପାରିଲା ନାହିଁ। ଫଳରେ ତାଙ୍କ ସ୍ୱପ୍ନ ଅଧୁରା ରହିଥିଲା ଏବଂ ସେ ୟୁରୋପ ଗସ୍ତ କରିଥିଲେ ।

ଜାନୁଆରୀ ୨୯, ୧୭୮୦ ମସିହାରେ କଲିକତାରୁ ଭାରତର ପ୍ରଥମ ଖବରକାଗଜ ପ୍ରକାଶିତ ହେଲା । ଇଷ୍ଟ୍ ଇଣ୍ଡିଆ କମ୍ପାନୀର ଜଣେ ପୂର୍ବତନ କର୍ମଚାରୀ ଜେମ୍‌ସ ଅଗଷ୍ଟସ୍ ହିକି ବେଙ୍ଗଲ ଗେଜେଟ୍ ନାମକ ଏହି ସାପ୍ତାହିକ ଖବରକାଗଜଟି ପ୍ରତିଷ୍ଠା କରିଥିଲେ । ସେ ହିଁ ଏହାର ସମ୍ପାଦକ ଥିଲେ । ଏହାର ଏକ ନାଁ ଥିଲା – କାଲକାଟା ଜେନେରାଲ୍ ଆଡର୍ଭାଟାଇଜର୍ । ଏହି କାଗଜଟି ନିଜ ସମ୍ପର୍କରେ ଲେଖିଥିଲା- ଏହା ଏକ ସାପ୍ତାହିକ ରାଜନୈତିକ ଏବଂ ବାଣିଜ୍ୟିକ ଖବରକାଗଜ, ଯାହା ସଭିଙ୍କ ପାଇଁ ଉଦ୍ଦିଷ୍ଟ, କିନ୍ତୁ କାହାରି ଦ୍ୱାରା ପ୍ରଭାବିତ ନୁହେଁ।

ଚାରୋଟି ଟାବ୍ଲଏଡ୍ ପୃଷ୍ଠାରେ ଛାପା ଯାଇଥିବା ଏଇ କାଗଜରେ ଲଣ୍ଡନର ଇଂରାଜୀ ଖବରକାଗଜରୁ କିଛି ଖବର, ସ୍ଥାନୀୟ ଏବଂ ମଫସଲ ଅଞ୍ଚଳରୁ ଚିଠି ଏବଂ ସମସାମୟିକ ସ୍କାଣ୍ଡାଲ୍ ବା ମୁଖରୋଚକ ଗୁଜବ ପ୍ରକାଶ ପାଉଥିଲା । ଏହି ଗୁଜବ ଓ ସ୍କାଣ୍ଡାଲ୍ ପ୍ରକାଶ ତତ୍କାଳୀନ ପ୍ରଶାସକମାନଙ୍କୁ ବିଶେଷ କରି ଭାଇସ୍‌ରାୟ ୱାରେନ୍

ହେଷ୍ଟିଙ୍ଗ୍‌ଙ୍କୁ ଆଦୌ ପସନ୍ଦ ହେଲା ନାହିଁ । ଏଣୁ ଏହାର ପ୍ରକାଶନକୁ ଯେନତେନ ପ୍ରକାରେଣ ବନ୍ଦ କରିଦେବା ପାଇଁ ନାନା ଉପାୟ କରାଗଲା । ହିକିଙ୍କ ଶତ ପ୍ରଚେଷ୍ଟା ସତ୍ତ୍ୱେ ଦୁଇ ବର୍ଷ ପ୍ରକାଶନ ପରେ ବେଙ୍ଗଲ୍ ଗେଜେଟ୍ ବନ୍ଦ ହୋଇଗଲା ହିକିଙ୍କୁ ଦେଶାନ୍ତର କରାଗଲା ।


HICKY's BENGAL GAZETTE: OR THE ORIGINAL Calcutta General Advertiser.

ହିକିଙ୍କ ବେଙ୍ଗଲ୍ ଗେଜେଟ୍ ଭାରତରେ ଖବରକାଗଜର ରୋମାଞ୍ଚକର ଆଉ ଘଟଣାବହୁଳ ଯାତ୍ରାର ଶୁଭାରମ୍ଭ କରି ସାରିଥିଲା । ବେଙ୍ଗଲ୍ ଗେଜେଟ୍ ପ୍ରକାଶ ପାଇବାର ଛଅ ବର୍ଷ ଭିତରେ ଭାରତରେ ଚାରୋଟି ସାପ୍ତାହିକ ଏବଂ ଗୋଟିଏ ମାସିକ ପ୍ରକାଶିତ ହେଉଥିଲା । ମାଦ୍ରାଜ (ବର୍ତ୍ତମାନର ଚେନ୍ନାଇ)ରୁ ୧୭୮୫ରେ "ମାଡ୍ରାସ୍ କୋରିଅର୍' ପ୍ରକାଶ ପାଇଲା । ସେମିତି ବମ୍ବେ (ବର୍ତ୍ତମାନର ମୁମ୍ବାଇ)ରୁ ୧୭୮୯ ମସିହାରେ ପ୍ରକାଶିତ ହେଲା "ମୁମ୍ବାଇ ହେରାଲଡ୍' ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଖବରକାଗଜ ପ୍ରକାଶନ ଓ ପ୍ରସାରଣର ହାର କମ୍ ଥିଲା । କିନ୍ତୁ ସମୟ ସାଙ୍ଗରେ ଏହା ଜୋର ଧରିଲା । ଦେଶର ବିଭିନ୍ନ ସ୍ଥାନରୁ ଅନେକ ଖବରକାଗଜ ପ୍ରକାଶିତ ହେଲା ।

## ୧.୪ ସାମାଜିକ ସଂସ୍କାର ଆଣିବାରେ ଖବରକାଗଜ ଏକ ମାଧ୍ୟମ

ଊନ୍ନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ମୁଖ୍ୟତଃ ଖବରକାଗଜଗୁଡ଼ିକର ଉଦ୍ଦେଶ୍ୟ ଥିଲା- "ସମାଜ ସଂସ୍କାର' । ରାଜା ରାମମୋହନ ରାୟ, ମହାଦେବ ଗୋବିନ୍ଦ ରାନାଡେ, ଗୋପାଳ ରାଓ, ହରି ଦେଶମୁଖ, ଦାଦାଭାଇ ନାରୋଜୀ ପ୍ରମୁଖ ମୁଖ୍ୟତଃ ସମାଜ ସଂସ୍କାର ଆଣିବା ପାଇଁ ଖବରକାଗଜ ପ୍ରକାଶ କରୁଥିଲେ ।

ଜେମ୍ସ୍ ସିଲ୍କ ବକିଙ୍ଗହାମ୍ (କାଲକାଟା କ୍ରନିକଲ୍‌ର ସମ୍ପାଦକ)ଙ୍କ ସହିତ ୧୮୧୮ରେ ପ୍ରକୃତ ଅର୍ଥରେ ସାମ୍ବାଦିକତା ଭାରତକୁ ଆସିଲା । ସିଲ୍କ ଖବରକାଗଜ ମାଧ୍ୟମରେ ସମାଜ ସଂସ୍କାରକର ଭୂମିକା ନିଭାଉଥିଲେ । କ୍ରମଶଃ ରାଜା ରାମମୋହନ ରାୟଙ୍କ ସହିତ ତାଙ୍କର ବନ୍ଧୁତା ବଢ଼ିଲା । ଉଭୟେ ମିଶି ଏଇ ଆଦର୍ଶକୁ ନେଇ ପାଦ ଆଗେଇ ନେଇଗଲେ । ଏହା କିନ୍ତୁ ବ୍ରିଟିଶ ସରକାରଙ୍କୁ ସୁହାଇଲା ନାହିଁ । ୧୮୨୩ ରେ ସିଲ୍କଙ୍କୁ ଦେଶାନ୍ତର କରାଗଲା ।

ରାଜା ରାମମୋହନ ରାୟ (ଅଗଷ୍ଟ ୧୪, ୧୭୭୪-ସେପ୍ଟେମ୍ବର ୨୭, ୧୮୩୩) ତତ୍କାଳୀନ ସମାଜର ଅନେକ କୁସଂସ୍କାର ଏବଂ ଅନୀତି ବିରୋଧରେ ଜୋରଦାର ଲଢେଇ କରିଥିଲେ । ଯଦିଓ ସେ ବ୍ରିଟିଶ ଶାସନ ସପକ୍ଷରେ ଥିଲେ, କିନ୍ତୁ ସେ ହିଁ ଆମ ଦେଶରେ ପ୍ରଥମେ ଜାତୀୟ ଜାଗରଣର ମଞ୍ଜି ବୁଣିଥିଲେ । ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଜାତୀୟ ନେତାମାନେ ଏ ମଞ୍ଜିରୁ ଅଙ୍କୁରୋଦ୍‌ଗମରେ ସାହାଯ୍ୟ କରିଥିଲେ । ୧୮୨୧ ରେ ସେ "ବ୍ରାହ୍ମଣୀକଲ' ପତ୍ରିକା ଇଂରାଜୀରେ ପ୍ରକାଶିତ କରିଥିଲେ । "ସମ୍ବାଦ କୌମୁଦୀ'', ବଙ୍ଗଳାରେ ଏବଂ ୧୮୨୨ରେ ପାର୍ସୀ ଭାଷାରେ "ମିରାଟ୍ ଉଲ୍ ଆକବର' ନାମକ ପତ୍ରିକା ପ୍ରକାଶ କରିଥିଲେ ।

୧୮୫୭ ସିପାହୀ ବିଦ୍ରୋହ (ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦିଆଯାଏ)ର ପ୍ରଭାବ ଥିଲା ସୁଦୂର ପ୍ରସାରୀ । ଯଦିଓ କେତେକ ଉର୍ଦ୍ଦୁ ଓ ହିନ୍ଦୀ ଖବରକାଗଜ ବ୍ୟତୀତ ଅନ୍ୟ କାଗଜ ଏ ସଂପର୍କରେ ଖବର ପ୍ରାୟତଃ ଛାପିନଥିଲେ । ବିଦ୍ରୋହ ପରେ ବନ୍ଧୁତ୍ୱ ସ୍ଥାପନ ପାଇଁ ଲର୍ଡ କେନିଙ୍ଗ୍‌ଙ୍କ ପ୍ରସ୍ତାବକୁ ଇଂରାଜୀ ଖବରକାଗଜଗୁଡ଼ିକ ପ୍ରକାଶ୍ୟ ଭାବେ ଅଗ୍ରାହ୍ୟ କଲେ ଏବଂ ଏହାର ନିନ୍ଦା କରିବାକୁ ଲାଗିଲେ । କହିବାକୁ ଗଲେ – ସେଇ ସମୟର ଇଂରାଜୀ ଖବରକାଗଜଗୁଡ଼ିକ ବର୍ଣ୍ଣଭେଦ ଦ୍ୱେଷର ଉଦାହରଣ ପାଲଟି ଯାଇଥିଲେ । ସେମାନେ ଇଂରେଜ ସରକାରଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ସମର୍ଥନ ଜଣାଇଲେ । ଯେତେବେଳେ କି ଭାରତୀୟ ଭାଷାରେ ପ୍ରକାଶିତ ଖବରକାଗଜଗୁଡ଼ିକ ନିଜ ଦେଶର ମଣିଷଙ୍କୁ ସମର୍ଥନ କଲେ । ଫଳରେ ଖବରକାଗଜ ଜଗତ ଏକ ପ୍ରକାରେ ଭାଗ ଭାଗ ହୋଇଗଲା । ଏହା ଭାରତରେ ଜାତୀୟତାବାଦୀ ସାମ୍ବାଦିକତା ଅଧ୍ୟାୟ ସୃଷ୍ଟି ଦିଗରେ ସହାୟକ ହୋଇଥିଲା । ସିପାହୀ ବିଦ୍ରୋହ ଭାରତୀୟ ସାମ୍ବାଦିକତା ଏବଂ ସ୍ୱାଧୀନତା ସଂଗ୍ରାମକୁ ନୂଆ ମୋଡ ଦେଇଥିଲା । ଜାତୀୟ ଜାଗରଣ ସୃଷ୍ଟିର ମୂଳଦୁଆ ପକାଇଥିଲା ।

## ୧.୫ ଭାରତୀୟ ଖବରକାଗଜ ପ୍ରତି ବଙ୍ଗଳାର ଗୁରୁତ୍ୱପୂର୍ଣ୍ଣ ଅବଦାନ

ବଙ୍ଗଳା ହେଉଛି ସାମ୍ବାଦିକତା ଏବଂ ପ୍ରେସ୍‌ର ଜନ୍ମଭୂମି । ଭାରତର ପ୍ରଥମ ସାମୟିକ ପତ୍ରିକା ହେଉଛି "ଦିଗ୍ ଦର୍ଶନ' । ଏହା ଥିଲା ମାସିକ ସଂସ୍କରଣ , ଯାହାକି ୧୮୧୮ ମସିହାରେ ପ୍ରକାଶିତ ହୋଇଥିଲା । ଏହିପରି ୧୮୧୮ରେ ବଙ୍ଗାଳୀ ସାପ୍ତାହିକ ପତ୍ରିକା "ସମାଚାର ଦର୍ପଣ' ବି ପ୍ରକାଶ ପାଇଥିଲା । ୧୮୯୦ ମସିହାଯାଏଁ ଏହା ସଫଳଭାବେ ତିଷ୍ଠି ପାରିଥିଲା । ଏହିପରି ଅନେକ ଖବରକାଗଜ କଲିକତା, ବମ୍ବେ ଏବଂ ମାନ୍ଦ୍ରାଜରୁ ପ୍ରକାଶ ପାଇଲା । ୧୮୨୨ ମସିହାରେ ମର୍ଜବନ୍ ଏକ ଗୁଜୁରାଟି ସାପ୍ତାହିକୀ "ବମ୍ବେ ସମାଚାର' ପ୍ରକାଶ କଲେ । ଏହା ସମ୍ପୂର୍ଣ୍ଣରୂପେ ଲୋକଙ୍କ ଇଚ୍ଛାକୁ ନେଇ ଖବର ପ୍ରକାଶ କରୁଥିଲା । ଏହିପରି ଭାରତର ଅଧିକାଂଶ ସାମ୍ବାଦିକ ବଙ୍ଗଳାର ହୋଇଥିବା ବେଳେ ସେମାନେ ସାମ୍ବାଦିକତା ମାଧ୍ୟମରେ ସମାଜ ସଂସ୍କାର ତଥା ସ୍ୱାଧୀନତା ସଂଗ୍ରାମ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଭାରତର ଅଧିକାଂଶ ପତ୍ରପତ୍ରିକାର ଉତ୍ପତ୍ତି ବଙ୍ଗଳା ଓ ଗୁଜୁରାଟି ଭାଷାରୁ ଘଟିଛି । ଅରବିନ୍ଦ ଘୋଷ, ସୁରେନ୍ଦ୍ରନାଥ ବାନାର୍ଜୀ, ରାଜା ରାମମୋହନ ରାୟ ଆଦି ବଙ୍ଗଳା ଭାଷାର ପ୍ରମୁଖ ଲେଖକ ।

## ୧.୬ ଭାରତରେ ପ୍ରେସ୍ ଆଇନର ମୂଳକ୍ରିୟା

ଊନ୍ନବିଂଶ ଶତାବ୍ଦୀରେ ଭାରତୀୟ ଗଣମାଧ୍ୟମ ନିଜର ସ୍ୱାଧୀନତା ପାଇଁ ଲଢ଼େଇ ଆରମ୍ଭ କଲା । ଯେଉଁ ଆଇନ ଦୁଇଟି ଖବରକାଗଜ ଜଗତକୁ ପ୍ରଭାବିତ କରିଥିଲା, ସେ ଦୁଇଟି ହେଉଛି- ପ୍ରେସ୍ ଆଇନ ୧୮୫୭ ଏବଂ ଭର୍ଣ୍ଣାକୁଲାର୍ (ଆଞ୍ଚଳିକ) ପ୍ରେସ୍ ଆଇନ ୧୮୭୮ । କେତେକ ଐତିହାସିକ ମତ ଦିଅନ୍ତି – ଏହି ଦୁଇଟି ଆଇନ ଭାରତୀୟଙ୍କୁ ଇଂରେଜ ଶାସନ ବିରୋଧରେ ଏକାଠି କରିବାରେ ସାହାଯ୍ୟ କରିଥିଲା । ଏତିକିବେଳେ ତତ୍କାଳୀନ ଭାଇସରାୟ ବଙ୍ଗଭଙ୍ଗ କଲେ । ସାରା ଦେଶରେ ପ୍ରତିବାଦର ସ୍ୱର ଉତ୍ତୋଳନ ହେଲା । ଏହା ବିରୋଧରେ ଆନ୍ଦୋଳନ ତୀବ୍ର ହେଲା ଏବଂ ଜାତୀୟ ପ୍ରେସ୍ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କଲା ।

ପ୍ରଥମ ସଂଗ୍ରାମ ଆରମ୍ଭ ହେଲା ୧୩ ମଇ, ୧୭୯୯ରେ, ଯେତେବେଳେ ୱେଲସଲି ପ୍ରେସ୍ ଆଇନ ପ୍ରଣୟନ କଲେ । ଏଥିରେ ଖବରକାଗଜ ସଂସ୍ଥାର ନାମ, ସମ୍ପାଦକ, ମାଲିକ ଏବଂ ଛାପାସଂସ୍ଥା (ପ୍ରେସ୍)ର ନାମ ଉପସ୍ଥାପନ କରିବା ସ୍ଥିରୀକୃତ ହୋଇଥିଲା । ଏହି ଆଇନ୍ ଉଲ୍ଲଂଘନ କଲେ ତୁରନ୍ତ ନିର୍ବାସନ ଏବଂ ଜୋରିମାନାର ନିୟମ ରହିଥିଲା । ଏହି ଆଇନର ବିରୁଦ୍ଧରେ ସ୍ୱର ଉତ୍ତୋଳନ ବା ସୁରକ୍ଷା ଦେବା ପାଇଁ ଅସମର୍ଥ ଥିଲା । କାରଣ ଏହି ନିୟମ ମାନିବାକୁ ସେମାନେ ବାଧ୍ୟ ଥିଲେ, ଯେହେତୁ ସେମାନଙ୍କ ସାମ୍ବାଦିକତା ସ୍ୱାଧୀନତା ବୋଲି କୌଣସି ଅଧିକାର ନଥିଲା । ସରକାରୀ କର୍ମଚାରୀଙ୍କୁ ପ୍ରେସ୍ ସହିତ କୌଣସି ସମ୍ପର୍କ ନ ରଖିବାକୁ କଡାକଡି ବାରଣ କରାଯାଇଥିଲା ।

ସାର୍ ଚାର୍ଲସ୍ ମେଟକାଲ୍ଫେ ଭାରତର ପ୍ରେସ୍ ଆଇନରେ ପରିବର୍ତ୍ତନ ଆଣିଥିଲେ । ସେ ଇତିହାସକୁ ମନେପକାଇ ଭାରତୀୟ ସାମ୍ବାଦିକତାକୁ ସମ୍ପୂର୍ଣ୍ଣରୂପେ ନିଜ ଜ୍ଞାତସାରକୁ ଆଣିଥିଲେ । ଇଷ୍ଟଇଣ୍ଡିଆ କମ୍ପାନୀର ସେ ସମ୍ପୂର୍ଣ୍ଣରୂପେ ସମର୍ଥକ ଥିଲେ । ମେଟକାଲ୍ଫେ ହେଉଛନ୍ତି ପ୍ରଥମ ବ୍ରିଟିଶ ଶାସକ ଯିଏକି ଗଭର୍ଣ୍ଣର ଜେନେରାଲ ହୋଇ ପ୍ରେସ୍ ନିମନ୍ତେ ବାରଣ ହୋଇଥିବା ସମସ୍ତ ଆଇନ୍ ଯଥାକ୍ରମେ ୧୮୨୩, ୧୮୨୫ ଏବଂ ୧୮୨୭କୁ ନିରସିତ କରିଥିଲେ । ଏଥିପାଇଁ ତାଙ୍କୁ "ପ୍ରେସ୍ ସ୍ୱାଧୀନତାର ଜନକ' କୁହାଯାଏ । ଚାର୍ଲସ୍ ମେଟକାଲ୍ଫେ ନିଜ ନୂତନ ଆଇନରେ ପ୍ରକାଶ କଲେ ଯେ, ସବୁ କମ୍ପାନୀ ପାଇଁ ସମାନ ନିୟମ ଲାଗୁହେବ । ଏଥିରେ ସାମ୍ବାଦିକ ସ୍ୱାଧୀନଭାବେ ନିଜ ମତବ୍ୟକ୍ତ ଏବଂ ରିପୋର୍ଟ ପ୍ରସ୍ତୁତ କରିପାରିବେ । ମାତ୍ର ଏହି ଆଇନକୁ ବୋର୍ଡର ନିର୍ଦ୍ଦେଶକ ଅଗ୍ରାହ୍ୟ କରିବା ସହ ଚାର୍ଲସ୍ ମେଟକାଲ୍ଫେଙ୍କୁ ଗଭର୍ଣ୍ଣର ପଦରୁ ଇସ୍ତଫା ଦେବାକୁ ପଡିଥିଲା । ସେ ନିଜ କ୍ୟାରିୟରକୁ ଉତ୍ସର୍ଗ କରିଥିଲେ ସତ ମାତ୍ର ଭାରତୀୟ ସାମ୍ବାଦିକତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଯାତ୍ରାର ଆରମ୍ଭ କରିଗଲେ ।

## ୧.୭ ସ୍ୱାଧୀନତା ସଂଗ୍ରାମର ପ୍ରଥମାର୍ଦ୍ଧରେ ପ୍ରେସ୍‌ର ଅବସ୍ଥିତି

ସ୍ୱାଧୀନତା ସଂଗ୍ରାମର ପ୍ରଥମାର୍ଦ୍ଧରେ ଗଭର୍ଣ୍ଣର ଜେନେରାଲ ଲର୍ଡ କେନିଙ୍ଗ୍ ୧୮୫୭ ଆଇନ ଲାଗୁକରିଥିଲେ । ଏହି ଆଇନ ଆଧାରରେ କୌଣସି ପ୍ରେସ୍ ବା ଖବରକାଗଜ ବିନା ଲାଇସେନ୍ସରେ କୌଣସି ଖବରକାଗଜ ବା ପୁସ୍ତକ ଛାପି ପାରିବେ ନାହିଁ । ଏହି ଆଇନ ଉଭୟ ଇଂରାଜୀ ଏବଂ ଅନ୍ୟାନ୍ୟ ଖବରକାଗଜ ପାଇଁ ଜାରି ହୋଇଥିଲା । ଏହି ଅଧିନିୟମ ବର୍ଷେ ବା ତଦୁର୍ଦ୍ଧ୍ୱ ରହିବ ବୋଲି ଘୋଷଣା ହୋଇଥିଲା । ଏହା ଅଧିକ କ୍ଷତିକାରକ ହେବା ପୂର୍ବରୁ ୧୮୫୮, ଜୁନ୍ ୧୩ରେ ଏହାକୁ ରଦ୍ଦ କରାଯାଇଥିଲା । ଏହି ସମୟରେ ଆଜିମୁଲହା ଖାନ୍ ଆରମ୍ଭ କଲେ "ପାୟମ୍-ଏ-ଆଜାଦୀ' । ଏଥିରେ ସିଧାସଳଖ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଲେଖା ପ୍ରକାଶ ହେଉଥିଲା । ଏହି ସମୟରେ ସାମ୍ବାଦିକତା ଘଟଣାବହୁଳ ସହ ଗୁରୁତ୍ୱପୂର୍ଣ୍ଣ ଭାବରେ ସମାଜ ସମ୍ମୁଖରେ ପ୍ରକାଶିତ ହେଲା ।

ପ୍ରଥମ ସଂଗ୍ରାମ ଆରମ୍ଭ ହେଲା ୧୩ ମଇ, ୧୭୯୯ରେ, ଯେତେବେଳେ ୱେଲସଲି ପ୍ରେସ୍ ଆଇନ୍ ପ୍ରଣୟନ କଲେ । ଏଥିରେ ଖବରକାଗଜ ସଂସ୍ଥାର ନାମ, ସମ୍ପାଦକ, ମାଲିକ ଏବଂ ଛାପାସଂସ୍ଥା (ପ୍ରେସ୍)ର ନାମ ଉପସ୍ଥାପନ କରିବା ସ୍ଥିରୀକୃତ ହୋଇଥିଲା । ଏହି ଆଇନ୍ ଉଲ୍ଲଂଘନ କଲେ ତୁରନ୍ତ ନିର୍ବାସନ ଏବଂ ଜୋରିମାନାର ନିୟମ ରହିଥିଲା । ଏହି ଆଇନର ବିରୁଦ୍ଧରେ ସ୍ୱର ଉତ୍ତୋଳନ ବା ସୁରକ୍ଷା ଦେବା ପାଇଁ ଅସମର୍ଥ ଥିଲା । କାରଣ

ଏହି ନିୟମ ମାନିବାକୁ ସେମାନେ ବାଧ୍ୟଥିଲେ, ଯେହେତୁ ସେମାନଙ୍କ ସାମ୍ବାଦିକତା ସ୍ୱାଧୀନତା ବୋଲି କୌଣସି ଅଧିକାର ନଥିଲା । ସରକାରୀ କର୍ମଚାରୀଙ୍କୁ ପ୍ରେସ୍ ସହିତ କୌଣସି ସମ୍ପର୍କ ନ ରଖିବାକୁ କଡାକଡି ବାରଣ କରାଯାଇଥିଲା ।

ସାର୍ ଚାର୍ଲସ୍ ମେଟକାଲ୍ଫେ ଭାରତର ପ୍ରେସ୍ ଆଇନ୍‌ରେ ପରିବର୍ତ୍ତନ ଆଣିଥିଲେ । ସେ ଇତିହାସକୁ ମନେପକାଇ ଭାରତୀୟ ସାମ୍ବାଦିକତାକୁ ସମ୍ପୂର୍ଣ୍ଣରୂପେ ନିଜ ଜ୍ଞାତସାରକୁ ଆଣିଥିଲେ । ଇଷ୍ଟଇଣ୍ଡିଆ କମ୍ପାନୀର ସେ ସମ୍ପୂର୍ଣ୍ଣରୂପେ ସମର୍ଥକ ଥିଲେ । ମେଟକାଲ୍ଫେ ହେଉଛନ୍ତି ପ୍ରଥମ ବ୍ରିଟିଶ ଶାସକ ଯିଏକି ଗଭର୍ଣ୍ଣର ଜେନେରାଲ ହୋଇ ପ୍ରେସ୍ ନିମନ୍ତେ ବାରଣ ହୋଇଥିବା ସମସ୍ତ ଆଇନ ଯଥାକ୍ରମେ ୧୮୨୩, ୧୮୨୫ ଏବଂ ୧୮୨୭କୁ ନିରସିତ କରିଥିଲେ । ଏଥିପାଇଁ ତାଙ୍କୁ "ପ୍ରେସ୍ ସ୍ୱାଧୀନତାର ଜନକ' କୁହାଯାଏ । ଚାର୍ଲସ୍ ମେଟକାଲ୍ଫେ ନିଜ ନୂତନ ଆଇନରେ ପ୍ରକାଶ କଲେ ଯେ, ସବୁ କମ୍ପାନୀ ପାଇଁ ସମାନ ନିୟମ ଲାଗୁହେବ । ଏଥିରେ ସାମ୍ବାଦିକ ସ୍ୱାଧୀନଭାବେ ନିଜ ମତବ୍ୟକ୍ତ ଏବଂ ରିପୋର୍ଟ ପ୍ରସ୍ତୁତ କରିପାରିବେ । ମାତ୍ର ଏହି ଆଇନକୁ ବୋର୍ଡର ନିର୍ଦ୍ଦେଶକ ଅଗ୍ରାହ୍ୟ କରିବା ସହ ଚାର୍ଲସ୍ ମେଟକାଲ୍ଫେଙ୍କୁ ଗଭର୍ଣ୍ଣର ପଦରୁ ଇସ୍ତଫା ଦେବାକୁ ପଡିଥିଲା । ସେ ନିଜ କ୍ୟାରିୟରକୁ ଉତ୍ସର୍ଗ କରିଥିଲେ ସତ ମାତ୍ର ଭାରତୀୟ ସାମ୍ବାଦିକତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଯାତ୍ରାର ଆରମ୍ଭ କରିଗଲେ ।

ଖବରକାଗଜ ଓ ସ୍ୱାଧୀନତା ସଂଗ୍ରାମ ମଧ୍ୟରେ ନିବିଡ ସମ୍ପର୍କ ବ୍ରିଟିଶ ସରକାରଙ୍କ ପାଇଁ ବିଶେଷ ସମସ୍ୟା ସୃଷ୍ଟି କଲା । ଏଥିପାଇଁ ପ୍ରେସ୍ ବିରୋଧୀ ଅନେକ ଆଇନ ପ୍ରଣୟନ କରାଗଲା ଓ ତାକୁ କଡାକଡିଭାବେ ଲାଗୁ କରାଗଲା । ଜୋର ଜବରଦସ୍ତ ଖବରକାଗଜ ବନ୍ଦ କରି ଦିଆଗଲା ।

ଊନ୍ନବିଂଶ ଶତାବ୍ଦୀର ମଧ୍ୟଭାଗରେ "ଦି ଟାଇମ୍ସ ଅଫ୍ ଇଣ୍ଡିଆ' (୧୮୬୧), "ଦି ପାୟୋନିୟର' (୧୮୬୧), "ଦି ଷ୍ଟେଟ୍‌ସମେନ୍ ଫ(୧୮୭୫) ଏବଂ "ଦି ହିନ୍ଦୁ' (୧୮୭୮) ରେ ଶକ୍ତିଶାଳୀ ଖବରକାଗଜରୂପେ ମୁଣ୍ଡ ଟେକିଥିଲେ । ମାତ୍ର ବମ୍ବେରୁ ପ୍ରକାଶିତ "ଫ୍ରି' ପ୍ରେସ୍' ଜର୍ଣ୍ଣାଲ, ଲକ୍ଷ୍ନୌରୁ ପ୍ରକାଶିତ "ନେସନାଲ ହେରାଲ୍ଡ୍', ଦିଲ୍ଲୀରୁ ପ୍ରକାଶିତ "ହିନ୍ଦୁସ୍ତାନ ଟାଇମ୍ସ', ମାନ୍ଦ୍ରାଜରୁ ପ୍ରକାଶିତ "ସ୍ୱରାଜ୍ୟ' ଏବଂ ପାଟନାରୁ ପ୍ରକାଶିତ "ଦି ସର୍ଚ୍ଚ ଲାଇଟ୍' ପ୍ରେସ୍ ବିରୋଧୀ ଆଇନ ଦ୍ୱାରା ସର୍ବାଧିକ ପ୍ରଭାବିତ ହେଲେ । ଏହି କାରଣରୁ ସ୍ୱାଧୀନତା ପୂର୍ବରୁ ଖବରକାଗଜର ମୃତ୍ୟୁହାର ଥିଲା ଖୁବ୍ ଅଧିକ । ସ୍ୱାଧୀନତା ପୂର୍ବରୁ ପ୍ରକାଶିତ ଖବରକାଗଜରୁ ମାତ୍ର ୫୦ ପାଖାପାଖି (ତାଲିକା ପରିଶିଷ୍ଟ-୪ରେ ରହିଛି) ଆଜି ଯାକେ ବଞ୍ଚି ରହିଛନ୍ତି ।

## ୧.୮ ଊନ୍ନବିଂଶ ଶତାବ୍ଦୀରେ ପ୍ରେସ୍

ଲର୍ଡ କର୍ଜନଙ୍କ ୧୯୦୫ ମସିହାରେ ବଙ୍ଗଭଙ୍ଗ ପରେ ସେ ଦେଖିବାକୁ ପାଇଲେ ଯେ, ତାଙ୍କର ଏଭଳି ଆଇନକୁ କେହି ମାନିବାକୁ ରାଜି ନାହାଁନ୍ତି । ଜାତୀୟସ୍ତରର ଖବରକାଗଜ ଏହି ସମୟରେ ତୀବ୍ରରୂପେ ସଂଗ୍ରାମ କରିଥିଲେ । ଖବରକାଗଜ ମଧ୍ୟରେ କେ.କେ.ମିତ୍ରାଙ୍କ "ସଞ୍ଜୀବନୀ', ସୁରେନ୍ଦ୍ରନାଥ ବାନାର୍ଜୀଙ୍କ "ବେଙ୍ଗଲୀ', ମୋତିଲାଲ୍ ଘୋଷଙ୍କ "ଅମୃତବଜାର ପତ୍ରିକା', ବିପିନ ଚନ୍ଦ୍ର ପାଲଙ୍କ "ନ୍ୟୁ ଇଣ୍ଡିଆ' ଏବଂ ଆଜି ସିଂହଙ୍କ "ଭାରତ ମାତା' ଆଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଭାରତୀୟ ଜାତୀୟ କଂଗ୍ରେସ ୧୮୮୫ ରେ ପ୍ରତିଷ୍ଠା ହେଲା ପରେ ଏହା ସାମ୍ବାଦିକତା ଦୁନିଆରେ ପ୍ରଭାବ ପକାଇଥିଲା । ଏହି ସମୟରୁ ହିଁ ଜାତୀୟତାବାଦର ବିଗୁଲ ଖବରକାଗଜ ମାଧ୍ୟମରେ ସ୍ପଷ୍ଟଭାବେ ଜୋରଧରିଲା ।

ବିଂଶ ଶତାବ୍ଦୀର ଆରମ୍ଭରେ ଭାରତୀୟ ସାମ୍ବାଦିକତା ଜଗତକୁ ସର୍ବାଧିକ ପ୍ରଭାବିତ କଲେ ମହାତ୍ମା ଗାନ୍ଧୀ। ଗାନ୍ଧୀ ନିଜେ ସାମ୍ବାଦିକତା ଜଗତରେ ଦୀର୍ଘ ୪୫ ବର୍ଷରୁ ଅଧିକ ସମୟ ସକ୍ରିୟ ଥିଲେ । ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣଭେଦ ବିରୋଧୀ ଆନ୍ଦୋଳନ ସମୟରେ ୧୯୦୩ରେ ସେ "ଇଣ୍ଡିଆନ୍ ଓପିନିଅନ' ଆରମ୍ଭ କରିଥିଲେ । ଏହା ଏକ ୧୬ ପୃଷ୍ଠା ବିଶିଷ୍ଟ ସାପ୍ତାହିକ ଟାବ୍ଲଏଡ୍ କାଗଜ ଥିଲା । ପ୍ରତି ଶନିବାର ଦିନ "ଇଣ୍ଡିଆନ୍ ଓପିନିଅନ୍' ଚାରୋଟି ଭାଷାରେ ପ୍ରକାଶିତ ହେଉଥିଲା । ଯାହା ସେଠାକାର ଜନମତକୁ ବିଶେଷଭାବେ ପ୍ରଭାବିତ କରିଥିଲା । ୧୯୧୪ରେ ଗାନ୍ଧୀ ଦକ୍ଷିଣ ଆଫ୍ରିକା ଛାଡିବା ପର୍ଯ୍ୟନ୍ତ ଏହାର ପ୍ରକାଶନ ଜାରି ରହିଥିଲା । ଭାରତରେ ୧୯୧୯ ରେ ଗାନ୍ଧୀ ଦୁଇଟି ସାପ୍ତାହିକ ପତ୍ରିକା ଆରମ୍ଭ କଲେ । "ୟଙ୍ଗ୍ ଇଣ୍ଡିଆ' ଏବଂ "ନବଜୀବନ' । ୧୯୩୩ ମସିହାରେ ଆରମ୍ଭ ହେଲା "ହରିଜନ' ।

ମହାତ୍ମା ଗାନ୍ଧୀ ନିଜେ ତିନୋଟି ଖବରକାଗଜର ସମ୍ପାଦକ ଥିଲେ । "ଇଣ୍ଡିଆନ ଓପିନିଅନ' (୧୯୦୩-୧୯୧୫), "ୟଙ୍ଗ୍ ଇଣ୍ଡିଆ' (୧୯୧୯-୧୯୩୧), ଏବଂ "ହରିଜନ' (୧୯୩୩-୧୯୪୨, ୧୯୪୬-୧୯୪୮, ଜାନୁଆରୀ) । ଦକ୍ଷିଣ ଆଫ୍ରିକାରେ "ଇଣ୍ଡିଆନ ଓପିନିଅନ' ପ୍ରଥମେ ଇଂରାଜୀ, ଗୁଜୁରାଟୀ, ତାମିଲ୍ ଏବଂ ହିନ୍ଦୀ ଭାଷାରେ ପ୍ରକାଶିତ ହେଉଥିଲା । ୟଇଣ୍ଡିଆ' ମଧ୍ୟଇଂରାଜୀକୁ ଛାଡି ଗୁଜୁରାଟୀ ଭାଷାରେ "ନବଜୀବନ' ନାମରେ ପ୍ରକାଶିତ ହେଉଥିଲା । ସେହିପରି ହରିଜନ ଉଭୟ ହିନ୍ଦୀ ଏବଂ ଗୁଜୁରାଟୀ ଭାଷାରେ ମଧ୍ୟ ବାହାରୁ ଥିଲା। ଏସବୁ ଖବରକାଗଜରେ ବିଭିନ୍ନ ସାମାଜିକ ଓ ରାଜନୈତିକ ପ୍ରସଙ୍ଗରେ ମାହାତ୍ମା ଗାନ୍ଧିଙ୍କର ନିଜସ୍ୱ ମତ ବିଶେଷ ଭାବେ ପ୍ରତିଫଳିତ ହେଉଥିଲା । ଗାନ୍ଧୀ ନିଜେ ଏହି କାଗଜଗୁଡିକ ପାଇଁ ଅନେକ ଲେଖା ଲେଖୁଥିଲେ । ଏକ ଆକଳନ ଅନୁସାରେ, ଗାନ୍ଧୀ ନିଜ ଜୀବନ କାଳରେ ୧୦ ନିୟୁତରୁ ଅଧିକ ଶବ୍ଦ ଲେଖିଛନ୍ତି । ଶବ୍ଦର ଯାଦୁକର ଗାନ୍ଧୀଙ୍କର ଖବରକାଗଜଗୁଡିକର ପ୍ରଭାବ ଲୋକଙ୍କ ଉପରେ ସୁଦୂରପ୍ରସାରୀ ଥିଲା ।

ଗାନ୍ଧୀଙ୍କ ସମ୍ପାଦିତ ଖବରକାଗଜରେ ତାଙ୍କ ଅଭିପ୍ରାୟ ଗୁଡିକ ସ୍ପଷ୍ଟ ବାରି ହୋଇପଡୁଥିଲା, ଯେମିତିକି -


My Mouth is Gagged
HARIJAN
MAHADEV DESAI
Late Shri Mahadev Desai

୧- ଲୋକପ୍ରିୟ ବା ପ୍ରଚଳିତ ବିଚାରଧାରାକୁ ବୁଝିବା ଓ ତାକୁ ଗୁରୁତ୍ୱ ଦେବା

୨- ଲୋକପ୍ରିୟ ଖୁଣ(ଜାତିପ୍ରଥା,ନାରୀଶିକ୍ଷା) ଇତ୍ୟାଦି ଉପରେ ବିଚାର କରିବା

୩- ତାଙ୍କର କୌଣସି ଆଲେଖ୍ୟରେ ରାଗ,ଦ୍ୱେଷ ବା ସାଲିସ୍ ପ୍ରକାଶ ପାଉନଥିଲା।

୪- ବିଷୟ ଓ ଶବ୍ଦର ପ୍ରୟୋଗରେ ସନ୍ତୁଳନ ରକ୍ଷା କରୁଥିଲେ।

୫- କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ପ୍ରକାଶ ପାଉଥିବା ପତ୍ରିକାଗୁଡିକୁ ସହାୟତା କରୁନଥିଲେ।

ସ୍ୱାଧୀନତା ସଂଗ୍ରାମର ଅନେକ ମହାନାୟକ ଖବରକାଗଜକୁ ଇଂରେଜ ବିରୋଧୀ ଅସ୍ତ୍ର ଭାବେ ବ୍ୟବହାର କରିଥିଲେ । ସେମାନେ ନିଜେ ଖବରକାଗଜ ଛାପୁଥିଲେ କିମ୍ୱା ତାହାର ପୃଷ୍ଠପୋଷକ ଥିଲେ । ଖବରକାଗଜ ମଧ୍ୟରେ କେ. କେ. ମିତ୍ରାଙ୍କ "ସଞ୍ଜୀବନୀ', ସୁରେନ୍ଦ୍ରନାଥ ବାନାର୍ଜୀଙ୍କ "ବେଙ୍ଗଲୀ', ମୋତିଲାଲ୍ ଘୋଷଙ୍କ "ଅମୃତବଜାର ପତ୍ରିକା', ବିପିନ ଚନ୍ଦ୍ର ପାଲଙ୍କ "ନ୍ୟୁ ଇଣ୍ଡିଆ' ଏବଂ ଆଜି ସିଂହଙ୍କ "ଭାରତ ମାତା' ଆଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ୧.୯ ପ୍ରେସ୍‌ର ଭାଷା ଏବଂ ଜାତୀୟ ଉନ୍ନତି

ଭାରତୀୟ ସ୍ୱାଧୀନତା ସଂଗ୍ରାମ ପ୍ରତି ଭାଷା ସାମ୍ବାଦିକତାର ଯଥେଷ୍ଟ ଅବଦାନ ରହିଛି । ଖବର ଦେବା ବ୍ୟତୀତ ଲୋକଙ୍କୁ ମତେଇବାରେ, ତତେଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ମହାତ୍ମା ଗାନ୍ଧୀ ଏହି ଧାରାକୁ ନୂଆ ଦିଶା ଦେଇଥିଲେ । ଗାନ୍ଧି ଆସିବା ପରେ ଆଞ୍ଚଳିକ ଭାଷାର ଅଧିକାଂଶ ଖବରକାଗଜ ଗାନ୍ଧୀ ମୁହାଁ ହୋଇଗଲେ । ସ୍ୱାଧୀନତା ଆନ୍ଦୋଳନ ନିଆଁରେ ଘିଅ ଢାଳିଲେ । କେତେକ ଭାଷାରେ ଖବରକାଗଜଗୁଡିକ ସମ୍ପୃକ୍ତ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଏବଂ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ।

## ୧.୧୦ ପ୍ରଥମ ପ୍ରେସ୍ କମିଶନଙ୍କ ପ୍ରତିଷ୍ଠା

ପ୍ରେସ୍ କମିଶନ୧୯୫୨, ସେପ୍ଟେମ୍ବର ୨୩ରୁ ଅନେକ ଆଇନ ପ୍ରଣୟନ ଏବଂ ପ୍ରେସ୍‌ର ଉନ୍ନତି ସକାଶେ ପ୍ରତିଷ୍ଠା ପାଇଛି । ଜେ.ଏସ୍. ରାଜାଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରେସ୍ କମିଶନଙ୍କ ପ୍ରତିଷ୍ଠା ହୋଇଥିଲା । ଏଥିରେ ପ୍ରେସ୍ କାଉନସିଲ୍ ଏବଂ ପ୍ରେସ୍ ରେଜିଷ୍ଟ୍ରାର ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟରତ ସାମ୍ବାଦିକତା ଅଧିନିୟମ, ୧୯୫୫ ଲାଗୁ କରାଯାଇ ଏ ଦିଗରେ ନୂଆ ପଦକ୍ଷେପ ନିଆଯାଇଥିଲା ।

## ୧.୧୧ ଜରୁରୀକାଳୀନ ପରିସ୍ଥିତିରେ ପ୍ରେସ୍

ପ୍ରଧାନମନ୍ତ୍ରୀ ଶ୍ରୀମତି ଇନ୍ଦିରା ଗାନ୍ଧି ୧୯୭୫ରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ ଏବଂ ପ୍ରେସ୍ ଉପରେ ନାନାଦି କଟକଣା ଜାରି କଲେ । ଏହି ସମୟରେ ଚାପଗ୍ରସ୍ତ ହୋଇ ଅନେକ ଗଣମାଧ୍ୟମ ସଂସ୍ଥା ବନ୍ଦ ହୋଇଗଲା । ମାତ୍ର ନିମ୍ନ ପଦସ୍ଥ ପ୍ରେସ୍ ସଂଘର୍ଷ କରିବା ସହ ସଫଳ ହୋଇପାରିଥିଲେ । ପ୍ରେସ୍ କାଉନସିଲ୍ ଅଧିନିୟମ ୧୯୭୬ରେ ଲାଗୁ କରାଗଲା ଏବଂ ଜରୁରୀକାଳୀନ ପରିସ୍ଥିତି ସମାପ୍ତ ହେବା ପରେ ଏହାକୁ ପୁନଃଗଠନ ବି କରାଗଲା । ପୁନର୍ବାର ୧୯୭୮, ମଇ ୨୯ରେ ପ୍ରେସ୍ କମିଶନ ଗଠିତ ହେଲା । ଏଥିରେ ନିଷ୍ପତ୍ତି ନିଆଗଲା ଯେ, ଦେଶର ଉନ୍ନତିରେ ପ୍ରେସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ଏବଂ ପ୍ରେସ୍‌କୁ ସ୍ୱାଧୀନତା ମିଳିବ ।

ବୈଷୟିକ ଜ୍ଞାନର ବିକାଶ ଫଳରେ ଖବରକାଗଜର ପ୍ରକାଶନର ମାଧ୍ୟମ ବି ପରିବର୍ତ୍ତିତ ହେବାରେ ଲାଗିଲା । ପରେ ପରେ ଗରମ ମେଟାଲ ପେଷ୍ଟରରୁ ବାହାରିବା ପରିବର୍ତ୍ତେ ଅଫ୍‌ସେଟ୍‌ର ବ୍ୟବହାର ସହ ରଙ୍ଗୀନ ଖବରକାଗଜ ଉପଲବ୍ଧ ହେଲା । ଅନ୍ୟାନ୍ୟ ପ୍ରକାଶନ ଯଥାକ୍ରମେ- ରବିବାର, ପତ୍ରିକା, ପ୍ରତିଦିନ, ସାପ୍ତାହିକୀ ଆଦି ପ୍ରକାଶ ପାଇଲା ।

ସ୍ୱାଧିନତା ପରବର୍ତ୍ତୀ ଭାରତରେ ପ୍ରେସ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥିଲା । ପ୍ରେସ୍‌ର ଗୁରୁତ୍ୱ ବଢ଼ିବା ସହିତ ଉତ୍ତରଦାୟିତ୍ୱ ମଧ୍ୟବଢ଼ିଯାଇଥିଲା ।

'୧ - ଲୋକଙ୍କୁ ଶିକ୍ଷିତ କରାଇବା

୨ - ଯୋଜନାବଦ୍ଧ ଅର୍ଥବ୍ୟବସ୍ଥାକୁ ବ୍ୟବସ୍ଥିତ କରାଇବା

୩ - ଜନସଂଖ୍ୟା ନିୟନ୍ତ୍ରଣ

୪ - ବିଶ୍ୱଏକତ୍ରୀକରଣ

୫ - ଲୋକମତକୁ ସୁସଂଗଠିତ କରାଇବା

୬ - ସୂଚନା, ଶିକ୍ଷା ଓ ମନୋରଞ୍ଜନ ପ୍ରଦାନ କରିବା ଇତ୍ୟାଦି କ୍ଷେତ୍ରରେ ପ୍ରେସ୍ ତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା ।

କାଳକ୍ରମେ ସାମ୍ବାଦିକତା ପେସାଗତ ଜୀବିକାରେ ପରିବର୍ତ୍ତିତ ହୋଇଛି । ଲେଖାଶୈଳୀ, ଉପସ୍ଥାପନ, ଲେ ଆଉଟ୍ ଡିଜାଇନ ଆଦିରେ ପରିବର୍ତ୍ତନ ଗଣମାଧ୍ୟମକୁ ଦୁନିଆକୁ ନୂଆ ରୂପ ଦେଇପାରିଛି । ବର୍ତ୍ତମାନର ସମାଜରେ ଗଣମାଧ୍ୟମ ବହୁଳ ମାତ୍ରାରେ ଅଗ୍ରଗାମୀ ଏବଂ ଶକ୍ତିଶାଳୀ ହେବାରେ ଲାଗିଛି ।

ବୈଷୟିକ ଜ୍ଞାନକୌଶଳର ଉନ୍ନତି ସାଙ୍ଗକୁ ଗଣମାଧ୍ୟମର ସୂଚନା ପ୍ରସାରଣ ବିସ୍ତୃତ ତଥା ଲୋକପ୍ରିୟତା ହାସଲ କରାପାରିଛି । ବର୍ତ୍ତମାନର ୨୪ ଘଣ୍ଟିଆ ସୂଚନା ପ୍ରସାରଣ ମାଧ୍ୟମରେ ପ୍ରତି ମୁହୂର୍ତ୍ତର ଟିକିନିଖି ଖବର ଦେବା ସହ ପ୍ରେସ୍ ଏବେ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିସାରିଛି । ଭାରତୀୟ ଗଣମାଧ୍ୟମ ନିଜ ପ୍ରତିଷ୍ଠାକାଳରୁ ଅନେକ ସଂଘର୍ଷମୟ ଯାତ୍ରା କରିଛି । ଏହାର ଫଳସ୍ୱରପ ବର୍ତ୍ତମାନ ସାରା ବିଶ୍ୱରେ ଭାରତୀୟ ଗଣମାଧ୍ୟମ ସଫଳତା ଏବଂ ସର୍ତ୍ତମୂଳକ କାର୍ଯ୍ୟ କରିବାରେ ଆଗେଇ ଚାଲିଛି ।

## ୧.୧୨ ଆସ ପ୍ରଗତି ମାପିବା

୧. ଭାରତର ପ୍ରଥମ ଖବରକାଗଜର ନାମ କ'ଣ ? କିଏ ଏହାର ପ୍ରତିଷ୍ଠାତା ଏବଂ ଏହାର ପ୍ରକାଶନ କେଉଁ ବର୍ଷ ହୋଇଥିଲା ?

୨. ସାମାଜିକ ସଂସ୍କାରରେ ପ୍ରେସ୍‌ର ଭୂମିକା କ'ଣ ?

୩. ପ୍ରେସ୍ ସ୍ୱାଧୀନତା ସଂଗ୍ରାମର ପ୍ରଥମାର୍ଦ୍ଧରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇଥିଲା । ଉପରୋକ୍ତ ଉକ୍ତିରେ ତୁମେ ଏଥିରେ ସହମତ/ଅସହମତ ? କାରଣ ଦର୍ଶାଅ ।

୪. ଆଞ୍ଚଳିକ ଭାଷାରେ ଖବର ପ୍ରକାଶନର ପ୍ରାଥମିକ କାରଣ କ'ଣ ?

# ଦ୍ୱିତୀୟ ଏକକ : ସ୍ୱାଧୀନତା ସଂଗ୍ରାମରେ ଗଣମାଧ୍ୟମର ଭୂମିକା, ସ୍ୱାଧୀନତା କାଳରୁ ଗଣମାଧ୍ୟମ

**ବିଷୟ ଗଠନ :**

୨.୧ ପଠନର ଉଦ୍ଦେଶ୍ୟ

୨.୨ ବିଷୟ ପରିଚୟ

୨.୩ ଗାନ୍ଧୀଙ୍କ ଜରୁରୀକାଳୀନ ପରିସ୍ଥିତି

୨.୪ ଆଞ୍ଚଳିକ ଖବରକାଗଜ ଏବଂ ସ୍ୱାଧୀନତା ସଂଗ୍ରାମରେ ଏମାନଙ୍କ ଭୂମିକା

୨.୫ ଆସ ପ୍ରଗତି ମାପିବା

## ୨.୧ ପଠନର ଉଦ୍ଦେଶ୍ୟ

ଏହି ବିଷୟ ଅଧ୍ୟୟନ କଲେ ଜାଣିପାରିବେ ପ୍ରେସ୍‌ର ସଂଗ୍ରାମ ଏବଂ ତଦନୁଯାୟୀ ଆଞ୍ଚଳିକ ଖବରକାଗଜର ଉତ୍ପତ୍ତି।

## ୨.୨ ବିଷୟ ପରିଚୟ

ଭାରତୀୟ ଗଣମାଧ୍ୟମର ଉତ୍ପତ୍ତି ଏବଂ ବହୁଳ ମାତ୍ରାରେ ବିସ୍ତାରର ମୂଳ ଉତ୍ସ ହେଉଛି ସ୍ୱାଧୀନତା ସଂଗ୍ରାମ। ଏହି ସମୟ ପ୍ରେସ୍ ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଥିଲା । ୧୮୮୫ ମସିହାରେ ଭାରତୀୟ କଂଗ୍ରେସର ପ୍ରତିଷ୍ଠା ଏହି ଧାରାକୁ ଆହୁରି ବଳବତ୍ତର କରିଦେଲା । କଂଗ୍ରେସ ଦଳର ଅଧିକାଂଶ ପ୍ରାର୍ଥୀ ଖବରକାଗଜର ସାମ୍ବାଦିକ ବା ସମ୍ପାଦକ ଥିଲେ । ଦାଦାଭାଇ ନାରୋଜୀ, ରାନାଡେ, ନରେନ୍ଦ୍ରନାଥ ସେନ୍ ଆଦି ସମସ୍ତେ ଏହି ଧାରାରେ ସମ୍ପୃକ୍ତ। ଭାରତୀୟ ଗଣମାଧ୍ୟମର ଲୋକପ୍ରିୟତା କେବଳ ସରକାରଙ୍କୁ କଟାକ୍ଷ କରିବା ଯୋଗୁଁ ହିଁ ବଢ଼ିଥିଲା । ସାମାଜିକ ସଂସ୍କାର ଆଣିବାର ମୂଳ ସତ୍ତା ବି ପ୍ରେସ୍ ବୋଲି କହିପାରିବା । ଭାରତର ସମସ୍ତ ସ୍ୱାଧୀନତା ସଂଗ୍ରାମୀ, ନେତା, ବକ୍ତା, ପ୍ରଭାବଶାଳୀ ବ୍ୟକ୍ତିଙ୍କ ସ୍ୱର ସାଜିଥିଲା ପ୍ରେସ୍ । ଏହି ସ୍ୱାଧୀନତା ସଂଗ୍ରାମରେ ଅରବିନ୍ଦ ଘୋଷ, ଆନି ବେଶାନ୍ତ, ଲଜପତ୍ ରାୟ, ସୁରେନ୍ଦ୍ରନାଥ ବାନାର୍ଜୀ, ଲୋକମାନ୍ୟ ତିଲକ୍ ଏବଂ ମହାତ୍ମା ଗାନ୍ଧୀ ଆଦି ପ୍ରମୁଖ ସାମ୍ବାଦିକ ନିଜ ପ୍ରଭାବଶାଳୀ ଲେଖାର ଯାଦୁ ଦେଖାଇଛନ୍ତି ।

ଲୋକମାନ୍ୟ ତିଲକ୍ ସ୍ୱାଧୀନତା ପାଇଁ ସାମ୍ବାଦିକତା ମାଧ୍ୟମରେ ନାନାଦି କଷ୍ଟଦାୟକ ସଂଗ୍ରାମ କରିଛନ୍ତି। ସେ ମରାଠୀରେ ସାପ୍ତାହିକୀ "କେଶରୀ' ଏବଂ ଇଂରାଜୀରେ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସମସ୍ୟା ଉପରେ ଆଧାରିତ ସାପ୍ତାହିକୀ "ମରାଠା' ପ୍ରକାଶନ କରୁଥିଲେ । ଏହାର ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ସମସ୍ୟା ବାବଦରେ ଅବଗତ କରାଇବା ଏବଂ ଶିକ୍ଷିତ କରି ସମାଜରେ ସୁଧାର ଆଣିବା । ତିଲକ ସାମ୍ବାଦିକତାକୁ ଆପଣେଇବାର ମୁଖ୍ୟ କାରଣ ଥିଲା ସମାଜରେ ସଂସ୍କାର, ଶିକ୍ଷା ଏବଂ ରାଜନୈତିକ ବ୍ୟଭିଚାରର ଜ୍ଞାନ ବାଣ୍ଟିବା।

## ୨.୩ ଗାନ୍ଧୀଙ୍କ ଜରୁରୀକାଳୀନ ପରିସ୍ଥିତି

ବିଂଶ ଶତାବ୍ଦୀର ଆରମ୍ଭରେ ଭାରତୀୟ ସାମ୍ବାଦିକତା ଜଗତକୁ ସର୍ବାଧିକ ପ୍ରଭାବିତ କଲେ ମାହାତ୍ମା ଗାନ୍ଧି। ଗାନ୍ଧି ନିଜେ ସାମ୍ବାଦିକତା ଜଗତରେ ଦୀର୍ଘ ୪୫ ବର୍ଷରୁ ଅଧିକ ସମୟ ସକ୍ରିୟ ଥିଲେ । ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣଭେଦ ବିରୋଧୀ ଆନ୍ଦୋଳନ ସମୟରେ ୧୯୦୩ରେ ସେ ଇଣ୍ଡିଆନ୍ ଓପିନିଅନ ଆରମ୍ଭ କରିଥିଲେ । ଏହା ଏକ ୧୬ ପୃଷ୍ଠା ବିଶିଷ୍ଟ ସାପ୍ତାହିକ ଟାବ୍ଲଏଡ୍ କାଗଜ ଥିଲା । ପ୍ରତି ଶନିବାର ଦିନ ଇଣ୍ଡିଆନ୍ ଓପିନିଅନ୍ ଚାରୋଟି ଭାଷାରେ ପ୍ରକାଶିତ ହେଉଥିଲା । ଯାହା ସେଠାକାର ଜନମତକୁ ବିଶେଷଭାବେ ପ୍ରଭାବିତ କରିଥିଲା । ୧୯୧୪ରେ ଗାନ୍ଧୀ ଦକ୍ଷିଣ ଆଫ୍ରିକା ଛାଡିବା ପର୍ଯ୍ୟନ୍ତ ଏହାର ପ୍ରକାଶନ ଜାରି ରହିଥିଲା । ଭାରତରେ ୧୯୧୯ ରେ ଗାନ୍ଧୀ ଦୁଇଟି ସାପ୍ତାହିକ ପତ୍ରିକା ଆରମ୍ଭ କଲେ – "ୟଙ୍ଗ୍ ଇଣ୍ଡିଆ' ଏବଂ "ନବଜୀବନ'। ୧୯୩୩ ମସିହାରେ ଆରମ୍ଭ ହେଲା "ହରିଜନ' ।


My Mouth is Gagged

HARIJAN

Editor: K. G. MASHRUWALA

AHMEDABAD — SUNDAY, AUGUST 23, 1942

MAHADEV DESAI

Late Shri Mahadev Desai




ମହାତ୍ମା ଗାନ୍ଧି ନିଜେ ତିନୋଟି ଖବରକାଗଜର ସମ୍ପାଦକ ଥିଲେ। ଇଣ୍ଡିଆନ ଓପିନିଅନ (୧୯୦୩-୧୯୧୫), ୟଙ୍ଗ୍ ଇଣ୍ଡିଆ (୧୯୧୯-୧୯୩୧), ଏବଂ ହରିଜନ (୧୯୩୩-୧୯୪୨, ୧୯୪୬-୧୯୪୮, ଜାନୁଆରୀ) । ଦକ୍ଷିଣ ଆଫ୍ରିକାରେ ଇଣ୍ଡିଆନ୍ ଓପିନିଅନ୍ ପ୍ରଥମେ ଇଂରାଜୀ, ଗୁଜୁରାଟୀ, ତାମିଲ୍ ଏବଂ ହିନ୍ଦୀ ଭାଷାରେ ପ୍ରକାଶିତ ହେଉଥିଲା । ଫଇଣ୍ଡିଆ' ମଧ୍ୟଇଂରାଜୀକୁ ଛାଡି ଗୁଜୁରାଟୀ ଭାଷାରେ ନବଜୀବନ ନାମରେ ପ୍ରକାଶିତ ହେଉଥିଲା । ସେହିପରି ଫହରିଜନ' ଉଭୟ ହିନ୍ଦୀ ଏବଂ ଗୁଜୁରାଟୀ ଭାଷାରେ ମଧ୍ୟବାହାରୁ ଥିଲା।

ଏସବୁ ଖବରକାଗଜରେ ବିଭିନ୍ନ ସାମାଜିକ ଓ ରାଜନୈତିକ ପ୍ରସଙ୍ଗରେ ମହାତ୍ମା ଗାନ୍ଧୀଙ୍କର ନିଜସ୍ୱ ମତ ବିଶେଷ ଭାବେ ପ୍ରତିଫଳିତ ହେଉଥିଲା । ଗାନ୍ଧୀ ନିଜେ ଏହି କାଗଜଗୁଡିକ ପାଇଁ ଅନେକ ଲେଖା ଲେଖୁଥିଲେ । ଏକ ଆକଳନ ଅନୁସାରେ, ଗାନ୍ଧି ନିଜ ଜୀବନ କାଳରେ ୧୦ ନିୟୁତରୁ ଅଧିକ ଶବ୍ଦ ଲେଖିଛନ୍ତି । ଶବ୍ଦର ଯାଦୁକର ଗାନ୍ଧୀଙ୍କର ଖବରକାଗଜଗୁଡିକର ପ୍ରଭାବ ଲୋକଙ୍କ ଉପରେ ସୁଦୂରପ୍ରସାରୀ ଥିଲା ।

## ୨.୪ ଆଞ୍ଚଳିକ ଖବରକାଗଜ ଏବଂ ସ୍ୱାଧୀନତା ସଂଗ୍ରାମରେ ଏମାନଙ୍କ ଭୂମିକା

ଭାରତୀୟ ସ୍ୱାଧୀନତା ସଂଗ୍ରାମ ପ୍ରତି ଭାଷା ସାମ୍ବାଦିକତାର ଯଥେଷ୍ଟ ଅବଦାନ ରହିଛି । ଖବର ଦେବା ଛଡା ଲୋକଙ୍କୁ ମତେଇବାରେ, ତତେଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ମହାତ୍ମା ଗାନ୍ଧୀ ଏହି ଧାରାକୁ ନୂଆ ଦିଶା ଦେଇଥିଲେ । ଗାନ୍ଧି ଆସିବା ପରେ ଆଞ୍ଚଳିକ ଭାଷାର ଅଧିକାଂଶ ଖବରକାଗଜ ଗାନ୍ଧି ମୁହାଁ ହୋଇଗଲେ । ସ୍ୱାଧୀନତା ଆନ୍ଦୋଳନ ନିଆଁରେ ଘିଅ ଢାଳିଲେ । କେତେକ ଭାଷାରେ ଖବରକାଗଜଗୁଡିକ ସମ୍ପୃକ୍ତ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଏବଂ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ।

କେତେକ ପ୍ରମୁଖ ଆଞ୍ଚଳିକ ଭାଷାର ସାମ୍ବାଦିକତାର ଇତିହାସ ଓ ବର୍ତ୍ତମାନର ଅବସ୍ଥା ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା ଏଠାରେ ପ୍ରାସଙ୍ଗିକ ହେବ ।

- **ବଙ୍ଗଳା :** ବଙ୍ଗଳା ହେଉଛି ସାମ୍ବାଦିକତା ଏବଂ ପ୍ରେସ୍‌ର ଜନ୍ମଭୂମି । ହିକିଙ୍କ "ବେଙ୍ଗଲ୍ ଗେଜେଟ୍' ଭାରତରେ ଖବରକାଗଜର ରୋମାଞ୍ଚକର ଆଉ ଘଟଣାବହୁଳ ଯାତ୍ରାର ଶୁଭାରମ୍ଭ କରି ସାରିଥିଲା । "ବେଙ୍ଗଲ୍ ଗେଜେଟ୍' ପ୍ରକାଶ ପାଇବାର ଛଅ ବର୍ଷ ଭିତରେ ଭାରତରେ ଚାରୋଟି ସାପ୍ତାହିକ ଏବଂ ଗୋଟିଏ ମାସିକ ପ୍ରକାଶିତ ହେଉଥିଲା । ମାଦ୍ରାଜ (ବର୍ତ୍ତମାନର ଚେନ୍ନାଇ)ରୁ ୧୭୮୫ରେ "ମାଡ୍ରାସ୍ କୋରିଅର୍' ପ୍ରକାଶ ପାଇଲା । ସେମିତି ବମ୍ବେ (ବର୍ତ୍ତମାନର ମୁମ୍ବାଇ)ରୁ ୧୭୮୯ ମସିହାରେ ପ୍ରକାଶିତ ହେଲା "ମୁମ୍ବାଇ ହେରାଲଡ୍' ।

ଭାରତର ପ୍ରଥମ ସାମୟିକ ପତ୍ରିକା ହେଉଛି "ଦିଗ୍ ଦର୍ଶନ' । ଏହା ଥିଲା ମାସିକ ସଂସ୍କରଣ , ଯାହାକି ୧୮୧୮ ମସିହାରେ ପ୍ରକାଶିତ ହୋଇଥିଲା । ଏହିପରି ୧୮୧୮ରେ ବଙ୍ଗାଳୀ ସାପ୍ତାହିକ ପତ୍ରିକା ସମାଚାର ଦର୍ପଣ ବି ପ୍ରକାଶ ପାଇଥିଲା । ୧୮୯୦ ମସିହାଯାଏଁ ଏହା ସଫଳଭାବେ ତିଷ୍ଠି ପାରିଥିଲା । ଏହିପରି ଅନେକ ଖବରକାଗଜ କଲିକତା, ବମ୍ବେ ଏବଂ ମାନ୍ଦ୍ରାଜରୁ ପ୍ରକାଶ ପାଇଲା । ୧୮୨୨ ମସିହାରେ ମର୍ଜବନ୍ ଏକ ଗୁଜୁରାଟି ସାପ୍ତାହିକୀ ଫବମ୍ବେ ସମାଚାର' ପ୍ରକାଶ କଲେ । ଏହା ସମ୍ପୂର୍ଣ୍ଣରୂପେ ଲୋକଙ୍କ ଇଚ୍ଛାକୁ ନେଇ ଖବର ପ୍ରକାଶ କରୁଥିଲା । ଏହିପରି ଭାରତର ଅଧିକାଂଶ ସାମ୍ବାଦିକ ବଙ୍ଗଳାର ହୋଇଥିବା ବେଳେ ସେମାନେ ସାମ୍ବାଦିକତା ମାଧ୍ୟମରେ ସମାଜ ସଂସ୍କାର ତଥା ସ୍ୱାଧୀନତା ସଂଗ୍ରାମ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଭାରତର ଅଧିକାଂଶ ପତ୍ରପତ୍ରିକାର ଉତ୍ପତ୍ତି ବଙ୍ଗଳା ଓ ଗୁଜୁରାଟି ଭାଷା ଅଟେ । ଅରବିନ୍ଦ ଘୋଷ, ସୁରେନ୍ଦ୍ରନାଥ ବାନାର୍ଜୀ, ରାଜା ରାମମୋହନ ରାୟ ଆଦି ବଙ୍ଗଳା ଭାଷାର ପ୍ରମୁଖ ଲେଖକ ।

୧୮୧୮ ମସିହାରେ ଦିଗଦର୍ଶନ ପ୍ରକାଶିତ ହୋଇଥିଲା । ୧୮୨୧ରେ ରାଜା ରାମମୋହନ ରାୟଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ ହେଲା "ସମ୍ବାଦ କୌମୁଦୀ' । କିନ୍ତୁ ଅଳ୍ପ ଦିନ ମଧ୍ୟରେ ଏହାର ପ୍ରକାଶନ ବନ୍ଦ ହୋଇଥିଲା । ୧୮୩୯ ରେ ଈଶ୍ୱର ଚନ୍ଦ୍ର ଗୁପ୍ତଙ୍କ ପୃଷ୍ଠପୋଷକତାରେ ପ୍ରଥମ ବଙ୍ଗଳା ଦୈନିକ ଖବରକାଗଜ ସମ୍ବାଦ ପ୍ରଭାକର ପ୍ରକାଶିତ ହୋଇଥିଲା । ଏହାପରେ ୧୮୪୩ ମସିହାରେ ଅକ୍ଷୟ କୁମାର ଦତ୍ତଙ୍କ ଦ୍ୱାରା 'ତତ୍ତ୍ୱବୋଧିନି' ପ୍ରକାଶିତ ହୋଇଥିଲା । ସମାଚାର ଚନ୍ଦ୍ରିକା, ବଙ୍ଗଦୂତ, ସମ୍ବାଦ ପ୍ରଭାକର, ବିବିଧାର୍ଥ (୧୮୫୧), ମାସିକ ପତ୍ର (୧୮୫୪) ଏବଂ ସୋମ ପ୍ରକାଶ (୧୮୫୧) ହେଉଛି ଏହି ସମୟର ପ୍ରକାଶିତ ହେଉଥିବା ଅନ୍ୟ କିଛି ବଙ୍ଗଳା ପତ୍ରପତ୍ରିକା ।

ବଙ୍ଗଳା ପ୍ରେସ୍‌ର ଲେଖକ ସମ୍ପାଦକମାନେ ଅନ୍ୟାୟ, କୁଶାସନ, ଜାତିଭିତ୍ତିକ ପକ୍ଷପାତ ବିରୋଧରେ ସେମାନଙ୍କ ଲେଖା ବଳରେ ଦୂରଦୂରାନ୍ତର ଗାଁ ଲୋକଙ୍କ ପାଖରେ ପହଞ୍ଚି ପାରିଥିଲେ । ଭାରତରେ ବଙ୍ଗଳା ପ୍ରେସ୍ ହିଁ ପ୍ରଥମେ ସ୍ୱୟଂ ଶାସନ ପାଇଁ ଦାବି କରିଥିଲା । ସେ ସମୟର ନରମପନ୍ଥୀ ଜାତୀୟତାବାଦୀ ନେତାମାନେ ମଧ୍ୟ ଏପ୍ରକାର ଦାବି କରିବାରେ ପଛଘୁଞ୍ଚା ଦେଇଥିଲେ । ବଙ୍ଗଳା ପ୍ରେସ୍ ବ୍ରିଟିଶ ଶାସନ ପାଇଁ ଆତଙ୍କ ସୃଷ୍ଟି କରିଥିଲା । ଏଣୁ ସବୁ ପ୍ରକାର କଠୋର ଆଇନ ବଙ୍ଗଳା ପ୍ରେସ୍ ବିରୋଧରେ ବ୍ୟବହାର କରାଯାଇଥିଲା ।

- **ଉର୍ଦ୍ଦୁ :** ଅନେକ ଭାବନ୍ତି ଯେ, ଉର୍ଦ୍ଦୁ ମୁସଲମାନଙ୍କ ଭାଷା । ଏହି ଠିକ୍ ନୁହେଁ । ଉର୍ଦ୍ଦୁ ବାସ୍ତବରେ ଏକ ଲସ୍କରୀ (ସୈନ୍ୟ) ଭାଷା । ତୁର୍କି ଶବ୍ଦ ଓର୍ଦ୍ଦୁ ଅର୍ଥାତ୍ କ୍ୟାମ୍ପ୍ ଅବା ସେନାରୁ ଉର୍ଦ୍ଦୁ ଶବ୍ଦ ଆସିଛି । ଏହି ଭାଷା ମୋଗଲ ଶାସନ ଶାହଜାହାନଙ୍କ ସମୟରେ ବିକଶିତ ହୋଇଥିଲା । ଏଥିରେ ପାର୍ସୀ ଏବଂ ସ୍ଥାନୀୟ ଶବ୍ଦର ବ୍ୟବହାର ହୋଇଛି । ବର୍ତ୍ତମାନର ଉର୍ଦ୍ଦୁ ଭାଷା ଯେଉଁ ସ୍ଥିତିରେ ରହିଛି ତାହା ଦିଲ୍ଲୀ ସୁଲତାନଙ୍କ ଅମଳରେ (୧୨୦୬-୧୮୨୭) ଆରମ୍ଭ ହୋଇଥିଲା ଏବଂ ମୋଗଲ ଶାସନ କାଳରେ (୧୫୨୬-୧୮୫୮) ବିକଶିତ ହୋଇଥିଲା । ଆରବୀ ଏବଂ ପାର୍ସୀ ଭାଷା ଭଳି ଉର୍ଦ୍ଦୁ ମଧ୍ୟ ଡାହାଣରୁ ବାମକୁ ଲେଖାଯାଏ ।

ଭାରତରେ ଇଂରାଜୀ, ବଙ୍ଗଳା, ହିନ୍ଦୀ ଭଳି ପ୍ରଥମ ଉର୍ଦ୍ଦୁ ଖବରକାଗଜ କୋଲକାତାରୁ ପ୍ରକାଶିତ ହୋଇଥିଲା । ସରକାରୀ ଭାଷା ଭାବରେ ପାର୍ସୀର ପତନ ପରେ ଉର୍ଦ୍ଦୁର ଗୁରୁତ୍ୱ ବଢିଥିଲା । ଉର୍ଦ୍ଦୁ ଭାଷାରେ ପ୍ରଥମ ଖବରକାଗଜ ହେଉଛି 'ଜାମ-ଇ-ଜାହାନ-ନୁମା' । ୧୮୨୨ ମସିହାରେ କୋଲକାତାରେ ହରିହର ଦତ୍ତ ଏହାକୁ ପ୍ରତିଷ୍ଠା କରିଥିଲେ ।

୧୮୫୦ ମସିହା ଜାନୁଆରୀ ୧୪ ତାରିଖରେ ମୁନସି ହରସୁଖ ରାୟ 'କୋହିନୁର' ନାମକ ସାପ୍ତାହିକ ଖବରକାଗଜର ପ୍ରକାଶନ ଆରମ୍ଭ କରିଥିଲେ । ସେ ସମୟରେ ଏହାର ପ୍ରସାରଣକୁ (୩୫୦ କପି) ବହୁଳ ବୋଲି ଧରାଯାଉଥିଲା । ୧୫୫୮ ମସିହାରେ ମନବୀର କରିବୁଦ୍ଦିନ 'ଉର୍ଦ୍ଦୁ ଗାଇଡ୍' ନାମକ ଉର୍ଦ୍ଦୁ ଦୈନିକ ଖବରକାଗଜ କୋଲକାତାରୁ ପ୍ରକାଶିତ କରିଥିଲେ । ସେହି ବର୍ଷ ଲାହୋରରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଖବରକାଗଜ 'ରୋଜନମହା-ଇ-ପଞ୍ଜାବ' ମଧ୍ୟ ପ୍ରକାଶିତ ହୋଇଥିଲା । ୧୮୫୮ ରେ ଲକ୍ଷ୍ନୌରୁ ପ୍ରଥମ ଉର୍ଦ୍ଦୁ ଖବରକାଗଜ "ଓଉଧ୍ ଅଖବାର'ର ପ୍ରକାଶନ ମୁନସି ନଓ୍ୱାଲ କିଶୋର ଆରମ୍ଭ କରିଥିଲେ ।

୧୮୫୭ର ସିପାହୀ ବିଦ୍ରୋହର ପ୍ରଭାବ ଉର୍ଦ୍ଦୁ ସାମ୍ବାଦିକତା ଉପରେ ପଡିଥିଲା । ଏହି ପ୍ରଭାବ ଏହାର ପ୍ରସାରଣ ଓ ବିଷୟବସ୍ତୁ ଉପରେ ଦେଖଇବାକୁ ମିଳିଥିଲା । ୧୮୫୩ରେ ଉର୍ଦ୍ଦୁ ଖବରକାଗଜର ସଂଖ୍ୟା ୩୫ ଥିବାବେଳେ ୧୮୫୮ରେ ଏହା ୧୨କୁ ଖସିଆସିଥିଲା ।

୧୮୫୭ ପରବର୍ତ୍ତୀ ସମୟରେ ଉର୍ଦ୍ଦୁ ଖବରକାଗଜ ମଧ୍ୟରେ 'ଓଉଧ୍ ଅଖବାର', 'ଓଉଧ୍ ପଞ୍ଚ', ଅଲୀଗଡର 'ଦି ସାଇନ୍‌ଟିଫିକ୍ ଗେଜେଟ୍' ଏବଂ 'ତହଜିବ୍-ଉଲ୍-ଅଖଲାକ୍', ଦିଲ୍ଲୀର ଫଅଖମାଲୁଲ ଅଖବାର୍', ଲାହୋରର 'ପଞ୍ଜାବ ଅଖବାର', ମାନ୍ଦ୍ରାଜର 'ସାମସୁଲ ଅଖବାର', ବମ୍ବେର 'କାଶଫୁଲ ଅଖବାର୍', ବାଙ୍ଗାଲୋରର 'କାସିମ-ଉଲ-ଅଖବାର' ଏବଂ ହାଇଦ୍ରାବାଦର 'ଆସିଫୁଲ ଅଖବାର୍' ପ୍ରମୁଖ । ଦିଲ୍ଲୀର ପ୍ରଥମ ଉର୍ଦ୍ଦୁ ଖବରକାଗଜ 'ଫୱାଦ-ଉଲ-ନଜରିନ୍' ଏବଂ 'କିରନ୍-ଉସ୍-ସଦାଇ' । ୧୮୫୨ରେ ରାମଜନ୍ଦ୍ର ଏହାର ପ୍ରତିଷ୍ଠାତା ଥିଲେ । ୧୮୭୭ରେ

ଅଞ୍ଜୁମନ ଇସଲାମିଆର ପ୍ରତିଷ୍ଠାତା ମୌଲବୀ ନସୀର ଅଲ୍ଲୀ ୩ଟି ଖବରକାଗଜ ଫନୁସରତ-ଉଲ-ଅଖବାର', ଫନୁସରତ-ଉଲ-ଇସଲାମ୍' ଏବଂ ଫମିହିର-ଏ-ଦରକ୍ଷସାନ୍' ପ୍ରତିଷ୍ଠା କରିଥିଲେ।

ଊନବିଂଶ ଶତାବ୍ଦୀର ପ୍ରମୁଖ ଉର୍ଦ୍ଦୁ ଖବରକାଗଜ ହେଉଛି 'ଦାରୁଲ ସଲତନତ୍' । ୧୮୮୧ରେ ଶେଖ୍ ଅହସାନଉଲ୍ଲା ସନ୍ଦଗିରି ଦେହଲଭ୍ବିଙ୍କ ଦ୍ୱାରା ଏହା କଲିକତାରୁ ପ୍ରକାଶିତ ହୋଇଥିଲା । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ୩ଟି ଉର୍ଦ୍ଦୁ ଦୈନିକ ଖବରକାଗଜ 'ପୈସା ଅଖବାର', 'ଓଉଧ୍ ଅଖବାର' ଏବଂ 'ଦି ସୁଲହ-ଆଲ-କୁଲ' ପ୍ରକାଶିତ ହେଉଥିଲା ।

- **ଗୁଜୁରାଟୀ :** ଗୁଜୁରାଟୀ ସାମ୍ବାଦିକତାର ଏକ ବିଶେଷତ୍ୱ ହେଲା- ଆରମ୍ଭରୁ ଏଥିରେ ବଜାର ଏବଂ ବ୍ୟବସାୟିକ ଖବର ଉପରେ ଗୁରୁତ୍ୱ ଦିଆଯାଉଥିଲା । ବମ୍ବେରେ ୧୮୨୨ ମସିହାରେ ପାର୍ସୀ ପୂଜକ ଫିରଦନ୍‌ଜି ମୁଜର୍ବାନ ମୁମ୍ବାଇନା ସମାଚାର ନାମକ ସାପ୍ତାହିକର ପ୍ରକାଶନ ଆରମ୍ଭ କରିଥିଲେ । ସେ ସମୟରେ ଏହାର ୧୫୦ ଜଣ ଗ୍ରାହକ ଥିଲେ । ବ୍ୟବସାୟିକ ଗୋଷ୍ଠୀ ପାଇଁ ବଜାର ମୂଲ୍ୟ ପ୍ରକାଶ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା । ଏହି ଖବରକାଗଜର ନିଜର ପ୍ରିଣ୍ଟିଂ ପ୍ରେସ୍ ଥିଲା । ୧୮୩୨ ମସିହାରେ ଏହା ଦୈନିକ ଖବରକାଗଜ ରୂପେ ପ୍ରକାଶିତ ହୋଇଥିଲା ଏବଂ ଏହାର ନାମ 'ବମ୍ବେ ସମାଚାର' ରଖାଯାଇଥିଲା । ସାରା ଏସିଆରେ 'ବମ୍ବେ ସମାଚାର' ହେଉଛି ଏଯାଏଁ ପ୍ରକାଶିତ ହେଉଥିବା ସର୍ବପୁରାତନ ଖବରକାଗଜ ।

୧୮୩୦ ରେ ନାରୋଜୀ ଦୋରାବଜି ଚନ୍ଦ୍ରୁଙ୍କ ଦ୍ୱାରା 'ମୁମ୍ବାଇ ବର୍ତ୍ତମାନ' ଆରମ୍ଭ ହୋଇଥିଲା । ବର୍ଷକ ପରେ ଏହାର ନାମକୁ 'ମୁମ୍ବାଇନା ହଲକାରୁ ଅନେ ବର୍ତ୍ତମାନ' କରାଯାଇଥିଲା । ଏହା ସପ୍ତାହକୁ ଦୁଇ ଥର ପ୍ରକାଶିତ ହେଉଥିଲା । ଏହା ୧୩ ବର୍ଷ ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିଲା ଏବଂ ୧୮୪୩ ମସିହା ବେଳକୁ ଏହାର ପ୍ରକାଶନ ବନ୍ଦ ହୋଇଥିଲା । ୧୮୩୧ ମସିହାରେ ପେଷ୍ଟୋନଜି ମାନେଜିଙ୍କ ଦ୍ୱାରା 'ଜମ-ଇ-ଜମଶେଦ୍' ନାମକ ସାପ୍ତାହିକ ପ୍ରକାଶନ ଆରମ୍ଭ ହୋଇଥିଲା । ୧୮୫୩ ବେଳକୁ ଏହା ଦୈନିକ ଖବରକାଗଜଭାବେ ପ୍ରକାଶ ପାଇଲା । ଏହା ପାର୍ସୀମାନଙ୍କର ଲୋକପ୍ରିୟ ଖବରକାଗଜ ଥିଲା । ୧୮୩୨ରୁ ୧୮୫୪ ମଧ୍ୟରେ 'ଦୂରବୀନ', 'ମୋମ୍ବାଇନା କସୁଦ', 'ସମାଚାର ଦର୍ପନ', 'ଚିତ୍ରଞ୍ଜନ ଦର୍ପନ' ଏବଂ 'ଚାବୁକ' ଭଳି ଖବରକାଗଜ ପ୍ରକାଶିତ ହୋଇଥିଲା । ମାତ୍ର ଏଥିରୁ କେହି ୧୮୫୬ ବେଳକୁ ତିଷ୍ଠି ପାରିଲେ ନାହିଁ ।

ଆହମଦାବାଦ ଏବଂ ସୁରତରେ ଗୁଜୁରାଟୀ ସାମ୍ବାଦିକତାର ପ୍ରସାରରେ ଇଂରେଜ ମାଜିଷ୍ଟ୍ରେଟ୍ ସାର ଆଲେକଜାଣ୍ଡର୍ କିନଲକ ଫେର୍ବସଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ ଅହମଦାବାଦର ଗୁଜୁରାଟୀ ଭାଷା ସମାଜକୁ ୧୮୪୯ ମସିହାରେ ବର୍ତ୍ତମାନ ଖବରକାଗଜ ପ୍ରକାଶନ କରିବାରେ ସାହାଯ୍ୟ କରିଥିଲେ । ୧୮୫୦ ମସିହାରେ ଫେର୍ବସ ସପ୍ତାହକୁ ଦୁଇ ଥର ପ୍ରକାଶିତ ହେଉଥିବା ସୁରତ ସମାଚାରକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ ମାତ୍ର ଏହାର ପ୍ରକାଶନ ବେଶି ଦିନ ତିଷ୍ଠି ନ ଥିଲା । ୧୮୫୪ରେ ଅହମଦାବାଦରୁ ଲାଲୁଭାଇ ରାୟଚନ୍ଦ ସମଶେର୍ ବାହାଦୂରର ପ୍ରକାଶନ ଆରମ୍ଭ କରିଥିଲେ । ୧୮୫୧ରେ ଦାଦାଭାଇ ନାରୋଜୀ ସାମାଜିକ ସଂସ୍କାର ଉଦ୍ଦେଶ୍ୟରେ ରାସ୍ତ ଗୋଫତାରର ପ୍ରକାଶନ ଆରମ୍ଭ କରିଥିଲେ ।

'ହିତେଚୁ' ହେଉଛି ପ୍ରଥମ ଗୁଜୁରାଟୀ ଦୈନିକ ଖବରକାଗଜ । ୧୮୬୧ରେ ଏହାର ଆରମ୍ଭ । ପ୍ରଥମେ ସପ୍ତାହକୁ ଦୁଇ ଥର ଏବଂ ୧୮୭୩ରୁ ଏହା ଦୈନିକ ଖବରକାଗଜ ଭାବେ ପ୍ରକାଶିତ ହେଉଥିଲା । ୪୦ ବର୍ଷର ପ୍ରକାଶନ ମଧ୍ୟରେ ଏହି ଖବରକାଗଜ ଅନେକ ଜନମଙ୍ଗଳ କାର୍ଯ୍ୟ କରିଥିଲା । ଗାନ୍ଧିଙ୍କ ଜନ୍ମସ୍ଥାନ ତଥା ୧୯୩୦ ଲବଣ ସତ୍ୟାଗ୍ରହର ସ୍ମାରକ ବହନ କରୁଥିବା ଗୁଜୁରାଟର ପ୍ରେସ୍‌ରେ ଜାତୀୟତାବାଦର ପ୍ରଭାବ ଯଥେଷ୍ଟ ରହିଥିଲା ।

- **ହିନ୍ଦୀ :** ୧୮୨୬, ମେ ୩୦ ତାରିଖରେ ପ୍ରଥମ ସାପ୍ତାହିକ ହିନ୍ଦୀ ଖବରକାଗଜ ଉଦନ୍ତ ମାର୍ତ୍ତଣ୍ଡ କଲିକତାରୁ ପ୍ରକାଶିତ ହୋଇଥିଲା । ଏହାର ସମ୍ପାଦକ ଯୁଗୋଲ କିଶୋର ଶୁକ୍ଳାଙ୍କୁ ଏହା ଖବରକାଗଜର ପ୍ରକାଶନ ଜାରି ରଖିବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା । ୧୮୫୦ରେ 'ସମ୍ୟଦାନି ମାର୍ତ୍ତଣ୍ଡ' ନାମକ ଆଉ ଏକ ଖବରକାଗଜ ପ୍ରକାଶନ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟଏହା ସଫଳ ହୋଇ ପାରିନଥିଲା ।

୧୮୨୯ ରେ ଦ୍ୱିତୀୟ ହିନ୍ଦୀ ଖବରକାଗଜ 'ବଙ୍ଗଦୂତ' ପ୍ରକାଶିତ ହୋଇଥିଲା । ଏହା ରାଜା ରାମମୋହନ ରାୟ ଏବଂ ଦ୍ୱାରିକା ପ୍ରସାଦ ଠାକୁରଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ୧୮୫୪ରେ କଲିକତାରୁ ପ୍ରଥମ ହିନ୍ଦୀ ଦୈନିକ ସମାଚାର 'ସୁଧା ବର୍ଷଣ' ପ୍ରକାଶିତ ହୋଇଥିଲା ।

ଊନ୍ନବିଂଶ ଶେଷ ତିନି ଦଶନ୍ଧିରେ କଲିକତାରୁ ଭାରତମିତ୍ର (୧୮୭୮), ସରସୁଧାନିଧି(୧୮୭୯), ଉଚିତ୍ ଓ୍ୱକ୍ତ (୧୮୮୦), ହିନ୍ଦୀ ବଙ୍ଗଭାଷା (୧୮୯୦) ପ୍ରକାଶିତ ହୋଇଥିଲା ।

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ହିନ୍ଦୀ ସାମ୍ବାଦିକତାର ଦ୍ରୁତ ବିକାଶ ହୋଇଥିଲା । ଏହା ସମୟର ପ୍ରମୁଖ ସାମ୍ବାଦିକ ଥିଲେ ଗଙ୍ଗା ପ୍ରସାଦ ଗୁପ୍ତା, ନନ୍ଦ କୁମାର ଦେଓ ଧର୍ମ, ଏମପି ଦ୍ୱିବେଦୀ, ଛୋଟେ ରାମ ଶୁକ୍ଳା, ହରି କୃଷ୍ଣ ଜୋହର ଇତ୍ୟାଦି । ସ୍ୱାଧୀନତା ପରେ ହିନ୍ଦୀ ସାମ୍ବାଦିକତାରେ ଆହୁରି ଦ୍ରୁତ ବିକାଶ ହୋଇଥିଲା । ସମଗ୍ର ଦେଶରେ ହିନ୍ଦୀ ଭାଷା ବିସ୍ତାର କରିବାରେ ଏହା ସାହାଯ୍ୟ କରିଥିଲା ।

- **ମରାଠୀ :** ଊନ୍ନବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତୀୟ ସାମ୍ବାଦିକତାର ବିକାଶରେ ମରାଠୀ ପ୍ରେସ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଏହା ସାମାଜିକ ଏବଂ ରାଜନୈତିକ ବିକାଶରେ ସାହାଯ୍ୟ କରିଥିଲା । ଖବରକାଗଜ ଜରିଆରେ ସାମାଜିକ ସଂସ୍କାର ଆଣିବାରେ ଏହା ଆଗଭର ହୋଇଥିଲା । ପରେ ଏହା ମହାରାଷ୍ଟ୍ର ଓ ପୁନେରେ ଜୋର ଧରିଥିଲା । ଏହାପରେ ଆନ୍ଦୋଳନ ଦେଶର ଅନ୍ୟପ୍ରାନ୍ତ ଗୁଡିକରେ ବିସ୍ତାର ଲାଭ କରିଥିଲା ।




୧୮୩୨ରେ ବମ୍ବେରୁ ବାଲ ଶାସ୍ତ୍ରୀ ଜମ୍ଭେକର 'ବମ୍ବେ ଦର୍ପଣ' ନାମକ ମରାଠୀ-ଇଂରାଜୀ ପାକ୍ଷିକର ପ୍ରକାଶନ ଆରମ୍ଭ କରିଥିଲେ । ୧୮୩୨, ମଇ ମାସ ସୁଦ୍ଧା ଏହା ୮ ପୃଷ୍ଠା ବିଶିଷ୍ଟ ସାପ୍ତାହିକ ଭାବେ ପ୍ରକାଶନ ଆରମ୍ଭ କରିଥିଲା । ଏହା ଥିଲା ସାମ୍ପ୍ରତିକ ତଥା ଘଟି ଯାଇଥିବା ଘଟଣାବଳୀକୁ ମରାଠୀ ଭାଷାରେ ବର୍ଣ୍ଣନା କରିବାର

ପ୍ରଥମ ମାଧ୍ୟମ । ୧୮୪୧ ମସିହା ଅକ୍ଟୋବର ୨୪ ତାରିଖରେ ଗୋବିନ୍ଦ ଭିଠଲ କୁନ୍ତେ ପ୍ରଭାକରର ପ୍ରକାଶନ ଆରମ୍ଭ କରିଥିଲେ । ୧୮୪୯ରେ ପୁନେରୁ କ୍ରୀଷ୍ଣଜୀ ତ୍ରିୟମ୍ବକ ରାନାଡେ 'ଦୈନନ୍ୟ ପ୍ରକାଶ' ଖବରକାଗଜ ଆରମ୍ଭ କରିଥିଲେ । ୧୯୦୪ ପର୍ଯ୍ୟନ୍ତ ଏହା ଏକ ସାପ୍ତାହିକ ଭାବେ ପ୍ରକାଶିତ ହେଉଥିଲା । ବମ୍ବେରୁ ୧୮୬୨ରେ ଇନ୍ଦୁପ୍ରକାଶ ପ୍ରକାଶିତ ହେଲା । ୧୮୭୭ରେ ଦଳିତ ବିକାଶ ଆନ୍ଦୋଳନର ଏକ ଅଙ୍ଗ ଭାବେ ମହାତ୍ମା ଜ୍ୟୋତିଭା ଫୁଲେ ଏବଂ କ୍ରୀଷ୍ଣରାଓ ଭାସ୍କର ଦୀନବନ୍ଧୁର ପ୍ରକାଶନ ଆରମ୍ଭ କରିଥିଲେ ।

ଲୋକମାନ୍ୟ ତିଲକ୍ ସ୍ୱାଧୀନତା ପାଇଁ ସାମ୍ବାଦିକତା ମାଧ୍ୟମରେ ନାନାଦି କଷ୍ଟଦାୟକ ସଂଗ୍ରାମ କରିଛନ୍ତି । ସେ ମରାଠୀରେ ସାପ୍ତାହିକୀ 'କେଶରୀ' ଏବଂ ଇଂରାଜୀରେ 'ମରାଠା' ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସମସ୍ୟା ଉପରେ ଆଧାରିତ ସାପ୍ତାହିକୀ ପ୍ରକାଶନ କରୁଥିଲେ । ଏହାର ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ସମସ୍ୟା ବାବଦରେ ଅବଗତ କରାଇବା ଏବଂ ଶିକ୍ଷିତ କରି ସମାଜରେ ସୁଧାର ଆଣିବା । ତିଲକ ସାମ୍ବାଦିକକୁ ଆପଣେଇବାର ମୁଖ୍ୟ କାରଣ ଥିଲା ସମାଜରେ ସଂସ୍କାର, ଶିକ୍ଷା ଏବଂ ରାଜନୈତିକ ବ୍ୟଭିଚାରର ଜ୍ଞାନ ବାଣ୍ଟିବା ।

୧୮୮୫ ମସିହାରେ ଭାରତୀୟ କଂଗ୍ରେସର ପ୍ରତିଷ୍ଠା ଏହି ଧାରାକୁ ଆହୁରି ବଳବତ୍ତର କରିଦେଲା । କଂଗ୍ରେସ ଦଳର ଅଧିକାଂଶ ପ୍ରାର୍ଥୀ ଖବରକାଗଜର ସାମ୍ବାଦିକ ବା ସମ୍ପାଦକ ଥିଲେ । ଦାଦାଭାଇ ନାରୋଜୀ, ରାନାଡେ, ନରେନ୍ଦ୍ରନାଥ ସେନ ଆଦି ସମସ୍ତେ ଏହି ଧାରାରେ ସମ୍ପୃକ୍ତ । ଭାରତୀୟ ଗଣମାଧ୍ୟମର ଲୋକପ୍ରିୟତା କେବଳ ସରକାରଙ୍କୁ କଟାକ୍ଷ କରିବା ଯୋଗୁଁ ହିଁ ବଢିଥିଲା । ସାମାଜିକ ସଂସ୍କାର ଆଣିବାର ମୂଳ ସତ୍ତା ବି ପ୍ରେସ୍ ବୋଲି କହିପାରିବା ।

ଭାରତୀୟ ସ୍ୱାଧୀନତା ସଂଗ୍ରାମ ପ୍ରତି ଭାଷା ସାମ୍ବାଦିକତାର ଯଥେଷ୍ଟ ଅବଦାନ ରହିଛି । ଖବର ଦେବା ଛଡା ଲୋକଙ୍କୁ ମତେଇବାରେ, ତତେଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ମହାତ୍ମାଗାନ୍ଧି ଏହି ଧାରାକୁ ନୂଆ ଦିଶା ଦେଇଥିଲେ ।

## ୨.୫ ଆସ ପ୍ରଗତି ମାପିବା

୧. ସ୍ୱାଧୀନତା ସଂଗ୍ରାମରେ ସାମ୍ବାଦିକତା ଭାବେ ଗାନ୍ଧିଜୀଙ୍କ ଭୂମିକା ଆଲୋଚନା କର ।

୨. ସ୍ୱାଧୀନତା ପୂର୍ବର କେତେକ ହିନ୍ଦୀ ପ୍ରତିଦିନର ବର୍ଣ୍ଣନା କର ।

୩. ଭାରତୀୟ ପ୍ରେସ୍ ଏବଂ ସାମ୍ବାଦିକଙ୍କ ନିମନ୍ତେ ସଂଗଠିତ ଅଧିନିୟମ ଏବଂ ଏହାର ପ୍ରଭାବ ଉପରେ ଆଲୋକପାତ କର ।

# ତୃତୀୟ ଏକକ
# ଖ୍ୟାତାନାମା ଖବରକାଗଜ, ପତ୍ରିକା ଏବଂ ନ୍ୟୁଜ୍ ଏଜେନ୍ସି

## ବିଷୟ ଗଠନ


୩.୧ ପଠନର ଉଦ୍ଦେଶ୍ୟ

୩.୨ ବିଷୟ ପରିଚୟ

୩.୩ ଖ୍ୟାତାନାମା ଖବରକାଗଜ

- ୩.୩.୧ ଦି ଟାଇମ୍ସ ଅଫ୍ ଇଣ୍ଡିଆ
- ୩.୩.୨ ଦି ହିନ୍ଦୁ
- ୩.୩.୩ ଦି ଇଣ୍ଡିଆନ ଏକ୍ସପ୍ରେସ
- ୩.୩.୪ ହିନ୍ଦୁସ୍ତାନ ଟାଇମ୍ସ
- ୩.୩.୫ ଦି ଷ୍ଟେଟସ୍‌ମ୍ୟାନ
- ୩.୩.୬ ଦୈନିକ ଜାଗରଣ
- ୩.୩.୭ ହିନ୍ଦୁସ୍ତାନ
- ୩.୩.୮ ଦୈନିକ ଭାସ୍କର
- ୩.୩.୯ ଅମର ଉଜ୍ଜ୍ୱଳା
- ୩.୩.୧୦ ମଳୟ ମନୋରମା
- ୩.୩.୧୧ ମାତୃଭୂମି

୩.୪ ଖ୍ୟାତାନାମା ପତ୍ରିକା

- ୩.୪.୧ ଇଣ୍ଡିଆ ଟୁଡେ
- ୩.୪.୨ ଫ୍ରଣ୍ଟଲାଇନ (ଇଂରାଜୀ)
- ୩.୪.୩ ଆଉଟ୍‌ଲୁକ୍ (ଇଂରାଜୀ)
- ୩.୪.୪ ଓ୍ୱିମିନ୍ ଏରା (ଇଂରାଜୀ)
- ୩.୪.୫ ସରସ ସଲିଳ
- ୩.୪.୬ ସାମାନ୍ୟ ଜ୍ଞାନ ଦର୍ପଣ
- ୩.୪.୭ ଗ୍ରୀହ ଶୋଭା (ହିନ୍ଦୀ)
- ୩.୪.୮ ମାତୃଭୂମି ଆରୋଗ୍ୟ ମାସିକ (ମାଲାୟାଲମ)

୩.୫ ଭାରତରେ ଖବର ସରବରାହ ସଂସ୍ଥା (ନ୍ୟୁଜ୍ ଏଜେନ୍ସି)
୩.୫.୧ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ
୩.୫.୨ ଇଣ୍ଡୋ-ଏସିଆ ନ୍ୟୁଜ୍ ସର୍ଭିସ୍
୩.୫.୩ ଏସିଆନ ନ୍ୟୁଜ୍ ଇଣ୍ଟରନ୍ୟାସନାଲ୍
୩.୫.୪ ପ୍ରେସ୍ ଇନଫରମେସନ ବ୍ୟୁରୋ
୩.୫.୫ ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ଇଣ୍ଡିଆ
୩.୫.୬ ହିନ୍ଦୁସ୍ତାନ ସମାଚାର
୩.୫.୭ ପ୍ରେସ୍ ସର୍ଭିସେସ୍ ଅଫ୍ ଇଣ୍ଡିଆ
୩. ୬ ଆସ ପ୍ରଗତି ମାପିବା

## ୩.୧ ପଠନର ଉଦ୍ଦେଶ୍ୟ

ଏହି ବିଷୟ ପଠନ ପରେ ତୁମେ ଇଂରାଜୀ, ହିନ୍ଦୀ ଏବଂ ଅନ୍ୟ ଭାଷାର ଖବରକାଗଜ, ପତ୍ରପତ୍ରିକା, ସାପ୍ତାହିକୀ ଉପରେ ବିସ୍ତୃତ ଜ୍ଞାନ ପାଇପାରିବ । ଏହା ସହ ଏହାର ସଂସ୍କରଣ, ପ୍ରସାରଣ ଏସବୁ ବାବଦରେ ଧାରଣା ଆସିଯିବ । ଭାରତରେ ଥିବା ନ୍ୟୁଜ୍ ଏଜେନ୍ସିଙ୍କ ବାବଦରେ ଏ ବିଷୟ ପଢିଲେ ଜାଣିପାରିବେ ।

## ୩.୨ ବିଷୟ ପରିଚୟ

ଖବରକାଗଜ ସ୍ୱଳ୍ପ ମୂଲ୍ୟରେ ସମସ୍ତ ସୂଚନା ଦେବାରେ ସଫଳ ହୋଇପାରିଥାଏ । ଯାହାକି ଇଣ୍ଟରନେଟ୍ ବା ଟେଲିଭିଜନ, ରେଡିଓରୁ ମିଳେ ନାହିଁ । ୨୪ ଘଣ୍ଟାରେ ଘଟୁଥିବା ସମସ୍ତ ଘଟଣାବଳୀକୁ ଖବରକାଗଜ ସୁନ୍ଦର ଭାବେ ବିସ୍ତୃତ କରି ପ୍ରକାଶନ କରିଥାଏ। ମାତ୍ର ଅନ୍ୟ ଗଣମାଧ୍ୟମ ସୂଚନା ଦେବାରେ ହୁଏତ କିଛିଟା ବିଚ୍ୟୁତି କରିପାରନ୍ତି ଯାହାକି ଖବରକାଗଜରେ ହୁଏ ନାହିଁ । ଅନ୍ୟ ପଟେ ଖବରକାଗଜ ସ୍ୱଳ୍ପ ମୂଲ୍ୟରେ ସମସ୍ତ ସୂଚନା ଦେଇଥାଏ ।

## ୩.୩ ଖ୍ୟାତି ସମ୍ପନ୍ନ ଖବରକାଗଜ

କେତେକ ଖବରକାଗଜ ସଂସ୍ଥା ଏହି ବିଭାଗରେ ଅନ୍ତର୍ଭୁକ୍ତ । ଏସବୁ ଉପରେ ନିମ୍ନରେ ଆଲୋଚନା କରାଯାଇଛି –

### ୩.୩.୧ ଦି ଟାଇମ୍ସ ଅଫ୍ ଇଣ୍ଡିଆ (ଇଂରାଜୀ)

'ଦି ଟାଇମ୍ସ ଅଫ୍ ଇଣ୍ଡିଆ' ହେଉଛି ସର୍ବ ପୁରାତନ ଏବଂ ସବୁଠୁ ଲୋକପ୍ରିୟ ଇଂରାଜୀ ଦୈନିକ ଖବରକାଗଜ । ଏହା ହେଉଛି ବେନେଟ୍, କୋଲେମନ ଏବଂ କମ୍ପାନୀ ଲିମିଟେଡ୍ । ଭାରତର ସର୍ବଶ୍ରେଷ୍ଠ ଏଣ୍ଟରପ୍ରାଇଜ୍ 'ଟାଇମ୍ସ ଗ୍ରୁପ୍'ର ଏହା ଅଂଶଦାନ । ଟାଇମ୍ସ ଅଫ୍ ଇଣ୍ଡିଆ ୧୮୩୮ ମସିହାରେ 'ବମ୍ବେ ଟାଇମ୍ସ'

ଭାବେ ବୁଧବାର ଏବଂ ରବିବାର ପ୍ରକାଶିତ ହେଉଥିଲା । ୧୮୬୧ ରେ ରବର୍ଟ ନାଇଟ୍‌ଙ୍କ ସମ୍ପାଦନାରେ ପ୍ରଥମ ଥର ପାଇଁ ଦି ଟାଇମ୍ସ ଅଫ୍ ଇଣ୍ଡିଆ ପ୍ରକାଶିତ ହେଲା । ବେନେଟ୍, କୋଲେମନ ଏବଂ କମ୍ପାନୀ ଲିମିଟେଡ୍ ୧୮୯୨ ମସିହାରେ ମିଳିତଭାବେ ପ୍ରତିଷ୍ଠିତ ହେଲା । ୧୯୯୧ ମସିହରେ ବିବିସି ପ୍ରକାଶ କଲା ଯେ, ଦି ଟାଇମ୍ସ ଅଫ୍ ଇଣ୍ଡିଆ ବିଶ୍ୱର ୬ଷ୍ଠ ସ୍ଥାନରେ ରହିଛି ।

## ୩.୩.୨ ଦି ହିନ୍ଦୁ (ଇଂରାଜୀ)

ଦି ହିନ୍ଦୁ ବିଶ୍ୱର ସର୍ବଶ୍ରେଷ୍ଠ ଇଂରାଜୀ ଖବରକାଗଜର ମାନ୍ୟତା ପାଇଛି । ୧୮୭୮ରେ ବି. ସୁବ୍ରମନିଆ ଆୟରଙ୍କ ନେତୃତ୍ୱରେ ଏହା ସାପ୍ତାହିକ ରୂପେ ପ୍ରକାଶିତ ହୋଇଥିଲା । ୧୮୮୯ ମସିହାରୁ ଏହା ଦୈନିକ ଖବରକାଗଜରୂପେ ପ୍ରକାଶ ପାଇବା ସହ ବର୍ତ୍ତମାନ ଏହାର ପ୍ରକାଶନ ୧୫,୫୮,୩୭୯(ଏବିସି-ଜୁଲାଇ-ଡିସେମ୍ବର ୨୦୧୨) ରେ ପହଞ୍ଚିଛି । ଏହାର ପାଠକ ସଂଖ୍ୟା ୨୨.୫୮ ଲକ୍ଷ୍ୟ । ଦି ହିନ୍ଦୁର ନିଜ ସ୍ୱାଧୀନ ସମ୍ପାଦକୀୟ ଏବଂ ଦରକାରୀ ଓ ସମାନତା ସହକାରେ ଖବର ଉପସ୍ଥାପନ ଏହାକୁ ଲୋକପ୍ରିୟତା ଦେଇପାରିଛି । ଏହି ଖବରକାଗଜ ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି ନ୍ୟୁଜ୍ ସଂଗ୍ରହ, ପୃଷ୍ଠା ବିନ୍ୟାସ ଏବଂ ଛାପାରେ ନୂତନତା ଆଣିଛି । ଚେନ୍ନାଇ ସହ ୭ଟି ପ୍ରମୁଖ ସହରରେ ଏହା ପ୍ରକାଶିତ ହେଉଥିଲା । ଏହାର ଛାପା ସଂସ୍ଥା ଯଥା- କୋଏମ୍ବାଟୁର, ବାଙ୍ଗାଲୋର, ହାଇଦ୍ରାବାଦ, ମଦୁରାଇ, ନୋଏଡା, ବିଶାଖାପଟନମ୍, ଥିରୁଅନନ୍ତପୁରମ୍, କୋଚି, ବିଜୟୱାଡା, ମାଙ୍ଗାଲୋର, ତିରୁଚିରାପଲ୍ଲୀ, କଲିକତା, ହୁବଲି, ମୋହାଲି, ଆଲ୍ଲାହବାଦ ଏବଂ କୋଜିହକୋଡେ ଇତ୍ୟାଦିରେ ଦ୍ରୁତଗାମୀ ନ୍ୟୁଜ୍ ସରବରାହ ସୁବିଧାର ବ୍ୟବସ୍ଥା କରାଯାଇଥିଲା ।

## ୩.୩.୩ ଦି ଇଣ୍ଡିଆନ ଏକ୍ସପ୍ରେସ୍ (ଇଂରାଜୀ)

ଇଂରାଜୀ ଭାଷାରେ ପ୍ରକାଶିତ ଖବରକାଗଜ ମଧ୍ୟରେ ଅନ୍ୟତମ ଲୋକପ୍ରିୟ ଖବରକାଗଜ ହେଉଛି 'ଦି ଇଣ୍ଡିଆନ ଏକ୍ସପ୍ରେସ୍' । ଏହା ମୁମ୍ବାଇରୁ ଇଣ୍ଡିଆନ ଏକ୍ସେପ୍ରେସ୍ ଗ୍ରୁପ୍ ଦ୍ୱାରା ପ୍ରକାଶିତ ହେଉଥିଲା । ୧୯୯୧ରେ ଏହାର ପ୍ରତିଷ୍ଠାତା ରାମନାଥ ଗୋଏଙ୍କାଙ୍କ ମୃତ୍ୟୁ ହୋଇଥିଲା । ଏହାର ଆଠ ବର୍ଷ ପରେ ୧୮୯୯ରେ ଖବରକାଗଜଟି ଗୋଏଙ୍କାଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ବାଣ୍ଟିହୋଇଗଲା । ଦକ୍ଷିଣ ସଂସ୍କରଣ ଦି ଇଣ୍ଡିଆନ ଏକ୍ସପ୍ରେସ୍ ନାମରେ ପ୍ରକାଶ ପାଇଲା । ଏହିପରି ଉତ୍ତର ସଂସ୍କରଣ କେବଳ ଇଣ୍ଡିଆନ ଏକ୍ସପ୍ରେସ୍ ନାମରେ ନାମିତ ହୋଇ ମୁମ୍ବାଇରୁ ପ୍ରକାଶିତ ହେଲା । ପରେ ପରେ ଦି ଇଣ୍ଡିଆନ ଏକ୍ସପ୍ରେସ୍ ଦିଲ୍ଲୀ, ଭୁବନେଶ୍ୱର, ଚେନ୍ନାଇ, ଆହମଦାବାଦ, ବିଶାଖାପଟନମ୍, ବିଜୟୱାଡା, ଥିରୁଅନନ୍ତପୁରମ୍ ଏବଂ ମଦୁରାଇରୁ ପ୍ରକାଶିତ ହେଲା ।

## ୩.୩.୪ ହିନ୍ଦୁସ୍ତାନ ଟାଇମ୍ସ (ଇଂରାଜୀ)

୧୯୨୪ ମସିହାରେ ଇଂରାଜୀ ଭାଷାରେ ପ୍ରକାଶିତ ହେଲା ଅନ୍ୟତମ ଲୋକପ୍ରିୟ ଖବରକାଗଜ 'ହିନ୍ଦୁସ୍ତାନ ଟାଇମ୍ସ' । ଭାରତୀୟ ସ୍ୱାଧୀନତା ସଂଗ୍ରାମ ଦିଗରେ ପ୍ରଭାବଶାଳୀ ଲେଖା ପ୍ରକାଶ କରୁଥିବା ଏହି ଖବରକାଗଜ ସ୍ୱଳ୍ପ ଦିନରେ ଲୋକପ୍ରିୟତା ହାସଲ କରିପାରିଥିଲା । ରାଜ୍ୟ ସଭା ସାଂସଦ ଶୋଭନା ଭାରତୀଆ ଏହାର ମାଲିକ ଥିଲେ । ହିନ୍ଦୁସ୍ତାନ ଟାଇମ୍ସ ମିଡିଆର ଏହା ପ୍ରଥମ ପ୍ରକାଶନ ଥିଲା । ପ୍ରକାଶନ ଦୃଷ୍ଟିରୁ ଏହା ଭାରତର ସର୍ବବୃହତ୍

ଖବରକାଗଜ । ନଭେମ୍ବର ୨୦୧୫ ଅଡିଟ୍ ରିପୋର୍ଟ ଅନୁଯାୟୀ ଏହାର ପାଠକ ସଂଖ୍ୟା ୧.୧୬ ମିଲିୟନ୍ । ଦି ଟାଇମ୍ସ ଅଫ୍ ଇଣ୍ଡିଆ ପରେ ଏହା ଦ୍ୱିତୀୟ ଲୋକପ୍ରିୟ ଇଂରାଜୀ ଖବରକାଗଜ । ସାଧାରଣତଃ ଉତ୍ତର ଭାରତ ଏବଂ ନୂଆ ଦିଲ୍ଲୀ, ମୁମ୍ବାଇ ଓ କଲିକତାରେ ଏହାର ଚାହିଦା ଅଧିକ ।

## ୩.୩.୫ ଦି ଷ୍ଟେଟସ୍‌ମେନ୍ (ଇଂରାଜୀ)

୧୮୭୫ ମସିହାରୁ ଦୈନିକ ଖବରକାଗଜ ଭାବେ ପ୍ରକାଶିତ ହେଲା 'ଦି ଷ୍ଟେଟସ୍‌ମେନ୍' ନାମକ ଇଂରାଜୀ ଖବରକାଗଜ । ଏକାଥରକେ କଲାକତା, ଦିଲ୍ଲୀ, ସିଲିଗୁଡି ଏବଂ ଭୁବନେଶ୍ୱରରୁ ଏହା ପ୍ରକାଶିତ ହେଲା । ୧୮୧୮ ମସିହାରେ ଏହା 'ଦି ଫ୍ରେଣ୍ଡ୍ ଅଫ୍ ଇଣ୍ଡିଆ'ରୁ ସିଧାସଳଖ ବାହାରି ଆସିଥିଲା । ଏହା ଷ୍ଟେଟସମେନ୍ ଲିମିଟେଡ୍ ସଦରରୁ ପ୍ରକାଶିତ ହେଉଥିଲା । ଏସିଆ ନ୍ୟୁଜ୍ ନେଟୱାର୍କର ଏହା ଏକ ସଦସ୍ୟ । ଦି ଷ୍ଟେଟସ୍‌ମେନ୍‌ର ରବିବାର ତଥା ଛୁଟିଦିନ ସଂସ୍କରଣ ୧୮୦,୦୦୦ ଏବଂ ଏହାର ପ୍ରକାଶନ ୨୩୦,୦୦୦ । ବଙ୍ଗଳାର ସବୁଠୁ ଲୋକପ୍ରିୟ ଇଂରାଜୀ ଖବରକାଗଜ ହେଉଛି ଦି ଷ୍ଟେଟସ୍‌ମେନ୍ ।

## ୩.୩.୬ ଦୈନିକ ଜାଗରଣ (ହିନ୍ଦୀ)

ପୁରନ ଚନ୍ଦ୍ର ଗୁପ୍ତା ଭାରତ ଛାଡ ଆନ୍ଦୋଳନ ସମୟରେ ୧୯୪୨ ମସିହାରେ ଦୈନିକ ଜାଗରଣ ପ୍ରକାଶିତ କରିଥିଲେ । ଜାଗରଣ ବିକାଶରୁ ପ୍ରକାଶ ପାଉଥିବା ଏହି ଖବରକାଗଜ ୧୧ ରାଜ୍ୟକୁ ପଠାଯାଉଥିଲା । ଏହାର ମୁଖ୍ୟ କାର୍ଯ୍ୟାଳୟ ଉତ୍ତରପ୍ରଦେଶର କାନପୁର ସହରରେ ଥିଲା । ଏହା ହେଉଛି ସବୁଠୁ ଲୋକପ୍ରିୟ ହିନ୍ଦୀ ଖବରକାଗଜ । ଏଥିରେ ସାମ୍ପ୍ରତିକ ଘଟଣାବଳୀ ଏବଂ ବିସ୍ତୃତ ଘଟଣାକୁ ସାମିଲ କରାଯାଉଥିଲା ।

## ୩.୩.୭ ହିନ୍ଦୁସ୍ତାନ (ହିନ୍ଦୀ)

ଏହା ହେଉଛି ଦ୍ୱିତୀୟ ଲୋକପ୍ରିୟ ଦୈନିକ ହିନ୍ଦୀ ଖବରକାଗଜ । ହିନ୍ଦୁସ୍ତାନ ମିଡିଆ ଭେନଚରରେ ଏହା ୧୯୩୬ ମସିହାରେ ପ୍ରକାଶିତ ହେଲା । ହିନ୍ଦୁସ୍ତାନ ଟାଇମ୍ସର ଏହା ପ୍ରତିଛବି । ଦିଲ୍ଲୀ, ଛତିଶଗଡ, ବିହାର, ଚଣ୍ଡିଗଡ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଝାଡଖଣ୍ଡରେ ଏହା ପ୍ରକାଶନ ହେଲା । ଉତ୍ତର ପ୍ରଦେଶର ଏକ ତୃତୀୟାଂଶ ଜନତା ଏହି ଖବରକାଗଜ ପଢନ୍ତି । ହିନ୍ଦୁସ୍ତାନର ଏଆର  ହେଉଛି ପାଖାପାଖି ୧.୪୭ କୋଟି ।

## ୩.୩.୮ ଦୈନିକ ଭାସ୍କର (ହିନ୍ଦୀ)

'ଦୈନିକ ଭାସ୍କର' ବି ଭାରତରେ ହିନ୍ଦୀ ଖବରକାଗଜ ମଧ୍ୟରେ ବିପୁଳ ଲୋକପ୍ରିୟତା ହାସଲ କରିଛି । ଦୈନିକ ଭାସ୍କର ଗ୍ରୁପ୍ ୧୯୫୮ରେ ପ୍ରତିଷ୍ଠିତ ହୋଇଥିଲା । ୧୧ଟି ରାଜ୍ୟରେ ଏହାର ସଂସ୍କରଣ ହୋଇଥିଲା । ଏହା ଲୋକପ୍ରିୟତା ହାଲସ କରିବା ସହ ଖୁବ୍ କମ୍ ଦିନରେ ଅନେକ ପୁରସ୍କାର ବି ହାସଲ କରିପାରିଛି ।

## ୩.୩.୯ ଅମର ଉଜ୍ଜ୍ୱଳା (ହିନ୍ଦୀ)

ଭାରତ ସ୍ୱାଧୀନତା ପରେ ୧୯୪୮ ମସିହାରେ ଅନ୍ୟ ଲୋକପ୍ରିୟ ହିନ୍ଦୀ ଦୈନିକ 'ଅମର ଉଜ୍ଜ୍ୱଳା' ପ୍ରକାଶ ପାଇଲା । ଅମର ଉଜ୍ଜ୍ୱଳା ପବ୍ଲିକେସନ୍ ଲିମିଟେଡ୍ ଦ୍ୱାରା ଏହା ପ୍ରକାଶ ପାଇଲା । ଉତ୍ତର ପ୍ରଦେଶ, ନୋଏଡାରୁ ଖବର, ଖେଳ, ରାଜନୈତିକ, ସାଂସ୍କୃତିକ ଆଦି ଖବରକୁ ନେଇ ଏହା ପ୍ରକାଶିତ ହେଉଥିଲା ।

## ୩.୩.୧୦ ମଳୟ ମନୋରମା (ମାଲାୟାଲମ)

ଦକ୍ଷିଣ ଭାରତର ସବୁଠୁ ଲୋକପ୍ରିୟ ଖବରକାଗଜ ପାଲଟିଥିଲା 'ମଳୟ ମନୋରମା' । ମଳୟ ମନୋରମା କମ୍ପାନୀରୁ ୧୯୮୦ରେ ଏହା ପ୍ରକାଶ ପାଇଲା । ମଳୟ ମନୋରମା କେରଳରୁ ପ୍ରକାଶ ପାଉଥିଲା ଏବଂ ଏହାର ୧୫ଟି ଛାପାକଳ ରହିଥିଲା ।

## ୩.୩.୧୧ ମାତୃଭୂମି (ମାଲାୟାଲମ)

ମାଲାୟାଲମ ଭାଷାର ସବୁଠୁ ଲୋକପ୍ରିୟ ଖବରକାଗଜ ଥିଲା ୧୯୨୩ ରେ ପ୍ରକାଶିତ 'ମାତୃଭୂମି'। ଏହାର ମୁଖ୍ୟ କାର୍ଯ୍ୟାଳୟ କେରଳରେ ରହିଥିଲା । ଏହାର ସମଗ୍ର ଭାରତରେ ୧୦ ଟି ଛାପାସଂସ୍ଥା ରହିଥିଲା । ଏହାର ମୋବାଇଲ ପରିଚାଳନା ଆପ୍, ଆଇଓଏସ୍ ଏବଂ ୱିଣ୍ଡୋସ୍ ସଫ୍ଟୱେର୍ ରହିଛି ।

## ୩.୪ ଖ୍ୟାତିନାମା ପତ୍ରିକା

ପତ୍ରପତ୍ରିକା ଖବରକାଗଜ ଦୁନିଆଠୁଁ ଅଲଗା । ଏହାର ସୂଚନା ସଂଗ୍ରହ ଓ ଉପସ୍ଥାପନର ଅଭିପ୍ରାୟ ବି ଭିନ୍ନ। ଲୋକଙ୍କ ଉତ୍ସାହ ଏବଂ ଆଗ୍ରହ ତଥା ଆବଶ୍ୟକତାକୁ ଦେଖି ହିଁ ତଦନୁଯାୟୀ ପତ୍ରପତ୍ରିକା ପ୍ରକାଶ ପାଇଥାଏ। ଉତ୍ତମ ଲେଖା, ଅଧିକ ସୂଚନା ଏବଂ ଭିନ୍ନ ଭିନ୍ନ ସ୍ୱାଦର ଖବର ହିଁ ପତ୍ରିକାକୁ ଲୋକପ୍ରିୟତା ଆଡକୁ ନେଇଥାଏ। ଏହା ଦ୍ୱାରା ପତ୍ରିକା ଖୁବ୍ କମ୍ ଦିନରେ ଜନମାନସରେ ନିଜର ସଫଳ ଚିତ୍ରଣ କରିବାରେ ସଫଳ ହୋଇପାରନ୍ତି।

## ୩.୪.୧ ଇଣ୍ଡିଆ ଟୁଡେ (ଇଂରାଜୀ)

୨୦୧୬ ମସିହାରେ ହୋଇଥିବା ସର୍ଭେ ଅନୁଯାୟୀ 'ଇଣ୍ଡିଆ ଟୁଡେ' ହେଉଛି ଭାରତର ତୃତୀୟ ଲୋକପ୍ରିୟ ପତ୍ରିକା । ୧୯୭୫ ମସିହାରେ ଇଣ୍ଡିଆ ଗ୍ରୁପର ସହାୟତାରେ ଏହି ସାପ୍ତାହିକ ପତ୍ରିକା ପ୍ରକାଶିତ ହେବା ଆରମ୍ଭ ହୋଇଥିଲା । ବିଦ୍ୟା ବିଳାସ ପୁରୀ ଅନେକ ଖବର ଏବଂ ଉନ୍ନତିମୂଳକ ଘଟଣାକୁ ନେଇ ଏହି ପତ୍ରିକା ଆରମ୍ଭ କରିଥିଲେ ।

## ୩.୪.୨ ଫ୍ରଣ୍ଟଲାଇନ (ଇଂରାଜୀ)

ଭାରତର ଚେନ୍ନାଇରୁ ଦି ହିନ୍ଦୁ ଗ୍ରୁପ୍ ପବ୍ଲିକେଶନରୁ ପ୍ରକାଶ ପାଇଥିଲା 'ଫ୍ରଣ୍ଟଲାଇନ' । ଆର.ବିଜୟ ଶଙ୍କର ଏହାଙ୍କ ସମ୍ପାଦକରୂପେ କାର୍ଯ୍ୟ କରୁଥିଲେ । ୧୯୮୪, ଡିସେମ୍ବରରେ ଫ୍ରଣ୍ଟଲାଇନ ପ୍ରଥମ କରି ପ୍ରକାଶ ପାଇଲା । ରାଜନୀତି, ରାଜନୈତିକ ଖବର, ସାମାଜିକ ପରିସ୍ଥିତି ନିମିତ୍ତ ଖବର ଆଦି ଏଥିରେ ପ୍ରକାଶ ପାଉଥିଲା।

## ୩.୪.୩ ଆଉଟ୍‌ଲୁକ୍ (ଇଂରାଜୀ)

ଆଉଟ୍‌ଲୁକ୍ ହେଉଛି ସାପ୍ତାହିକ ଇଂରାଜୀ ଖବର ବିଶିଷ୍ଟ ପତ୍ରିକା । ଏହା ରହେଜା ଗ୍ରୁପ୍ ଦ୍ୱାରା ପ୍ରକାଶିତ ହୋଇଥିଲା । ଏଥିରେ ରାଜନୀତି, ଖେଳ, ସିନେମା ଏବଂ ଲୋକଙ୍କ ଇଚ୍ଛାମୁତାବକ କାହାଣୀ ପ୍ରକାଶିତ ହେଲା। ୧୯୯୫, ଅକ୍ଟୋବର ମାସରେ ଏହା ପ୍ରଥମେ ପ୍ରକାଶିତ ହୋଇଥିଲା । ସେତେବେଳେ ଏହା ସହ ସମ୍ପାଦକ ଥିଲେ ବିନୋଦ ମେହେଟ୍ଟା ।

ଏହା ହେଉଛି ମଧ୍ୟରାତ୍ରରେ ପ୍ରକାଶିତ ହେଉଥିବା ସାପ୍ତାହିକୀ । ଏଥିରେ ବିବିସି ଏବଂ ୱାର୍ଲଡ୍ ୱାଇଡ୍ ମିଡିଆର ମିଳିତ ସହାୟତାରେ ପ୍ରକାଶିତ ହେଉଥିଲା । ପ୍ରାଥମିକ ଭାବେ ଏହା ମହିଳାଙ୍କ ନିମନ୍ତେ ଉପଯୋଗୀ ସାପ୍ତହିକୀ ଥିଲା । ଏଥିରେ ରୂପସଜ୍ଜା, ସୌନ୍ଦର୍ଯ୍ୟତା ଆଦି ବିଷୟରେ ଖବର ପ୍ରକାଶ ପାଉଥିଲା ।

## ୩.୪.୪ ୱିମିନ୍ସ ଏରା (ଇଂରାଜୀ)

ବିଶ୍ୱନାଥନଙ୍କ ତତ୍ତ୍ୱାବଧାନରେ ୧୯୭୩ ମସିହାରେ ପ୍ରକାଶିତ ହେଲା ଇଂରାଜୀ ପତ୍ରିକା ୱିମିନ୍ସ ଏରା । ଏହାର ପ୍ରକାଶନ ହେଉଥିଲା ଦିଲ୍ଲୀ ପ୍ରେସ୍‌ରୁ । ଏହା ଦିଲ୍ଲୀ ପ୍ରେସ୍‌ର ପତ୍ରିକା ଥିଲା । ୨୦୦୨ ମସିହାରେ ଦିବେଶ ନାଥ ଏହାର ସମ୍ପାଦକ ଥିଲେ । ଏହାର ପାଠକ ସଂଖ୍ୟା ସବୁଠୁ ଅଧିକ ଥିଲେ । କାରଣ ଏଥିରେ ସବୁ ପ୍ରକାରର ପାଠକଙ୍କ ପାଇଁ ଖବର ସ୍ଥାନିତ ହେଉଥିଲା ।

## ୩.୪.୫ ସରସ ସଲିଳ (ହିନ୍ଦୀ)

ଭାରତର ପତ୍ରିକାଙ୍କ ମଧ୍ୟରେ ୫ମ ସ୍ଥାନରେ ଥିବା ସରସ ସଲିଳ ୧.୩୭ ମିଲିୟନ ଲୋକଙ୍କ ପସନ୍ଦ ହୋଇପାରିଥିଲା । ୧୯୯୩ ମସିହାରେ ପ୍ରତିଷ୍ଠିତ ଏହି ପତ୍ରିକା ୫ଟି ଭିନ୍ନ ଭିନ୍ନ ଭାଷାରେ ପ୍ରକାଶ ପାଇଥିଲା । ଏହି ପତ୍ରିକା ସହରାଞ୍ଚଳଠୁଁ ଆରମ୍ଭ କରି ଦୁର୍ଗମ ଅଞ୍ଚଳର ଲୋକଙ୍କ ନିକଟକୁ ପହଞ୍ଚି ପାରିଥିଲା ।

## ୩.୪.୬ ସାମାନ୍ୟଜ୍ଞାନ ଦର୍ପଣ (ହିନ୍ଦୀ)

ଜ୍ଞାନଭିତ୍ତିକ ଏବଂ ଖବର ସରବରାହର ସବୁଠୁ ଲୋକପ୍ରିୟ ପତ୍ରିକା ସାଜିଥିଲା ସାମାନ୍ୟ ଜ୍ଞାନ ଦର୍ପଣ । ଏହା ମାସିକ ପତ୍ରିକା ଭାବେ ପ୍ରକାଶ ପାଇଲା । ସାଧାରଣ ଘଟଣାବଳୀ ଏବଂ ମାସକର ଅନ୍ୟାନ୍ୟ ଘଟଣାକୁ ବି ଏହା ସ୍ଥାନିତ କରୁଥିଲା ନିଜ ପତ୍ରିକାରେ ।

## ୩.୪.୭ ଗ୍ରୀହ ଶୋଭା (ହିନ୍ଦୀ)

ଭାରତର ସବୁଠୁ ଅଧିକ ବିକ୍ରି ହେଉଥିବା ପତ୍ରିକା ହେଉଛି ଗ୍ରୀହ ଶୋଭା । ଏହା ୧୯୭୯ରେ ପ୍ରତିଷ୍ଠା ଲାଭ କରିଥିଲା । ଫେସନ, ବଲିଉଡ୍, ମନୋରଞ୍ଜନ ଆଦିକୁ ନିଜ ପତ୍ରିକାରେ ସାମିଲ କରିଥିଲେ ।

## ୩.୪.୮ ମାତୃଭୂମି ଆରୋଗ୍ୟ ମାସିକ (ମାଲାୟାଲମ)

ମାତୃଭୂମି ଆରୋଗ୍ୟ ମାସିକ ମାଲାୟାଲମ ଭାଷାରେ ପ୍ରକାଶିତ ସାରା ଦେଶର ପତ୍ରିକା ମଧ୍ୟରେ ୮ମ ସ୍ଥାନ ଗ୍ରହଣ କରିଛି । ଏହା ମାସିକ ସ୍ୱାସ୍ଥ୍ୟ ସମ୍ପର୍କିତ ପତ୍ରିକା । ଏହା ୧୯୯୭ରେ ପ୍ରତିଷ୍ଠା ପାଇଥିଲା । ଏହା ଦ୍ୱାରା ଜନତାଙ୍କୁ ପ୍ରତି ମାସରେ ସ୍ୱାସ୍ଥ୍ୟ ଉପରେ ନାନାଦି ଖବର ଜାଣିବାକୁ ମିଳୁଥିଲା ।

# ୩.୫ ଭାରତରେ ଖବର ସରବରାହ ସଂସ୍ଥା (ନ୍ୟୁଜ୍ ଏଜେନ୍ସି)

ସମ୍ବାଦ ସରବରାହ ସଂସ୍ଥା ବା ନ୍ୟୁଜ୍ ଏଜେନ୍ସିକୁ ପ୍ରେସ୍ ଏଜେନ୍ସି, ଓୟାର୍ ସର୍ଭିସ ଅବା ନ୍ୟୁଜ୍ ସର୍ଭିସ ବୋଲି ମଧ୍ୟ କୁହାଯାଇଥାଏ । ଏହାର କାର୍ଯ୍ୟ ହେଉଛି ବିଭିନ୍ନ ସଂସ୍ଥାକୁ ସମ୍ବାଦ ସରବରାହ କରିବା । ସମ୍ପ୍ରତି ନ୍ୟୁଜ ଏଜେନ୍ସି ଗୁଡିକ କେବଳ ଖବର ସରବରାହ କରୁନାହାଁନ୍ତି, ଏମାନେ ବିଭିନ୍ନ ଗଣମାଧ୍ୟମର ଆବଶ୍ୟକ ମୁତାବକ

ଅନ୍ୟାନ୍ୟ ସେବା ବି ପ୍ରଦାନ କରୁଛନ୍ତି । ଏମାନଙ୍କ ମଧ୍ୟରୁ କେତେକ ଖବରକାଗଜ ପ୍ରକାଶନ ଏବଂ ଗଣମାଧ୍ୟମ ଶିକ୍ଷା ଓ ପ୍ରଶିକ୍ଷଣରେ ନିୟୋଜିତ ଅଛନ୍ତି । କେତେକ ନ୍ୟୁଜ୍ ଏଜେନ୍ସି ବିଜ୍ଞାପନ ଓ ଲୋକସଂପର୍କ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରୁଛନ୍ତି । ଅଧିକ ଆୟ ପାଇଁ କାର୍ଯ୍ୟରେ ବିଭିନ୍ନତା ପ୍ରାରମ୍ଭରୁ ହିଁ ନ୍ୟୁଜ୍ ଏଜେନ୍ସି ପରିଚାଳନାର ନିୟମ ରହିଆସିଛି ।

ଚାର୍ଲସ ଲୁଇସ ହାଭାସ (୧୭୮୩-୧୮୫୮) ସର୍ବ ପ୍ରଥମେ ଏହାର ଆରମ୍ଭ କରିଥିଲେ । ସେ ପ୍ରଥମେ ଏଜେନ୍ସି ଶବ୍ଦକୁ ପ୍ରୟୋଗ କରିଥିଲେ । ନ୍ୟୁଜ୍ ଏଜେନ୍ସି ବ୍ୟବସାୟ ଆରମ୍ଭ ହେବା ପୂର୍ବରୁ ଖବରକାଗଜ ନିମନ୍ତେ ବୈଦେଶିକ ଖବର ନିମନ୍ତେ ବିଦେଶର ଖବରକାଗଜର ଆବଶ୍ୟକତା ପଡୁଥିଲା ।

## ୩.୫.୧ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ

୨୦୧୪ ଶେଷ ସୁଦ୍ଧା, ପି.ଟି.ଆଇ ବର୍ତ୍ତମାନ ଭାରତର ବୃହତ୍ତମ ସମ୍ବାଦ ସରବରାହ ସଂସ୍ଥା । ଦେଶର ଖବରକାଗଜଗୁଡିକର ମିଳିତ ମାଲିକାନାରେ ଥିବା ଏକ ନନ୍ ପ୍ରଫିଟ୍ ଏଜେନ୍ସି । ଦେଶର ଅନ୍ୟୁନ ୪୫୦ଟି ଖବରକାଗଜ ପି.ଟି.ଆଇର ସେବା ନେଇଥାନ୍ତି । ଦେଶର ପ୍ରମୁଖ ଟିଭି ଏବଂ ରେଡିଓ ଚ୍ୟାନେଲ ତଥା ଦେଶ ବିଦେଶର ଅନେକ ଚ୍ୟାନେଲ, ଲଣ୍ଡନ ବିବିସି ମଧ୍ୟ ପିଟିଆଇ ସେବା ଗ୍ରହଣ କରିଥାନ୍ତି ।

ପି.ଟି.ଆଇରେ ୧,୩୦୦ ଅଧିକ କର୍ମଚାରୀ ଏବଂ ୪୦୦ ଜଣ ପାଖାପାଖି ପ୍ରତିନିଧି କାର୍ଯ୍ୟ କରିଥାନ୍ତି। ସମଗ୍ର ଦେଶରେ ଏବଂ ବିଦେଶରେ ଏହାର ୮୦ଟି ବ୍ୟୁରୋ ଅଫିସ ରହିଛି । ଏହାର ସ୍ୱତନ୍ତ୍ର ସମ୍ବାଦଦାତା ବିଶ୍ୱର ପ୍ରମୁଖ ସହର ବେଜିଂ, ଢାକା, ଜେରୁଜେଲମ୍, ଜୋହାନ୍ସବର୍ଗ, ଇସଲାମାବାଦ, କାଠମାଣ୍ଡୁ, କୁଆଲାଲାମପୁର, ଲଣ୍ଡନ, ମସ୍କୋ, ନ୍ୟୁୟର୍କ, ୱାଶିଂଟନ ଏବଂ ସିଡନୀରେ ରହିଛନ୍ତି । ଏହାର ୪୦୦ ଷ୍ଟ୍ରିଙ୍ଗର ବି ଅଛନ୍ତି । ଭାରତରେ ଖବର ପହଞ୍ଚାଇବା ପାଇଁ ପି.ଟି.ଆଇର ଆସୋସିଏଟେଡ୍ ପ୍ରେସ (ଏପି) ଏବଂ ଏଜେନ୍ସି ଫ୍ରାନ୍ସ ପ୍ରେସ (ଏ.ଏଫ.ପି) ସହିତ ବନ୍ଦୋବସ୍ତ ରହିଛି । ଆସୋସିଏଟେଡ୍ ପ୍ରେସ୍ ସହିତ ଫଟୋ ସେବା ଏବଂ ଅନ୍ତର୍ଜାତୀୟ ଖବର ପାଇଁ ବ୍ୟବସ୍ଥା ରହିଛି । ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ବନ୍ଦୋବସ୍ତ ଅନୁଯାୟୀ ବିଶ୍ୱର ୧୦୦ଟି ନ୍ୟୁଜ୍ ଏଜେନ୍ସି ସହିତ ପିଟିଆଇ ଖବର ବିନିମୟ କରିଥାଏ । ଏଥିରେ ନନ୍ ଆଲାଏନଡ୍ ନ୍ୟୁଜ୍ ଏଜେନ୍ସି ପୁଲ୍ ଏବଂ ଅର୍ଗାନାଇଜେସନ୍ ଅଫ୍ ଏସିଆ ପାସିଫିକ୍ ନ୍ୟୁଜ୍ ଏଜେନ୍ସି ମଧ୍ୟ ସାମିଲ । ପିଟିଆଇ ଯେଉଁସବୁ ସେବା (ସର୍ଭିସ) ଯୋଗାଇଥାଏ ତା ଭିତରୁ ରହିଛି, ଷ୍ଟକ୍ ସ୍କାନ, ନ୍ୟୁଜ୍ ସ୍କାନ, ଡାଟା ଇଣ୍ଡିଆ, ଇକୋନୋମିକ ସର୍ଭିସ, ପି.ଟି.ଆଇ ମ୍ୟାଗ୍, ପି.ଟି.ଆଇ ଫିଚର, ଫଟୋ ଏବଂ ଏସିଆ ପଲସ୍ । ୧୯୪୭ରେ ପି.ଟି.ଆଇ ପଞ୍ଜୀକୃତ ହୋଇଥିଲା ଏବଂ ୧୯୪୯ରୁ ଏହା କାର୍ଯ୍ୟକାରୀ ହୋଇଥିଲା । ୬୫ ବର୍ଷ ହେଲାଣି ଏହା ସଫଳତାର ସହ ଖବର ଦେଇଚାଲିଛି ।

## ୩.୫.୨ ଇଣ୍ଡୋ-ଏସିଆନ ନ୍ୟୁଜ୍ ସର୍ଭିସ (ଆଇଏଏନଏସ୍)

୧୯୮୬ରେ ଇଣ୍ଡୋ-ଏସିଆନ ନ୍ୟୁଜ୍ ସର୍ଭିସ୍ ଗୋପାଳ ରାଜନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ବହୁକେନ୍ଦ୍ରୀୟ ଏବଂ ବହୁଭାଷୀୟ ୱାୟାର ସର୍ଭିସ୍ ଭାବରେ ଏହା ଭାରତ ଏବଂ ଦକ୍ଷିଣ ଏସିଆ ସମ୍ପର୍କିତ ଖବର ରିପୋର୍ଟକୁ ଗୁରୁତ୍ୱ ଦେଇଥିଲା । ୧୯୯୫ରେ ଆଇଏଏନଏସ୍ ଏହାର ହିନ୍ଦୀ ସେବା ଆରମ୍ଭ କରିଥିଲା । ଏହାର

ଏକ ଗୁଜୁରାଟୀ ଖବର ସେବା ବି ରହିଛି । ଅନ୍ୟ ଭାଷାଗୁଡିକରେ ମଧ୍ୟ ଖବର ପରିବେଷଣ ପାଇଁ ଏହା ଯୋଜନା କରୁଛି । ମଧ୍ୟ ପ୍ରାଚ୍ୟ ଏବଂ ତୈଳ ରାଷ୍ଟ୍ର ଗୁଡିକ ପାଇଁ ଏହା ଆରବ ଭାଷାରେ ଏହାର ସେବା ଆରମ୍ଭ କରିଛି । ଏହା ହୁଏତ ଦକ୍ଷିଣ ଏସିଆର ଏକମାତ୍ର ଗଣମାଧ୍ୟମ ସଂସ୍ଥା ଯାହାର ଆରବୀ ୱେବସାଇଟ୍ ରହିଛି ।

## ୩.୫.୩ ଏସିଆନ ନ୍ୟୁଜ୍ ଇଣ୍ଟରନ୍ୟାସନାଲ(ଏଏନଆଇ)

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗଣମାଧ୍ୟମରେ ଅଭୂତପୂର୍ବ ବିକାଶ ହୋଇଛି । ଅନେକ ନ୍ୟୁଜ୍ ଏଜେନ୍ସି ମଧ୍ୟ ଆରମ୍ଭ ହୋଇଛି । ବୃହତ୍ ନ୍ୟୁଜ୍ ଏଜେନ୍ସି ମଧ୍ୟରୁ ଏସିଆନ ନ୍ୟୁଜ୍ ଇଣ୍ଟରନ୍ୟାସନାଲ ୧୯୬୦ ମସିହାରେ ଆରମ୍ଭ ହୋଇଛି । ବର୍ତ୍ତମାନ ଏଏନଆଇ ଦକ୍ଷିଣ ଏସିଆର ପ୍ରମୁଖ ନ୍ୟୁଜ୍ ଏଜେନ୍ସି ଭାବରେ ବିକାଶ ଲାଭ କରିଛି। ଓଡିଶା ସମେତ ସାରା ଦେଶ ଓ ଦେଶ ବାହାରେ ଏହାର ୫୦ଟି ବ୍ୟୁରୋ ରହିଛି ।

## ୩.୫.୪ ପ୍ରେସ୍ ଇନଫରମେସନ ବ୍ୟୁରୋ (ପିଆଇବି)

କେନ୍ଦ୍ର ସରକାରଙ୍କ ମୁଖ୍ୟ ସମ୍ବାଦ ସରବରାହ ସଂସ୍ଥା ପିଆଇବିକୁ ଏକ ନ୍ୟୁଜ୍ ଏଜେନ୍ସି କହି ହେବ ନାହିଁ। ମାତ୍ର ଦିଲ୍ଲୀସ୍ଥିତ ଏହାର କାର୍ଯ୍ୟାଳୟ ତଥା ସମସ୍ତ ରାଜ୍ୟର ରାଜଧାନୀସ୍ଥିତ କାର୍ଯ୍ୟାଳୟ ଜରିଆରେ ଏହା ସରକାରଙ୍କ ବିଭିନ୍ନ ନୀତି, ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ଗଣମାଧ୍ୟମକୁ ଖବର ପହଞ୍ଚାଇ ଥାଏ । ଏହାର ୱେବସାଇଟରେ ପ୍ରଦତ୍ତ ଫଟୋକୁ ଖବରକାଗଜଗୁଡିକ ବ୍ୟବହାର କରି ଥାଆନ୍ତି ।

## ୩.୫.୫ ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ଇଣ୍ଡିଆ (ୟୁଏନଆଇ)

ପ୍ରଥମ ପ୍ରେସ୍ କମିଶନ ରିପୋର୍ଟ (୧୯୫୨-୫୪)ରେ ଦେଶରେ ଅନ୍ତତଃ ଦୁଇଟି ନ୍ୟୁଜ୍ ଏଜେନ୍ସି ରହିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଯୁକ୍ତି ଦର୍ଶାଯାଇଥିଲା ଯେ, ଦୁଇଟି ଏଜେନ୍ସି ରହିଲେ ସେମାନେ ପରସ୍ପର ସହ ପ୍ରତିଦ୍ୱନ୍ଦିତା କରିବା ସହିତ ଉଭୟଙ୍କୁ ସହଯୋଗ କରିବେ । ଖବରକାଗଜମାନେ ମଧ୍ୟ ଏହା ଅନୁଭବ କରିଥିଲେ । ଏଣୁ ୧୯୫୯ରେ ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ଇଣ୍ଡିଆ (ୟୁଏନଆଇ)ର ଗଠନ କରାଯାଇଥିଲା । ମାର୍ଚ୍ଚ ୧୯୬୧ରେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା । କ୍ରମେ ଏହା ଏସିଆର ଅନ୍ୟତମ ବୃହତ୍ତମ ନ୍ୟୁଜ୍ ଏଜେନ୍ସି ଭାବେ ବିକଶିତ ହେଲା । ଭାରତ ଏବଂ ବିଦେଶର ରାଜନୀତି, ଅର୍ଥନୀତି, ବାଣିଜ୍ୟ, ଖେଳ, ମନୋରଂଜନ, ମାନବିକ ଆବେଗ କାହାଣୀ ପ୍ରଦାନ କରିଥାଏ ।

ସମ୍ପ୍ରତି ଏହା ଭାରତ ଏବଂ ବିଦେଶର ବିଭିନ୍ନ ପ୍ରାନ୍ତରେ ୧୦୦୦ରୁ ଅଧିକ ଉପଭୋକ୍ତାଙ୍କୁ ସେବା ପ୍ରଦାନ କରିଥାଏ । ଖବରକାଗଜ, ରେଡିଓ, ଟେଲିଭିଜନ, ୱେବସାଇଟ୍, ସରକାରୀ କାର୍ଯ୍ୟାଳୟ ଏବଂ ଅଫିସ ଏଥିରେ ଅନ୍ତର୍ଭୁକ୍ତ । ସମଗ୍ର ଦେଶରେ ଏହାର ୩୨୫ ସାମ୍ବାଦିକ ଏବଂ ୨୫୦ ଜଣ ଷ୍ଟ୍ରିଞ୍ଜର କାମ କରୁଛନ୍ତି । ଏହାର ବିଭିନ୍ନ ବୈଦେଶିକ ନ୍ୟୁଜ୍ ଏଜେନ୍ସି ରଏଟର ଏବଂ ଡିପିଏ ସାଙ୍ଗରେ ମିଳିତ ଚୁକ୍ତି ରହିଛି । ବର୍ତ୍ତମାନ ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ଇଣ୍ଡିଆ (ୟୁଏନଆଇ) ଦ୍ରୁତ ଆଧୁନିକୀକରଣ ପ୍ରକ୍ରିୟା ଦେଇ ଗତି କରୁଛି । ଯାହା ଫଳରେ ଏହାର ପ୍ରମୁଖ ବ୍ୟୁରୋ ଗୁଡିକୁ କମ୍ପ୍ୟୁଟରାଇଜଡ୍ ନେଟୱର୍କ ଦ୍ୱାରା ସଂଯୋଗ କରାଯାଇଛି । ଏହାର ଉପଭୋକ୍ତାଙ୍କୁ ଖବର,

ଫଟୋ ଏବଂ ରେଖାଚିତ୍ରକୁ ଇଣ୍ଟରନେଟ୍, ନ୍ୟୁଜ୍‌ଏମ୍‌ଏଲ ଜରିଆରେ ପଠାଇବା ପାଇଁ ଏକ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ବ୍ୟବସ୍ଥା କରାଯାଇଛି । ଏହାର ସେବା ଇଂରାଜୀ, ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ଉପଲବ୍ଧ।

## ୩.୫.୬ ହିନ୍ଦୁସ୍ତାନ ସମାଚାର

ହିନ୍ଦୁସ୍ତାନ ସମାଚାର ହେଉଛି ବହୁ ଭାଷାଭାଷୀ ନ୍ୟୁଜ୍ ଏଜେନ୍ସି । ଏସ.ଏସ.ଆପ୍ଟେଙ୍କ ଦ୍ୱାରା ୧୯୪୮ରେ ୧୦ଟି ଭାଷାରେ ଏହା ଆରମ୍ଭ ହୋଇଥିଲା । ୧୯୫୧ରେ ବିହାର ସରକାର ବି ହିନ୍ଦୁସ୍ତାନ ସମାଚାରକୁ ଗ୍ରହଣ କରିଥିଲେ । ଏହିପରି ମାଲାୟଲମ, ତେଲୁଗୁ, ମରାଠୀ, ଉର୍ଦ୍ଦୁ, ପଞ୍ଜାବୀ, ଗୁଜୁରାଟୀ ଆଦି ଭାଷାରେ ବି ସେବା ଉପଲବ୍ଧ ହେଲା । ୧୯୭୫ରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା ହେବା ପରେ ଏହା ପିଟିଆଇ ସହ ମିଶିଯାଇଥିଲା।

## ୩.୫.୭ ପ୍ରେସ୍ ସର୍ଭିସ୍ ଅଫ୍ ଇଣ୍ଡିଆ (ପିଏସଆଇ)

ପ୍ରେସ୍ ସର୍ଭିସ୍ ଅଫ୍ ଇଣ୍ଡିଆ (ପିଏସଆଇ) ବି ଏକ ବହୁ ଭାଷାଭାଷୀ ନ୍ୟୁଜ୍ ଏଜେନ୍ସି । ଏହା ରାଜନୈତିକ ତଥା ଅର୍ଥନୈତିକ ଖବର ଯାହାକି ବାଣିଜ୍ୟ ନିମନ୍ତେ ଜରୁରୀ ତାକୁ ପ୍ରକାଶ କଲା ।

## ୩.୬ ଆସ ପ୍ରଗତି ମାପିବା

୧. ଭାରତର ୫ଟି ଖ୍ୟାତାନାମା ଖବରକାଗଜର ନାମ ଲେଖ ।

୨. ତିନୋଟି ଖ୍ୟାତାନାମା ହିନ୍ଦୀ ପତ୍ରିକାର ନାମ ଲେଖ ।

୩. ଦି ହିନ୍ଦୁ ପ୍ରକାଶିତ ହେଉଥିବା ଅତିକମରେ ୩ଟି ସ୍ଥାନର ନାମ ଲେଖ ।

୪. ଭାରତର ଖବର ସରବରାହ ସଂସ୍ଥା ବାବଦରେ ସଂକ୍ଷିପ୍ତ ଟିପ୍ପଣୀ ଦିଅ ।

# ଚତୁର୍ଥ ଏକକ : ଓଡିଶାରେ ଗଣମାଧ୍ୟମ

**ବିଷୟ ଗଠନ :**

୪.୧ ପଠନର ଉଦ୍ଦେଶ୍ୟ
୪.୨ ବିଷୟ ପରିଚୟ
୪.୩ ଖ୍ରୀଷ୍ଟିଆନ୍ ଧର୍ମପ୍ରଚାରକଙ୍କ କାର୍ଯ୍ୟ
୪.୪ ପ୍ରଥମ ଓଡିଆ ଖବରକାଗଜର ଆରମ୍ଭ
୪.୫ ଓଡିଆ ସାମ୍ବାଦିକତା ଆବିର୍ଭାବର ବିଶେଷତା
୪.୬ ଓଡିଶାରେ ରେଡିଓ ସେବା
୪.୭ ଓଡିଶାରେ ଟେଲିଭିଜନ
୪.୮ ଓଡିଶାରେ ଆଧୁନିକ ସାମ୍ବାଦିକତା
୪.୯ ଆସ ପ୍ରଗତି ମାପିବା

## ୪.୧ ପଠନର ଉଦ୍ଦେଶ୍ୟ

ଏହି ବିଷୟ ଅଧ୍ୟୟନ କଲେ ଆମେ ଓଡିଆ ସାମ୍ବାଦିକତାର ଉତ୍ପତ୍ତିସ୍ଥଳ ଏବଂ ଆରମ୍ଭ ଉପରେ ଧାରଣା ପାଇପାରିବା । ଖ୍ରୀଷ୍ଟିଆନ ମିଶନାରୀମାନଙ୍କ ଓଡିଆ ସାମ୍ବାଦିକତା ଦିଗରେ ଅବଦାନ ଦିଗରେ ବି ଜ୍ଞାନ ପାଇଯିବା। ରେଡିଓ ଏବଂ ଟିଭିର ଆରମ୍ଭ ଏବଂ ଏହା ସହ ଓଡିଶାରେ ନ୍ୟୁ ମିଡିଆ ଉପରେ ବି ଧାରଣା ପାଇପାରିବା ।

## ୪.୨ ବିଷୟ ପରିଚୟ

ଇତିହାସକୁ ଯଦି ପର୍ଯ୍ୟାୟ କ୍ରମେ ଲେଖିବା କଥା ଉଠେ, ତେବେ ମାଦଳା ପାଞ୍ଜିକୁ ଓଡିଶାରେ ସାମ୍ବାଦିକତାର ପ୍ରାଚୀନ ସମୟର ଉଦାହରଣ ଭାବେ ନିଆଯାଇପାରେ । ମାଦଳା ପାଞ୍ଜିର ଲେଖା ଦ୍ୱାଦଶରୁ ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ଆରମ୍ଭ ହୋଇଥିଲା । ଜଗନ୍ନାଥ ମନ୍ଦିର, ପୁରୀ ଏବଂ ମୋଟ ଉପରେ ଓଡିଶାର ଘଟଣାବଳୀ ଏଥିରେ ସ୍ଥାନ ପାଇଛି । ବର୍ଷକୁ ବର୍ଷ ତାଳପତ୍ରରେ ଏହା ଲେଖା ହୋଇ ଆସୁଥିଲା ।

ମାଦଳା ପାଞ୍ଜି ପରେ ଫକୁଜିବର ପତ୍ରିକା' ହିଁ ଓଡ଼ିଆ ସାମ୍ବାଦିକତାର ପରିଚୟ ପ୍ରଦାନ କରେ। ତେବେ ଏହାର ଆରମ୍ଭ ଖ୍ରୀଷ୍ଟିଆନ୍ ମିଶନାରୀ ମାନଙ୍କ ଓଡ଼ିଶା ଆସିବା ପୂର୍ବରୁ ହିଁ ହୋଇଥିଲା ଚୌଦ୍ୱାର ନିକଟରେ କୁଜିବର ମଠର ମଠାଧୀଶ ସାଧୁ ସୁନ୍ଦର ଦାସ କୁଜିବର ପତ୍ର ୧୭୬୯ରେ ଆରମ୍ଭ କରିଥିଲେ ।

୧୮୦୦ ମସିହା ବେଳକୁ ଏହାର ମରାଠୀ ଓ ହିନ୍ଦୀ ଅନୁବାଦ ବାହାରେ ମିଳୁ ଥିଲା। ତାଳପତ୍ର ଉପରେ ଲେଖା ଯାଉଥିବା ଏଇ ପତ୍ରିକାଟି ଅନିୟମିତ ଭାବେ ବାହାରୁ ଥିଲା । କୁଜିବର ଆଶ୍ରମରୁ ଏହାର ପ୍ରକାଶନ ହେଉଥିବାରୁ ଏହାର ନାମ ଫକୁଜିବର' ହୋଇଥିଲା। କୁଜିବର ପତ୍ରିକାର ସମ୍ପାଦକ ସାଧୁସୁନ୍ଦର ଦାସ କଟକର ଆଠଗଡ ନିକଟସ୍ଥ ଏକ ଗ୍ରାମ କୁମାରପୁରରେ ୧୭୨୦ ମସିହାରେ ଜନ୍ମଗ୍ରହଣ କରିଥିଲେ।




ହରିତାଳି ପତ୍ର ବା ଭୁଜପତ୍ରରେ କୁଜିବର ପତ୍ରିକାଟି ହାତରେ ଲେଖାଯାଉଥିଲା। ସାଧୁସୁନ୍ଦର ଦାସଙ୍କ ଶିଷ୍ୟମାନେ ଏହାକୁ ହାତରେ ଲେଖୁଥିଲେ। ଏହି ପତ୍ରିକାକୁ ହାତରେ ଲେଖି ଶାସକ ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଖକୁ ପଠାଯାଉଥିଲା। ଜନସାଧାରଣଙ୍କୁ ଜଣାଇବା ଉଦ୍ଦେଶ୍ୟରେ ପତ୍ରିକାକୁ ହାଟ,ବଜାର ଏବଂ ସର୍ବସାଧାରଣ ସ୍ଥାନକୁ ନେଇ ବଡ ପାଟିରେ ପଢାଯାଉଥିଲା। 'କୁଜିବର ପତ୍ରିକା' ଗୋଟିଏ ଖବରକାଗଜ ନଥିଲା କିନ୍ତୁ ଏଥିରେ ସମ୍ପାଦକଙ୍କ ମତ, ଧର୍ମ କଥା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବାଣିଜ୍ୟ, ସଙ୍ଗୀତ, ସହିତ କିଛି ସାମାଜିକ ପ୍ରସଙ୍ଗ ଏବଂ ରାଜନୈତିକ, ପ୍ରଶାସନିକ ଖବର ବି ପ୍ରକାଶ ପାଉଥିଲା ।

ଖ୍ରୀଷ୍ଟିଆନ୍ ମିଶନାରୀମାନେ କୁଜିବର ପତ୍ରିକାର କିଛି କପିକୁ ଇଂରାଜୀରେ ଅନୁବାଦ କରି ଇଂଲଣ୍ଡ ପଠାଉଥିଲେ। ସେସମୟର ବାପ୍ଟିଷ୍ଟ୍ ଜର୍ଣ୍ଣାଲରେ କୁଜିବର ପତ୍ରିକାର କିଛି ଅଂଶ ପ୍ରକାଶ ପାଇଥିଲା। ଆଜିପର୍ଯ୍ୟନ୍ତ କୁଜିବର ପତ୍ରିକାର କୌଣସି ଅଂଶ ଓଡ଼ିଶାରେ ମିଳୁନାହିଁ। 'କୁଜିବର ପତ୍ରିକା'କୁ କୌଣସି ମାଗାଜିନ୍ ବା ପତ୍ରିକା ସହି ସହିତ ତୁଳନା କରାଯାଇପାରେ। ସାଧୁସୁନ୍ଦର ଦାସ ବାଇବେଲ୍ ପଢିଥିଲେ। ସେ ଖ୍ରୀଷ୍ଟିଆନ୍ ଧର୍ମଯାଜକମାନଙ୍କୁ ତାଙ୍କ ଧାର୍ମିକ ଚିନ୍ତାଧାରା ବିଷୟରେ ଚର୍ଚ୍ଚା କରିବା ପାଇଁ ଡାକୁଥିଲେ। ଖ୍ରୀଷ୍ଟିଆନ୍ ମିଶନାରୀଙ୍କର କିଛି ଚିନ୍ତାଧାରାକୁ ସାଧୁସୁନ୍ଦର ବିରୋଧ କରୁଥିଲେ ଏବଂ ତାଙ୍କ ବିରୁଦ୍ଧରେ ଗୋଟିଏ କେସ୍ ଫାଇଲ୍ କରିଥିଲେ ଓ କେସ୍‌ରେ ଜିତିଥିଲେ। ମିସନାରୀମାନଙ୍କ ସହିତ ସାଧୁସୁନ୍ଦର ଦାସଙ୍କ ଆଇନତଃ ସମ୍ପର୍କ ଖରାପ ଯୋଗୁ ତାଙ୍କୁ ଜେଲ୍ ଭୋଗିବାକୁ ପଡିଥିଲା।



## ୪.୩ ଖ୍ରୀଷ୍ଟିଆନ୍ ଧର୍ମପ୍ରଚାରକଙ୍କ କାର୍ଯ୍ୟ

୧୮୩୭ ମସିହା ଅପ୍ରେଲ ୨୧ ତାରିଖରେ ସାଧୁ ସୁନ୍ଦରଙ୍କ ଦେହାନ୍ତ ହୋଇଥିଲା । ତାପରେ କୁଜୀବର ପତ୍ରର ପ୍ରକାଶନ ବନ୍ଦ ହୋଇଯାଇଥିଲା । ଓଡିଶାରେ ମୁଦ୍ରଣ ଯନ୍ତ୍ର ସ୍ଥାପନ ପୂର୍ବରୁ ବିଧିବଦ୍ଧ ଭାବେ ପ୍ରକାଶନ କ୍ଷେତ୍ରରେ କୁଜିବର ପତ୍ର ହିଁ ଥିଲା ଏକମାତ୍ର ପତ୍ରଇକା । ଊନ୍ନବିଂଶ ଶତାବ୍ଦୀର ଆରମ୍ଭରେ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଧାର୍ମିକ ତଥା ଅନ୍ୟାନ୍ୟ ପ୍ରକାଶନ କ୍ରମଶଃ ଜୋର ଧରିଲା ।

ଓଡିଶାରେ ପ୍ରକାଶନ କ୍ଷେତ୍ରରେ ମିଶନାରୀମାନଙ୍କର ଏକ ବୃହତ୍ ଭୂମିକା ରହିଛି । ସରକାରୀ ଗେଜେଟ୍ ଅନୁସାରେ ମିସନାରୀମାନେ ଓଡିଶାକୁ ଫେବୃଆରୀ ୧୨, ୧୮୨୨ରେ ଆସିଥିଲେ । ମୁଦ୍ରିତ ଗଣମାଧ୍ୟମର ଜନ୍ମ ତଥା ଏହାର ବହୁଳ ପ୍ରକାଶନ ପଛରେ ଇଶ୍ୱରଙ୍କ ପବିତ୍ର ବାଣୀ ପ୍ରଚାର ମୁଖ୍ୟ ଉଦେଶ୍ୟ ରହିଥିଲା । ସେମାନେ କଟକ, ପୁରୀ, ଖୋର୍ଦ୍ଧା, ବାଲେଶ୍ୱର ଏବଂ ବ୍ରହ୍ମପୁରରେ ଖ୍ରୀଷ୍ଟିଆନ୍ ସୋସାଇଟିମାନ ସ୍ଥାପନା କରିଥିଲେ। ଓଡ଼ିଶାକୁ ଆସିଥିବା ମିସନାରୀମାନଙ୍କ ମଧ୍ୟରେ ଚାର୍ଲସ ଲେସୀ, ମିସେସ୍ ଲେସୀ, ଆମୋସ୍ ସୁଟୋନ୍ ଏବଂ ମିସେସ୍ ସୁଟୋନ୍ ପ୍ରମୁଖ ଥିଲେ। ଆମୋସ୍ ସୁଟୋନ୍ ଭଲଭାବରେ ଓଡ଼ିଆ ପଢିଜାଣିଥିଲେ ଏବଂ ବାଇବେଲ୍‌ର ଓଡ଼ିଆ ଅନୁବାଦକୁ ସଂଶୋଧନ କରିଥିଲେ। ସୁଟୋନ୍ ଓଡ଼ିଆ ଭାଷାର ବହୁ ଶିଶୁ ପୁସ୍ତକର ଅନୁବାଦ କରିଥିଲେ। ସେ ମଧ୍ୟଓଡ଼ିଆ ଭାଷାରେ 'ଓଡ଼ିଶାର ଇତିହାସ' ନାମରେ ଏକ ପୁସ୍ତକ ରଚନା କରିଥିଲେ। ସୁଟୋନ୍ ଓଡ଼ିଆ ଶବ୍ଦର ପ୍ରତିଶବ୍ଦ ସହିତ ଏକ ଶବ୍ଦକୋଷ ପ୍ରକାଶ କରିଥିଲେ। ଓଡିଆରେ ପ୍ରଥମ ପୁସ୍ତକ ଦି ନ୍ୟୁ ଟେଷ୍ଟାମେଣ୍ଟ ୧୮୦୯ ରେ ପଶ୍ଚିମବଙ୍ଗର ଶ୍ରୀରାମପୁର ପ୍ରେସରୁ ଛପା ହୋଇ ଆସିଥିଲା । ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ପ୍ରଥମ ମୁଦ୍ରିତ ପ୍ରକାଶନ ମଧ୍ୟ ଥିଲା ଧର୍ମଗ୍ରନ୍ଥ । ୧୪୫୦ ଦଶକରେ ଗୁଟେନବର୍ଗ ପ୍ରଥମ ଥର ପାଇଁ ଚଳନଶୀଳ ଟାଇପ୍‌ରେ ଛାପି ପ୍ରକାଶ କରିଥିଲେ ବାଇବେଲ୍ । ଏହାକୁ ଗୁଟେନବର୍ଗ ବାଇବେଲ ଭାବରେ ଜଣାଯାଏ ।

୧୮୩୭ ରେ ପ୍ରତିଷ୍ଠିତ କଟକସ୍ଥିତ ମିସନ ପ୍ରେସ୍ ପ୍ରଥମେ ନ୍ୟୁ ଟେଷ୍ଟାମେଣ୍ଟ ପ୍ରକାଶ ହୋଇଥିଲା । ଏହାଛଡା ପ୍ରଥମ ଓଡିଆ ସାମୟିକ ପତ୍ରିକା ଜ୍ଞାନାରୁଣ (୧୮୪୯) ଏବଂ ପ୍ରବୋଧ ଚନ୍ଦ୍ରିକା (୧୮୫୬) ମଧ୍ୟ ପ୍ରକାଶ ହୋଇଥିଲା । ରେଭରେଣ୍ଡ ସି ଲେସି ଜ୍ଞାନାରୁଣର ସମ୍ପାଦକ ଥିଲେ । ଜ୍ଞାନାରୁଣ ହେଉଛି ପ୍ରଥମ ବେସରକାରୀ ମାସିକ ପତ୍ରିକା। ଜ୍ଞାନାରୁଣ ଅଳ୍ପ କେତୋଟି ସଂଖ୍ୟା ପରେ ବନ୍ଦ ହୋଇଗଲା । ଚାର୍ଲସ୍ ଲେସୀ ଏହାର ସମ୍ପାଦକ ଥିଲେ। ଏହା ଓଡ଼ିଶା ମିଶନ୍ ପ୍ରେସରୁ ମୁଦ୍ରଣ କରାଯାଇଥିଲା। ମିଶନ୍ ପ୍ରେସ୍‌ଟି ମିଶନାରୀମାନଙ୍କ ଅନୁରୋଧରେ ଇଂଲଣ୍ଡରୁ ଅଣାଯାଇଥିଲା ଏବଂ ଓଡ଼ିଆ ଅକ୍ଷର ବା ମୋଲ୍ଡ ଗୁଡିକ ପଶ୍ଚିମ ବଙ୍ଗଳାର ଶ୍ରୀରାମପୁରରୁ ଆସିଥିଲା। ଜ୍ଞାନାରୁଣରେ ଧର୍ମ ଏବଂ ସଂସ୍କାର କଥା ହିଁ ଚର୍ଚ୍ଚା କରାଯାଉଥିଲା। ଜ୍ଞାନାରୁଣ ଅଳ୍ପ ଦିନ ଧରି ପ୍ରକାଶିତ ହୋଇଥିଲେ ବି ସାମ୍ବାଦିକତା ଜଗତରେ ଏକ ଛାପ ଛାଡିଯାଇଛି।

'ପ୍ରବୋଧ ଚନ୍ଦ୍ରିକା' ୧୮୫୬ ମସିହାରେ ମାସିକ ପତ୍ରିକା ରୂପେ ଆରମ୍ଭ ହୋଇଥିଲା। ୱିଲିୟମ୍ ସି ଲେସୀ ଏହାର ସମ୍ପାଦକ ଥିଲେ। ଏହାର କିଛି କପି କଟକର ଶ୍ରୀରାମଚନ୍ଦ୍ରଭବନରେ ରଖାଯାଇଛି। 'ପ୍ରବୋଧ ଚନ୍ଦ୍ରିକା'ରେ କୋଣସି ଧର୍ମକୁ ପ୍ରଚାର କରୁନଥିଲା। ଏହାକୁ ପଢିଲେ ବା କିଣିଲେ ମଧ କୌଣସି ପାଠକଙ୍କର ଧର୍ମ ହ୍ରାସ ହେଉନଥିଲା। 'ପ୍ରବୋଧ ଚନ୍ଦ୍ରିକା' ଖ୍ରୀଷ୍ଟଧର୍ମକୁ ଗୁରୁତ୍ୱ ଦେଉନଥିଲା କି ଏହାର ପ୍ରଚାର କରୁନଥିଲା। ଏଥିରେ ସମ୍ବାଦ, ମତାମତ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ପ୍ରକାଶିତ ହେଉଥିଲା। କନ୍ଧମାଳ,ସମ୍ବଲପୁରରେ ଆରମ୍ଭ ହେଉଥିବା ସିପାହୀ ବିଦ୍ରୋହର ସମସ୍ତ ଘଟଣା, ସରକାରୀ ପଦକ୍ଷେପ ଇତ୍ୟାଦି ଏଥିରେ ପ୍ରକାଶିତ ହେଉଥିଲା। ଏହାସହିତ ବନ୍ୟା, ଲୋକଙ୍କ ସମସ୍ୟାକୁ ନେଇ ବିଭିନ୍ନ ଅଭିଯୋଗମାନ ଏଥିରେ ପ୍ରକାଶ ପାଉଥିଲା। ଏଥିରେ ପ୍ରକାଶିତ ଗୋଟିଏ ଖବର ଜଣେ ଧନୀ ଲୋକଙ୍କୁ ରାସ୍ତା ପାର୍ଶ୍ୱରେ ପୋଖରୀ ଏବଂ ବିଶ୍ରାମ ଗୃହ ନିର୍ମାଣ

କରିବାକୁ ପ୍ରବୋଧିତ କରିଥିଲେ। ପ୍ରବୋଧ ଚନ୍ଦ୍ରିକାର ଗୋଟିଏ ସମ୍ପାଦକୀୟ ତାହାର ପାଠକଙ୍କୁ ଓଡ଼ିଆ ଭାଷାର ଜ୍ଞାନ ବଢାଇବାକୁ ଉପଦେଶ ଦେଇଥିଲା। ଏହି ପତ୍ରିକାଟି ଗୋଟିଏ ଛୋଟ ବହି ଆକାରର ଥିଲା ଓ ଏଥିରେ ସର୍ବମୋଟ ୨୨ଟି ପୃଷ୍ଠା ଥିଲା। କେବଳ ପ୍ରଥମ ପୃଷ୍ଠାକୁ ଛାଡିଦେଲେ ଏହି ପତ୍ରିକାର ସମସ୍ତ ପୃଷ୍ଠାରେ ଦୁଇ ସ୍ତମ୍ଭ ରଖାଯାଇଥିଲା। ଏହି ମାସିକ ପତ୍ରିକାରେ ସଂସ୍କୃତରୁ ଅନୁଦିତ ବିଭିନ୍ନ ଗଳ୍ପ ସହିତ ପୁରାଣ, ବିଜ୍ଞାନ ଓ କାରିଗରୀ ବିଦ୍ୟା, ପଶୁ ପକ୍ଷୀ, ସ୍ୱାସ୍ଥ୍ୟ, ଆଦିବାସୀ ଏବଂ ସାମାଜିକ ସଂସ୍କାର ଇତ୍ୟାଦି ବିଷୟ ଉପରେ ଆଧାରିତ ଆଲେଖ୍ୟମାନ ପ୍ରକାଶ ପାଉଥିଲା। ସମସ୍ତ ଭଲ ଉଦ୍ଦେଶ୍ୟ ନେଇ ଏହି ପତ୍ରିକାଟି ପ୍ରକାଶିତ ହେଉଥିଲା। ଏହି ପତ୍ରିକାର ଭାଷା ଅତି ମାର୍ଜିତ ଥିଲା। ଏହାର ପ୍ରତିଟି କପିର ମୂଲ୍ୟ ୧୦ ପଇସା ଆଠ ଅଣା ଥିଲା ଏବଂ ଅଭ୍ୟଦାନ ପାଇଁ ବାରଅଣା ରଖାଯାଇଥିଲା। ଡବ୍ଲୁ ବ୍ରୁକସ୍ ଏହାର ପ୍ରକାଶକ ଥିଲେ। ବହୁ ଚେଷ୍ଟା ସତ୍ତ୍ୱେ 'ପ୍ରବୋଧ ଚନ୍ଦ୍ରିକା' ଗୁଡିଏ ଗ୍ରାହକ/ ନିୟମିତ ପାଠକ ସୃଷ୍ଟି କରିପାରିନଥିଲା। ଓଡ଼ିଆ ଗଦ୍ୟଶୈଳୀ ପ୍ରତି 'ପ୍ରବୋଧ ଚନ୍ଦ୍ରିକା'ର ଅବଦାନ ଅତୁଳନୀୟ। ୧୮୫୮ ମସିହା ସୁଦ୍ଧା 'ପ୍ରବୋଧ ଚନ୍ଦ୍ରିକା' ବନ୍ଦ ହୋଇଯାଇଥିଲା।

୧୮୫୮ ମସିହା ଶେଷବେଳକୁ 'ଗଞ୍ଜାମ ଗେଜେଟ୍' ସାପ୍ତାହିକ ପତ୍ରିକା ପ୍ରକାଶ ପାଇଲା। ଗଞ୍ଜାମ କଲେକ୍ଟୋରିଏଟ୍ ପ୍ରେସ୍‌ରୁ କେ.ଭିରାସ୍ୱାମୀ ରେଡ୍ଡିଙ୍କ ଦ୍ୱାରା ପ୍ରକାଶିତ ହେଉଥିଲା। ଏଥିରେ ଦୁଇରୁ ଆଠଟି ପୃଷ୍ଠା ରହୁଥିଲା। ପ୍ରତିଟି ପୃଷ୍ଠାରେ ଉଭୟ ଇଂରାଜୀ ଓ ତେଲୁଗୁ ଭାଷାର ଆଲେଖ୍ୟ ଗୁଡିକ ଦୁଇଟି ସ୍ତମ୍ଭରେ ରହୁଥିଲା। ଅପ୍ରେଲ୍ ୧୮୬୦ ବେଳକୁ ଓଡ଼ିଆ ମଧବ୍ୟବହାର କରାଗଲା। ଏହି ଗେଜେଟ୍‌କୁ କର୍ଜୀ, କରଣ, ଗ୍ରାମ ମୁଖିଆ, ଏବଂ ଜମିଦାର ମାନଙ୍କୁ ବଣ୍ଟନ କରାଯାଉଥିଲା। ଏଥିରେ କୌଣସି ସମ୍ପାଦକୀୟ ନରହି ସରକାରୀ ନୋଟିସ୍, ସର୍କୁଲାର୍, ବନ୍ୟା ଓ ଦୁର୍ଭିକ୍ଷର ତଥ୍ୟ ଏବଂ ବିଜ୍ଞାପନଗୁଡିକ ପ୍ରକାଶ ପାଉଥିଲା। ସେ ସମୟରେ ମାଡ୍ରାସ୍ ପ୍ରେସିଡେନ୍ସି ସହିତ ଗଞ୍ଜାମ ମିଶିରହିଥିବାରୁ ଗଞ୍ଜାମ ଗେଜେଟ୍‌ରେ ରାଜମହେନ୍ଦ୍ରୀ ଗେଜେଟ୍, ଏନ୍.ଆରକୋଟ୍ ଗେଜେଟ୍ ଏବଂ ମାଡ୍ରାସ୍ ପୋଷ୍ଟାଲ୍ ଆଡଭାଇଜରୁ ଖବର ଗୁଡିକ ପ୍ରକାଶ ପାଇଥିଲା। ସେସମୟର ଗଞ୍ଜାମର ଅବସ୍ଥାମାନ ଗଞ୍ଜାମ ଗେଜେଟ୍‌ରେ ପ୍ରକାଶ ପାଉଥିଲା। ୩୦ ନଭେମ୍ବର ୧୮୫୪ ମସିହା ପର୍ଯ୍ୟନ୍ତ ଅନ୍ୟ ଭର୍ଣ୍ଣାକୁଲାର୍ ଭାଷା ସହିତ ଇଂରାଜୀ ଭାଷାକୁ ମଧପତ୍ରିକାରେ ବ୍ୟବହାର କରାଯାଉଥିଲା।

ଖ୍ରୀଷ୍ଟିଆନ୍ ଭର୍ଣ୍ଣାକୁଲାର୍ ଲିଟରେଚର ସୋସାଇଟି ଦ୍ୱାରା ୧୮୬୧ ମସିହାରେ 'ଅରୁଣୋଦୟ' ପ୍ରକାଶ କରାଯାଇଥିଲା। ଏହା ମାତ୍ର ତିନିବର୍ଷ ଧରି ପ୍ରକାଶ ପାଇଥିଲା। ଏହି ପତ୍ରିକାର କୌଣସି କପି ଏଯାବତ୍ ମିଳୁନାହିଁ। ଧାର୍ମିକ ଖବର, ଦେଶ ଦୁନିଆ ବିଶେଷ କରି ଇଂଲଣ୍ଡ ଖବର, ସାହିତ୍ୟ ଆଦି ବିଷୟ ସେଥିରେ ସ୍ଥାନିତ ହେଉଥିଲା। କଟକରେ ଏହି ସବୁ ଛାପା ସଂସ୍ଥା ଥିବାରୁ ସାମାଜିକ ତଥା ରାଜନୈତିକ ପ୍ରାଣକେନ୍ଦ୍ରରୂପେ ପରିଗଣିତ ଥିଲା ।

କିଛି ସମାଲୋଚକଙ୍କ ମତରେ ମିସନାରୀ ପତ୍ରିକାଗୁଡିକ କେବଳ ଖ୍ରୀଷ୍ଟଧର୍ମ ପ୍ରସାର କରୁଥିଲା ତାହା ନୁହେଁ ବରଂ ଲୋକଙ୍କ ଉପରେ ବ୍ରିଟିଶ ଶାସକଙ୍କର ଆଧିପତ୍ୟକୁ ବି ଜାହିର କରୁଥିଲା। ଏହାସହିତ ବ୍ରିଟିଶର୍ ମାନଙ୍କ ପ୍ରତି ଓଡ଼ିଶାବାସୀଙ୍କ ଆନୁଗତ୍ୟ ମଧଏହି ମିସନାରୀ ପତ୍ରିକା ମାଧମରେ ପ୍ରକାଶ ପାଉଥିଲା। ଯଦି ଏହିସବୁ କାରଣଗୁଡିକ ସତ, ତେବେ ଏହାଯୋଗୁ ମିସନାରୀ ପତ୍ରିକାଗୁଡିକ ଅଧିକ ସମୟ ପର୍ଯ୍ୟନ୍ତ ତିଷ୍ଠି ପାରିନଥିଲା।

୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷର ୫ ବର୍ଷ ପୂର୍ବରୁ ୧୮୬୧ରେ ବାଲେଶ୍ୱରରୁ ବୋଧ ଦାୟିନି ପ୍ରକାଶିତ ହୋଇଥିଲା । ଏ ପର୍ଯ୍ୟନ୍ତ ପ୍ରକାଶିତ ପତ୍ରକାଗୁଡିକ ମୁଖ୍ୟତଃ ମିସ୍‌ନାରୀମାନଙ୍କ ଧର୍ମପ୍ରଚାର ଉଦ୍ଦେଶ୍ୟରେ ହିଁ ସୀମିତ ଥିଲା । ଏଥିରେ ଲୋକଙ୍କୁ ଆକୃଷ୍ଟ କଲାଭଳି କୌଣସି ଖବର ବା ସୂଚନା ନ ଥିବାରୁ ଲୋକେ ଧୀରେ ଧୀରେ ଏଥିରୁ ଦୂରେଇଗଲେ ।

ମିସନ ପ୍ରେସ୍ ପ୍ରତିଷ୍ଠା ହେବାର ୨୭ ବର୍ଷ ପରେ ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ କଟକରେ ପ୍ରତିଷ୍ଠା ହେଲା କଟକ ପ୍ରିଣ୍ଟିଂ କମ୍ପାନୀ । ଏହା ଥିଲା ଓଡିଶାର ଦ୍ୱିତୀୟ ପ୍ରେସ୍ ବା ମୁଦ୍ରଣ ଯନ୍ତ୍ରାଳୟ । ଚାରିବର୍ଷ ପରେ ତୃତୀୟ ପ୍ରିଣ୍ଟିଂ ପ୍ରେସ୍ ଉତ୍କଳ ପ୍ରିଣ୍ଟିଂ କୋ. ଫକୀରମୋହନ ସେନାପତିଙ୍କ ଦ୍ୱାରା ୧୮୬୮ରେ ସ୍ଥାନିତ ହୋଇଥିଲା ।

## ୪.୪ ପ୍ରଥମ ଓଡିଆ ଖବରକାଗଜର ଆରମ୍ଭ

ଓଡିଆ ଭାଷାର ପ୍ରଥମ ମୁଦ୍ରିତ ଖବରକାଗଜ ହେଉଛି 'ଉତ୍କଳ ଦୀପିକା' । ଗୌରୀଶଙ୍କର ରାୟ ପ୍ରଥମ ସାପ୍ତାହିକ ଓଡିଆ ଖବରକାଗଜ 'ଉତ୍କଳ ଦୀପିକା'କୁ ୧୮୬୬ ଅଗଷ୍ଟ ୪ରେ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରେସ୍‌ରୁ ପ୍ରକାଶିତ କରିଥିଲେ । ତତ୍କାଳୀନ ଆୟକର କମିଶନ ତଥା ରେଭେନ୍ସା କଲେଜର ପ୍ରତିଷ୍ଠାତା ଟି.ଇ ରେଭେନ୍ସାଙ୍କ ସିରସ୍ତଦାର ବିଚିତ୍ରାନନ୍ଦ ଦାସଙ୍କ ସହାୟତାରେ ସେ ଏହାକୁ ପ୍ରକାଶ କରିଥିଲେ । 'ଉତ୍କଳ ଦୀପିକା' ପାଇଁ ସାଧାରଣ ଲୋକଙ୍କ ଠାରୁ ବିଚିତ୍ରାନନ୍ଦ ଦାସ ସାତ ହଜାର ପାଞ୍ଚ ଶହ ଟଙ୍କା ଆଦାୟ କରିଥିଲେ । ପୁରୀରୁ ୨୦୦ଟଙ୍କାରେ ଗୋଟିଏ ଲିଥୋଗ୍ରାଫିକ୍ ମେସିନ୍ ପ୍ରେସ୍ ପାଇଁ କିଣାଯାଇଥିଲା । ଜଗମୋହନ ରାୟଙ୍କ ଘରେ ପ୍ରଥମେ ଏହି ପ୍ରେସ୍ ସ୍ଥାପନ କରାଯାଇଥିଲା । ୧୮୬୯ ପରେ ତାହା ଦରଘା ବଜାରରେ ଏକ ନୂଆ ଘରକୁ ଅଣାଗଲା । ଗୌରୀଶଙ୍କର ରାୟ ଏହାର ସମ୍ପାଦକ ଥିଲେ ଓ ୫୦ ବର୍ଷ ଧରି ଏହାର ପଦ ମଣ୍ଡନ କରି ରଖିଥିଲେ ।



ଗୌରୀଶଙ୍କର ଏହାର ସମ୍ପାଦକ ଥିଲେ ମଧବିଭିନ୍ନ ସରକାରୀ କଥା ସହିତ ସହମତି ନଥିଲେ । ସେ ନିଜେ ସାକରୀ କର୍ମଚାରୀ ହୋଇଥିଲେ ବି ତାଙ୍କ ତୀକ୍ଷ୍ଣ ସମୀକ୍ଷା ଅନେକ ସମୟରେ ସରକାରଙ୍କୁ ଅଡୁଆ ପରିସ୍ଥିତିରେ ପକାଉଥିଲା । ନଅଙ୍କ ଦୁର୍ଭିକ୍ଷ ସମୟରେ ତାଙ୍କ ଶାରିତ ଆଲେଖ୍ୟଗୁଡିକ ଓଡ଼ିଆ ଭାଷାର ଅସ୍ତିତ୍ୱକୁ ଦର୍ଶାଇଥିଲା । ସେ ନିଜ କାର୍ଯ୍ୟାଳୟର ବିଭିନ୍ନ କଥାକୁ ମଧଲୋକଲୋଚନକୁ ଆଣିବା ପାଇଁ ଫଉତ୍କଳ ଦୀପିକା'ରେ ପ୍ରକାଶ କରୁଥିଲେ ।

ଉତ୍କଳ ଦୀପିକା ଓଡିଶାର ସାମାଜିକ ତଥା ରାଜନୈତିକ ଜୀବନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହା ସାଧାରଣ ଜନତାଙ୍କ ଦୁଃଖଦୁର୍ଦ୍ଦଶାକୁ ପ୍ରଶାସନ ସମ୍ମୁଖକୁ ଆଣିବାରେ ସଫଳ ହୋଇପାରିଥିଲା । ୧୮୬୬ରେ ନଅଙ୍କ ଦୂର୍ଭିକ୍ଷ ହୋଇଥିଲା । ଏହି ସମୟର ପ୍ରତିଟି ଖବର ଉତ୍କଳ ଦୀପିକାରେ ସ୍ଥାନ ପାଉଥିଲା । ଲୋକଙ୍କ ଦୁର୍ଦ୍ଦଶାରେ ପ୍ରଶାସନର ଭୂମିକା କିଭଳି ହେବା ଯଥାର୍ଥ ସେ ବାବଦରେ ଖବର ଉପସ୍ଥାପନ ହେଉଥିଲା । ନିଜ ସମସ୍ୟା ବାବଦରେ ଚିଠି ଲେଖିବାକୁ ଖବରକାଗଜ ଜନତାଙ୍କୁ ଉତ୍ସାହିତ କରୁଥିଲା । ହାଇକୋର୍ଟର ଗୁରୁତ୍ୱପୂର୍ଣ୍ଣ ରାୟ, ସରକାରୀ କର୍ମଚାରୀଙ୍କ ବଦଳି, ପ୍ରାକୃତିକ ବିପର୍ଯ୍ୟୟ, ବିଶିଷ୍ଟ କର୍ମଚାରୀଙ୍କ ଗସ୍ତ କାର୍ଯ୍ୟକ୍ରମ ମଧ୍ୟ ଏଥିରେ ପ୍ରକାଶିତ ହେଉଥିଲା । ଏଥିରେ ଦେଶ ବିଦେଶର ଖବର, ଶିକ୍ଷା ଜାତୀୟ ଜୀବନକୁ ସମୃଦ୍ଧ କଲାପରି ପ୍ରସଙ୍ଗ, ଓଡିଆ ପ୍ରସଙ୍ଗ ସମ୍ବନ୍ଧୀୟ ଆଲୋଚନାମାନ ପ୍ରକାଶ ପାଉଥିଲା । ୧୮୬୬-୧୯୩୬ଯାଏଁ ଧାରାବାହିକ ଭାବେ ଏହାର ପ୍ରକାଶନ ଜାରି ରହିଥିଲା । ଜନ୍ମକାଳରୁ ହିଁ ଆଧୁନିକ ସାମ୍ବାଦିକତାର ବିଭିନ୍ନ ବିଭବ ବହନ କରି ଆତ୍ମପ୍ରକାଶ କରିଥିବା ଉତ୍କଳ ଦୀପିକା ଓଡିଆ ସାମ୍ବାଦିକତାର ମାନକୁ ଆରମ୍ଭରୁ ହିଁ ଉଚ୍ଚରେ ରଖିଥିଲା ।

## ୪.୫ ଓଡିଆ ସାମ୍ବାଦିକତା ଆବିର୍ଭାବର ବିଶେଷତା

ଓଡିଶାରେ ସାମ୍ବାଦିକତାର ଆଦ୍ୟ ପର୍ବ ତିନୋଟି ମୁଖ୍ୟ କାରଣ ପାଇଁ ସ୍ମରଣୀୟ । ପ୍ରଥମ- ଏଇ ସମୟର ଅଧିକାଂଶ ପ୍ରକାଶନ ସମାଜ ସଂସ୍କାରକର ଭୂମିକା ଗ୍ରହଣ କରିଥିଲା । ସମାଜରୁ କୁସଂସ୍କାର ଦୂର କରିବାରେ ସହାୟକ ହୋଇଥିଲେ । ଦ୍ୱିତୀୟ- ଅଧିକାଂଶ ପ୍ରକାଶନ ଓଡିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ସକ୍ରିୟ ଭାବେ ଚେଷ୍ଟା କରିଥିଲେ । ତୃତୀୟ- ବିକ୍ଷିପ୍ତ ଅବସ୍ଥାରେ ଅନ୍ୟାନ୍ୟ ଇଲାକା ସହ ମିଶି ରହିଥିବା ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଏବଂ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦିଗରେ ପ୍ରଚେଷ୍ଟା ।

ଖବରପ୍ରଦାନ ଲୋକଙ୍କୁ ବିଭିନ୍ନ ବିଷୟରେ ତଥ୍ୟ ଦେବା ବ୍ୟତୀତ ସମାଜରେ ଥିବା ଅନେକ କୁସଂସ୍କାର ବିରୋଧରେ ଖବରକାଗଜଗୁଡିକୁ ଲଢେଇ କରିଥିଲେ । ଭାରତର ଅନ୍ୟାନ୍ୟ ରାଜ୍ୟ ପରି ଓଡିଶାରେ ଖବରକାଗଜ ସମାଜ ସଂସ୍କାରକ ଭୂମିକାକୁ ସ୍ୱତଃ ଗ୍ରହଣ କରିଥିଲା ଏବଂ ଏହି ଲକ୍ଷ୍ୟ ନେଇ ମଧ୍ୟ ଆଗେଇ ଥିଲା । ଏହିପରି ସାହିତ୍ୟ କ୍ଷେତ୍ରରେ କେତେକ ପ୍ରକାଶନୀ ସାମ୍ନାକୁ ଆସିଥିଲା। ସାହିତ୍ୟ ପତ୍ରପତ୍ରିକା ଭାଷାର ଉନ୍ନତି ଦିଗରେ କାର୍ଯ୍ୟ କରିଥିଲେ । ଭାଷା ଆନ୍ଦୋଳନ ଦିଗରେ ସମସ୍ତ ଖବରକାଗଜ ଆଗେଇ ଆସିଥିଲେ ।

ପରେ ଖବରକାଗଜ ପୃଷ୍ଠାକୁ ଆସିଥିଲା ଜାତୀୟତାବୋଧ । ମହାତ୍ମା ଗାନ୍ଧି ଦାତୀୟ ଚିତ୍ରକୁ ଆସିବା ପରେ ସ୍ୱାଧୀନତା ଲଢେଇ- ଖବରକାଗଜର ନୂଆ ମନ୍ତ୍ର ହେଲା । କିନ୍ତୁ ଓଡିଆ ଖବରକାଗଜରେ ଚିତ୍ର ଟିକେ ଅଲଗା । ଏହା ଏକା ସଙ୍ଗରେ ଯୋଡାଏ ଲଢେଇ ଜାରି ରଖିଥିଲା । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ସହିତ ସ୍ୱାଧୀନତାର ଲକ୍ଷ୍ୟ ନେଇ ଆଗେଇ ଚାଲିଥିଲେ ଓଡିଶାର ଖବରକାଗଜ ଓ ପତ୍ରପତ୍ରିକା । ଶେଷରେ ଓଡିଶା ସାରା ଦେଶରେ ପ୍ରଥମ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା । ୧୯୩୬ ଅପ୍ରେଲ ୧ ତାରିଖରେ ସ୍ୱତନ୍ତ୍ର ପ୍ରଦେଶରୂପେ ମାନ୍ୟତା ପାଇଲା ଓଡିଶା ।

**ଦୈନିକ ଆଶା :** ଶଶୀଭୂଷଣ ରଥ କଲିକତାରୁ ଓଡ଼ିଶା ଆସିଲା ପରେ ଗୋଟିଏ ଖବରକାଗଜ ପ୍ରକାଶ କରିବାକୁ ଇଚ୍ଛା କଲେ। ନୀଳମଣି ବିଦ୍ୟାରତ୍ନ କୃପାମୟ ଦେବଙ୍କ ଠାରୁ ୫୦୦ଟଙ୍କା ଆଣି ଖବରକାଗଜ ଛପାଇବା ପାଇଁ ଶଶୀଭୂଷଣଙ୍କୁ ସାହାଯ୍ୟ କରିଥିଲେ। ଏହି ଖବରକାଗଜଟି ୧୩ ଅପ୍ରେଲ୍ ୧୯୧୩ରେ ପ୍ରକାଶିତ ହୋଇଥିଲା। ଏହାର ନାମକରଣ ତାଙ୍କର ଝିଅ ନାମରେ କରାଗଲା। ୧୯୧୩ରୁ ୧୪ ମସିହା ମଧ୍ୟରେ ଖବରକାଗଜର ବିକ୍ରି ସଂଖ୍ୟା ଥିଲା ସାତହଜାର। ଏହି ଖବରକାଗଜଟି ଗଞ୍ଜାମର ବିଭିନ୍ନ ଗାଁ, ଗଡଜାତ ଅଞ୍ଚଳ, ଏବଂ ବର୍ମାରେ ରହୁଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ପହଞ୍ଚିପାରିଥିଲା। ପଣ୍ଡିତ ଗୋପବନ୍ଧୁ ଦାସ ଅଢେଇ ବର୍ଷ ଧରି ଆଶା ପାଇଁ ସମ୍ପାଦକୀୟ ଲେଖିବା ସହିତ ତାଙ୍କର ମତ ପ୍ରକାଶ କରୁଥିଲେ। ୧୯୧୫ରେ ଦଶପଲ୍ଲା ମେଳିରେ ତାଙ୍କର ମତ ସରକାରଙ୍କୁ ଅସ୍ୱସ୍ତିରେ ପକାଇଥିଲା। ଆଶାରେ ପ୍ରକାଶିତ ପ୍ରତିଟି ଖବରର ଅନୁସନ୍ଧାନ ପାଇଁ ସରକାରୀ କର୍ମଚାରୀ ଆସୁଥିଲେ ଓ ଲୋକଙ୍କ ସମସ୍ୟାର ସମାଧାନର ବ୍ୟବସ୍ଥା କରୁଥିଲେ। ୧୯୧୯ରେ ଘୁମୁସରର ଦୁର୍ଭିକ୍ଷ ସମୟର ଖବରଟି ମଧ୍ୟଆଶା ରେ ପ୍ରକାଶିତ ହୋଇଥିଲା। ୧୯୨୮ରେ ଓଡିଆ ନବବର୍ଷ ମେଷ ସଂକ୍ରାନ୍ତି ଦିନ ଶଶୀଭୂଷଣ ରଥ ବ୍ରହ୍ମପୁରରୁ ପ୍ରଥମ ଓଡିଆ ଦୈନିକ ଖବରକାଗଜ **'ଦୈନିକ ଆଶା'** ପ୍ରକାଶ କରିଥିଲେ । କେତେକ ଗବେଷକ ମତ ଦିଅନ୍ତି ଯେ, ଗାନ୍ଧିବାଦୀ ନେତା ନିରଞ୍ଜନ ପଟ୍ଟନାୟକଙ୍କର ସମ୍ପାଦନାରେ ୧୯୨୭, ନଭେମ୍ବର ୩ରେ ପ୍ରକାଶିତ ଗାନ୍ଧି ସମାଚାର ହେଲା ଓଡିଶାର ପ୍ରଥମ ଦୈନିକ ସମ୍ବାଦ । ଫଦୈନିକ ଆଶା' ଆଶା ପ୍ରେସ୍‌ରେ ମୁଦ୍ରିତ ହେଉଥିଲା । ଓଡିଶାର ସାମାଜିକ ଓ ସାଂସ୍କୃତିକ ଇତିହାସରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଦୈନିକ ଆଶା ବେଶ ସହାୟତା କରିଥିଲା । ଏହା ରାଜ୍ୟ ଗ୍ରାମାଞ୍ଚଳରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପହଞ୍ଚାଇଥିଲା । ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଓଡିଶାରେ ସାମ୍ବାଦିକତାକୁ ଆଦୃତ କରାଇବାରେ ଦୈନିକ ଆଶାର ଭୂମିକା ମହତ୍ତ୍ୱପୂର୍ଣ୍ଣ ।

**ସତ୍ୟବାଦୀ :** ସମାଜ ପୂର୍ବରୁ ସତ୍ୟବାଦୀ ନାମରେ ଏକ ମାସିକ ପତ୍ରିକା ପ୍ରକାଶ ପାଉଥିଲା। ସତ୍ୟବାଦୀର ପ୍ରଥମ ସଂସ୍କରଣଟି ୧୯୧୫ ମସିହାରେ ବ୍ରହ୍ମପୁରର ଦୈନିକ ଆଶ ପ୍ରେସରୁ ପ୍ରକାଶ ପାଇଥିଲା ଓ ଏଥିରେ ୩୨ଟି ପୃଷ୍ଠା ଥିଲା। ସତ୍ୟବାଦୀର ପ୍ରତିଟି ସଂଖ୍ୟା ପ୍ରତି ମଙ୍କସର ସଂକ୍ରାନ୍ତିରେ ପ୍ରକାଶ ପାଉଥିଲା। ଏହାର ମୂଲ୍ୟ ଥିଲା ତିନି ଅଣା। ଏହାର ବାର୍ଷିକ ମୂଲ୍ୟ ଥିଲା ତିନି ଟଙ୍କା। ଶଶୀଭୂଷଣ ରଥ ଏହାର ମ୍ୟାନେଜର ଓ ଗୋପବନ୍ଧୁ ଦାସ ଏହାର ସମ୍ପାଦକ ଓ ପ୍ରକାଶକ ଦାୟିତ୍ୱ ନିର୍ବାହ କରୁଥିଲେ। ସତ୍ୟବାଦୀରେ ବିଭିନ୍ନ ଆଲୋଚନା, ପର୍ଯ୍ୟାଲୋଚନା, ଗ୍ରାମୀଣ ସମସ୍ୟା, ଶିକ୍ଷାର୍ଥୀମାନଙ୍କ ସମସ୍ୟା ଇତ୍ୟାଦି ପ୍ରକାଶ ପାଉଥିଲା। ସତ୍ୟବାଦୀରେ ପ୍ରକାଶିତ 'ପ୍ରକୃତି ରହସ୍ୟ' ନାମକ ଏକ ନାଟକ ମାଡ୍ରାସ୍ ବିଶ୍ୱବିଦ୍ୟାଳୟର ସ୍ନାତକ ପାଠ୍ୟକ୍ରମରେ ରଖାଯାଇଥିଲା। ସାକ୍ଷୀଗୋପାଳ ଓ ବ୍ରହ୍ମପୁର ମଧ୍ୟରେ ଥିବା ଅଧିକ ଦୂରତା ଯୋଗୁ ସତ୍ୟବାଦୀର ମାସିକ ପ୍ରକାଶନରେ ସମସ୍ୟା ସୃଷ୍ଟି ହେବାରେ ଲାଗିଲା। ସତ୍ୟବାଦୀ ପାଇଁ ସମସ୍ତ ଆଲେଖ୍ୟ ସାକ୍ଷୀଗୋପାଳରେ ହେଉଥିବାବେଳେ ସମ୍ପାଦିତ ସମସ୍ତ କପି ଡାକ ଯୋଗେ ବ୍ରହ୍ମପୁରକୁ ପଠାଯାଉଥିଲା। ଏହାଯୋଗୁ ପ୍ରୁଫ୍ ସଂଶୋଧନ ଓ ଅନ୍ୟାନ୍ୟ କାର୍ଯ୍ୟରେ ବହୁ ସମସ୍ୟା ଦେଖାଗଲା। ଦୁଇବର୍ଷ ପରେ ୧୯୧୭ ମସିହା ବେଳକୁ ଗୋପବନ୍ଧୁ ଦାସ ଏସବୁ ସମସ୍ୟାର ସମାଧାନ ପାଇଁ ପୁରୀର ପୁରୁଷୋତ୍ତମ ପ୍ରେସ୍‌କୁ ଉଠାଇଆଣିଲେ। ୧୯୧୮ମସିହାରେ ଗୋପବନ୍ଧୁ ଦାସ ଏକ ନୂଆ ପ୍ରେସ୍ କିଣି, ସତ୍ୟବାଦୀକୁ ନେଇଆସିଲେ। ସତ୍ୟବାଦୀ ପତ୍ରିକାରେ ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ବାସୁଦେବ ମହାପାତ୍ର, ଜଗବନ୍ଧୁ ସିଂ, ପଣ୍ଡିତ ଲିଙ୍ଗରାଜ ମିଶ୍ର, ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମା, ପଣ୍ଡିତ କୃପାସିନ୍ଧୁ ମିଶ୍ର ଏବଂ ଫକୀର ମୋହନ ସେନାପତି।



**ସମାଜ :** ଓଡିଆ ଖବରକାଗଜ ଜଗତରେ 'ସମାଜ'ର ସ୍ଥାନ ସ୍ୱତନ୍ତ୍ର । ସ୍ୱାଧୀନତା ପୂର୍ବରୁ ପ୍ରକାଶିତ ଓଡିଆ ଖବରକାଗଜ ଭିତରୁ ମାତ୍ର ତିନୋଟି ୨୦୧୪ ମଝି ଯାକେ ନିଜର ପ୍ରକାଶନ ଜାରି ରଖିଛନ୍ତି, ଆଶା, ସମାଜ ଓ ପ୍ରଜାତନ୍ତ୍ର । ଏଥିମଧ୍ୟରୁ ଦୁଇଟି ଯାକ ଖବରକାଗଜର ଅବସ୍ଥା ଏତେଟା ଭଲ ନଥିଲାବେଳେ ସମାଜ ନିଜର ଗୌରବୋଜ୍ୱଳ ଇତିହାସକୁ ସାଙ୍ଗରେ ଧରି ଓଡିଶାରେ ଏକ ଅଗ୍ରଣୀ ଖବରକାଗଜର ମାନ୍ୟତା ବଜାୟ ରଖିଛି । ଦେଶର ସ୍ୱାଧୀନତା ସଂଗ୍ରାମକୁ ସହଯୋଗ କରିବାକୁ ପଣ୍ଡିତ ଗୋପବନ୍ଧୁ ଦାସ ୧୯୧୯ ମସିହା, ଅକ୍ଟୋବର ୪ ତାରିଖ ବିଜୟା ଦଶମୀ ଦିନ ଏହାର ପ୍ରଥମ ପ୍ରକାଶନ ହୋଇଥିଲା । ସମାଜ ସାପ୍ତାହିକୀର ବାର୍ଷିକ ଦେୟ ଥିଲା ଏକ ଟଙ୍କା ଆଠ ଅଣା। ସପ୍ତାହର ପ୍ରତିଟି ଶନିବାରରେ ଏହାର ପ୍ରକାଶନ ହେଉଥିଲା ଏବଂ ଏହାର ମୂଲ୍ୟ ଦୁଇ ପଇସା ରଖାଯାଇଥିଲା। ସେହିସମୟରେ ସାପ୍ତାହିକୀଟି ପ୍ରାଉନ୍ ଆକାରର (୨୦ଇଞ୍ଚ ଲମ୍ବା ଏବଂ ୧୫ ଇଞ୍ଚ ଚଉଡା)ଥିଲା। ପ୍ରଥମ ପୃଷ୍ଠାଟିରେ ସମ୍ବାଦ ଓ ସଙ୍କେତ ନାମରେ ଆରମ୍ଭ କରାଯାଇ ତା ପରକୁ ସମ୍ପାଦକୀୟ ରଖାଯାଇଥିଲା। ଏହାର ଛୋଟ ଆକାରକୁ ଆଖି ଆଗରେ ରଖି ଏଥରେ ସମ୍ବାଦ, ମତାମତ, ପ୍ରତିକ୍ରିୟା ଇତ୍ୟାଦି ଛୋଟ ଆକାରରେ ପ୍ରକାଶ ପାଉଥିଲା। ଏହାସହିତ ସମାଜରେ ଉଭୟ ଖୁସି ଓ ଦୁଃଖ, ସମସ୍ୟା ଓ ଓଡ଼ିଆ ଲୋକଙ୍କ ବିଭିନ୍ନ ଦାବିମାନ ଉପସ୍ଥାପିତ କରାଯାଉଥିଲା। 'ସମାଜ'ର ଭାଷା ବହୁତ ସରଳ ଓ ସାବଲୀଳ ଥିଲା। ଦୈନିକ 'ସମାଜ'ର ପ୍ରଥମ ସଂଖ୍ୟା ବହୁ ପାଠକଙ୍କ ଦ୍ୱାରା ଆଦୃତ ହୋଇଥିଲା ଏବଂ ବହୁ ଓଡ଼ିଆ ପ୍ରାଣଙ୍କୁ ଆକୃଷ୍ଟ କରିଥିଲା। 'ସମାଜ'ରେ ଖବର ବଢିବା ସହିତ ପୃଷ୍ଠାସଂଖ୍ୟା ମଧବଢିଚାଲିଲା। ସପ୍ତମ ସଂଖ୍ୟାଠାରୁ ପୃଷ୍ଠାସଂଖ୍ୟା ଚାରି ରୁ ବଢି ଛଅରେ ପହଞ୍ଚିଥିଲା।ସାମକୁ ଆଗକୁ ବଢାଇବା ପାଇଁ ଗୋପବନ୍ଧୁ ଦାସ 'ସମାଜ' ଓ ସତ୍ୟବାଦୀ ପ୍ରେସ୍‌କୁ ଲୋକସେବକ ମଣ୍ଡଳ ହାତରେ ଟେକିଦେଲେ। ଡିସେମ୍ବର ୧୯୨୪ମସିହା ଡିସେମ୍ବର ମାସରେ ସତ୍ୟବାଦୀ ପ୍ରେସ୍ ଓ ସମାଜ ସତ୍ୟବାଦୀରୁ ପୁରୀକୁ ସ୍ଥାନାନ୍ତରିତ କରାଗଲା। ପରେ ଜୁନ୍ ୧୯୨୭ ମସିହାରେ ପୁରୀରୁ କଟକକୁ ସ୍ଥାନାନ୍ତରିତ ହେଲା। ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମୃତ୍ୟୁ ପରେ ତାଙ୍କର ଶେଷ ଇଚ୍ଛା ଅନୁଯାୟୀ



ଅକ୍ଟୋବର ପହିଲା ୧୯୨୯ଠାରୁ ଲାଲା ଲଜପତ ରାୟ ପ୍ରେସ୍ ଓ ସମାଜର ସମସ୍ତ ଦାୟିତ୍ୱ ନେଇଥିଲେ । ସମାଜ ବିତରଣ ଓ ବିକ୍ରୟରୁ ମିଳୁଥିବା ଲାଭର ୮୦ପ୍ରତିଶତ ମେଧାବୀ ଶିକ୍ଷାର୍ଥୀଙ୍କ ବୃତ୍ତି, ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ବିପନ୍ନ ଲୋକଙ୍କୁ ସାହାଯ୍ୟ, ଅନ୍ୟାନ୍ୟ ଦାନ ଇତ୍ୟାଦି କରିବା ପାଇଁ ଗୋପବନ୍ଧୁଙ୍କ ଇଚ୍ଛା ଥିଲା ।

ସମାଜର ସ୍ତମ୍ଭ ଗୁଡିକରେ ଲେଖା ମାଧମରେ ପଣ୍ଡିତ ଗୋପବନ୍ଧୁ ଦାସ ଇଂରେଜ ଶାସନ ବିରୋଧରେ ନିଜ ଆନ୍ଦୋଳନ ଜାରି ରଖିଥିଲେ । ୧୯୨୮ ପର୍ଯ୍ୟନ୍ତ ସେ ଏହାର ସମ୍ପାଦନା କରିଥଇଲେ । ୧୯୨୮ ଜୁନରେ ଏହାକୁ ଲୋକସେବକ ମଣ୍ଡଳକୁ ହସ୍ତାନ୍ତର କରାଯାଇଥିଲା । ୧୯୩୦ ଅପ୍ରେଲ ୬ରେ ଏହା ଏକ ଦୈନିକ ଖବରକାଗଜ ରୂପେ ପ୍ରକାଶିତ ହେଲା । ୧୯୩୦ରେ ପଣ୍ଡିତ ଲିଙ୍ଗରାଜ ମିଶ୍ର ସମାଜର ସମ୍ପାଦକ ରୂପେ ଯୋଗଦେଇଥିଲେ ଓ ୧୯୫୭ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇଥିଲେ । ତାଙ୍କ ପରେ ଚାରିଜଣ ଅସ୍ଥାୟୀଭାବେ ସମାଜର ସମ୍ପାଦନା ଦାୟିତ୍ୱ ତୁଲାଇଥିଲେ । ଏମାନେ ହେଲେ ଆଚାର୍ଯ୍ୟ ହରିହର ଦାସ, ରାଧାନାଥ ରଥ, ଉଦୟନାଥ ଷଡଙ୍ଗୀ ଓ ରାମଚନ୍ଦ୍ର ଦାଶ । ୧୯୫୭ରୁ ୧୯୬୧ଯାଏଁ ଶ୍ରୀହର୍ଷ ମିଶ୍ର ସମାଜର ସମ୍ପାଦକଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୬୧ରେ ରାଧାନାଥ ରଥ ସମାଜର ସମ୍ପାଦକ ଭାବେ ଯୋଗ ଦେଇଥିଲେ ଓ ସେ ୧୯୯୮ ପର୍ଯ୍ୟନ୍ତ ଏହି ଦାୟିତ୍ୱ ନିର୍ବାହ କରିଥିଲେ । ପରେ ତାଙ୍କ ଝିଅ ମନୋରମା ମହାପାତ୍ର ସମାଜର କାର୍ଯ୍ୟକାରୀ ସମ୍ପାଦିକା ହୋଇଥିଲେ । ମନୋରମା ମହାପାତ୍ରଙ୍କ ପରେ ଶରତ ମିଶ୍ର ସମାଜର ସମ୍ପାଦକ ହୋଇଥିଲେ ।

**ପ୍ରଜାତନ୍ତ୍ର :** ସ୍ୱାଧୀନତା ସଂଗ୍ରାମରେ ଓଡିଶାର ଆଉ ଗୋଟିଏ ଖବରକାଗଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା ପ୍ରଜାତନ୍ତ୍ର । ୧୯୨୩ ମସିହା ଜୁନ୍ ମାସରେ କଟକରୁ ହରେକୃଷ୍ଣ ମହତାବଙ୍କ ସମ୍ପାଦନାରେ ପ୍ରଜାତନ୍ତ୍ର ସାପ୍ତାହିକ ସମ୍ବାଦପତ୍ର ଭାବେ ପ୍ରକାଶ ପାଏ । ଜାତୀୟ କବି ବୀରକିଶୋର ଦାସ ଏହାର ପ୍ରକାଶକ ଓ ମୁଦ୍ରକ ଭାବେ ଏାହକୁ ମୁକୁର ପ୍ରେସ୍‌ରୁ ମୁଦ୍ରିତ କରାଉଥିଲେ । ମହତାବ ପ୍ରାଦେଶିକ କଂଗ୍ରେସ କମିଟିର ଦାୟିତ୍ୱ ଗ୍ରହଣ କଲାପରେ ମୁଖ୍ୟତଃ କଂଗ୍ରେସ ଆଦର୍ଶର ପ୍ରଚାର ଉଦ୍ଦେଶ୍ୟରେ ପ୍ରଜାତନ୍ତ୍ରର ପରିକଳ୍ପନା କରିଥିଲେ ।

ପ୍ରକାଶନର କିଛି ମାସ ପରେ ପତ୍ରିକାର ପ୍ରକାଶନକୁ ଅଧିକ ସୁସଂହତ କରିବା ପାଇଁ ଏହାକୁ ବାଲେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଥିଲା । ୧୯୨୩ ଅକ୍ଟୋବର ୨ରେ ଏହା ବାଲେଶ୍ୱରରୁ ଶ୍ରୀକାନ୍ତ ଦେଙ୍କ ଟାଉନ୍ ପ୍ରେସରୁ ପ୍ରକାଶିତ ହୋଇଥିଲା । ପରେ ନିଜର ପ୍ରେସ ପ୍ରତିଷ୍ଠା କରାଯାଇଥିଲା । ଜାନୁଆରୀ ୨୭, ୧୯୨୬ରେ ପ୍ରଜାତନ୍ତ୍ର ନିଜ ପ୍ରେସ୍‌ରୁ ପ୍ରକାଶିତ ହେଲା । ସେତେବେଳେ ଏହାର ଦର ଦୁଇ ପଇସା ଥିଲା । ଏହାର ସମ୍ପାଦକଭାବେ ଥିଲେ ଉପେନ୍ଦ୍ର ପଣ୍ଡା । ମୁଦ୍ରାକର ଓ ପ୍ରକାଶକ ଥିଲେ କରୁଣାକର ପାଣିଗ୍ରାହୀ ଏବଂ ପରିଚାଳକ ଥିଲେ ବିଶ୍ୱନାଥ ହୋତା । ମହତାବ, ନନ୍ଦକିଶୋର ଦାସ, ମଥୁରାମୋହନ ବେହେରା ପ୍ରମୁଖ ଏଥିରେ ନିୟମିତ ଲେଖୁଥିଲେ । କ୍ରମଶଃ ଏହା ବେଶ ଜନପ୍ରିୟତା ହାସଲ କଲା । ବାଲେଶ୍ୱରରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହା କଟକ, ପୁରୀ ଆଦି ଅଞ୍ଚଳରେ ପ୍ରସାରିତ ହେଉଥିଲା । ୧୯୨୭ ମସିହାରେ ପ୍ରଜାତନ୍ତ୍ରର ମୁଦ୍ରଣକାର୍ଯ୍ୟ ଫ୍ଲାଟ୍ ବେଡ୍ ମେସିନରେ ଆରମ୍ଭ ହେଲା । ସେ ସମୟରେ ଏହାର ଆକାର ଫୁଲସ୍କେଲ ସାଇଜ୍‌ରେ ଚାରି ପୃଷ୍ଠାରେ ସୀମିତ ରହୁଥିଲା । ଲୋକଙ୍କ ସମସ୍ୟାକୁ ପାଦପ୍ରଦୀପକୁ ଆଣିବା ଓ ବ୍ରିଟିଶ ସରକାର ବିରୋଧରେ ଲଢେଇ କରିବା ପ୍ରଜାତନ୍ତ୍ର ପ୍ରକାଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବ୍ରିଟିଶ ସରକାରଙ୍କ ପ୍ରେସ୍ ଅଧ୍ୟାଦେଶ (ପ୍ରେସ୍ ଅର୍ଡିନାନ୍ସ)ର ବିରୋଧ କରି ୧୯୩୦ ଡିସେମ୍ବର ୨୮ରେ ଏହା ପ୍ରକାଶନ ବନ୍ଦ କରିଥିଲା । ଦୀର୍ଘ ୧୫ ବର୍ଷ ପରେ ପୁଣି ଥରେ ଏହା ପ୍ରକାଶ ପାଇଲା । ଡ. ହରେକୃଷ୍ଣ ମହତାବଙ୍କ ତତ୍ତ୍ୱାବଧାନରେ ୧୯୪୭ ଅଗଷ୍ଟ ୮ ତାରିଖ ଦିନ ଏହା ପୁନର୍ବାର ପ୍ରକାଶିତ ହେଲା । ପ୍ରଜାତନ୍ତ୍ର ଏକ

ପ୍ରଭାବଶାଳୀ ଖବରକାଗଜ ହେବା ସହିତ ନୂଆପୀଢିର ଯୁବକଙ୍କ ପାଇଁ ସାମ୍ବାଦିକତାର ପ୍ରଶିକ୍ଷଣ ଶିବିର ଭଳି କାର୍ଯ୍ୟ କରିଥିଲା । ଅନେକ ସାମ୍ବାଦିକଙ୍କ ପାଇଁ ଏହା ରାଜନୀତି ଶିକ୍ଷାର ତାଲିମ ସ୍ଥାନ ବି ଥିଲା ।

**ଗଣତନ୍ତ୍ର :** ୧୯୫୬ ମସିହାରେ ଗଣ ପ୍ରକାଶନୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ କଟକରୁ ପ୍ରକାଶିତ ହେଲା ଦୈନିକ ଗଣତନ୍ତ୍ର। ଏହା ପାଖାପାଖି ୫ ବର୍ଷଯାଏଁ ପ୍ରକାଶିତ ହେଲା । ସୁରେନ୍ଦ୍ର ମହାନ୍ତି ଏହାର ସମ୍ପାଦକ ଥିଲେ । ୧୯୬୦ ମସିହାରେ ବିଜୁ ପଟ୍ଟନାୟକ ଓଡିଆ ଦୈନିକ ପ୍ରକାଶ କରିଥିଲେ । ପରେ ସେ ରାଜ୍ୟ କଂଗ୍ରେସର ପ୍ରାର୍ଥୀ ହୋଇଥିଲେ । ମନମୋହନ ମିଶ୍ର ଏହାର ସମ୍ପାଦକ ଥିଲେ । ୧୯୬୨ ମସିହାରେ ସୁରେନ୍ଦ୍ର ମହାନ୍ତି ଏହାର ସମ୍ପାଦକ ହେଲେ । ୧୯୭୧ ରେ ଏହା ବନ୍ଦ ହୋଇଯାଇଥିଲା । ତାଙ୍କ ଦ୍ୱାରା ଭୁବନେଶ୍ୱରରୁ ଜନଶକ୍ତି(ଅପ୍ରେଲ ୧,୧୯୬୬), ସ୍ୱରାଜ୍ୟ (୧୯୬୬) ଏବଂ ସମ୍ବଲପୁରରୁ ଅଗ୍ନିଶିଖା (୧୯୬୮), କୋଶଳ(୧୯୭୦) ରେ ପ୍ରକାଶିତ ହେଲା । ସ୍ୱାଧୀନତା ପୂର୍ବରୁ ଦୈନିକ ଖବରକାଗଜ ପୁରୀରୁ ଉତ୍କଳ ସମାଜ ଓ କୁରୁକ୍ଷେତ୍ର ଏବଂ ବାଲେଶ୍ୱରରୁ ରାଷ୍ଟ୍ରଦୂତ ପ୍ରକାଶିତ ହେଉଥିଲା ।

**ପ୍ରଗତିବାଦୀ :** ଜାନୁଆରୀ ୨୬, ୧୯୭୩ ରେ ପ୍ରଦ୍ୟୁମ୍ନ ବଳଙ୍କ ଦ୍ୱାରା ସାପ୍ତାହିକୀ ପ୍ରଗତିବାଦୀ ପ୍ରକାଶିତ ହେଲା। ଜରୁରୀକାଳୀନ ପରିସ୍ଥିତି (୧୯୭୫-୧୯୭୭)ରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ପ୍ରେସ୍‌ର ସ୍ୱାଧୀନତା ପାଇଁ ଏହି ସାପ୍ତାହିକୀ ଅନେକ ଥର ସଂଗ୍ରାମ କରିଛି । ମଇ୧, ୧୯୭୯ରେ ଏହା ଦୈନିକ ଖବରକାଗଜରୂପେ ପ୍ରକାଶିତ ହେଲା । ପ୍ରଦ୍ୟୁମ୍ନ ବଳଙ୍କ ପରେ ତାଙ୍କ ପୁତ୍ର ସମ୍ବିତ୍ ବଳ ସମ୍ପାଦକ ଦାୟିତ୍ୱ ବହନ କରିଥିଲେ ।

**ଧରିତ୍ରୀ :** ଶ୍ରୀମତି ଚନ୍ଦ୍ରିକା ଶତପଥୀଙ୍କ ଦ୍ୱାରା ନଭେମ୍ବର ୨୪, ୧୯୭୪ରେ ଧରିତ୍ରୀ ପ୍ରକାଶ ପାଇଲା । ଏହା ସମାଜବାଦୀ ପାର୍ଟି ତରଫରୁ ଭୁବନେଶ୍ୱରରୁ ପ୍ରକାଶ ପାଇଲା । ପୂର୍ବତନ ମଖ୍ୟମନ୍ତ୍ରୀ ଏବଂ ତାଙ୍କର ପରିବାର ବର୍ଗ ଧରିତ୍ରୀର ସମସ୍ତ ଦାୟିତ୍ୱ ବହନ କରିଛନ୍ତି । ଏହା ଏକମାତ୍ର ଖବରକାଗଜ ଯାହାର ସକାଳ ପ୍ରକାଶନ ହୋଇଥିଲା। ନବେ ଦଶକର ସର୍ବଶ୍ରେଷ୍ଠ ଖବରକାଗଜ ଭାବେ ଧରିତ୍ରୀ ପରିଚିତ ହେବାର ମୁଖ୍ୟ ଶ୍ରୋତା ହେଉଛନ୍ତି ସମ୍ପାଦକ ତଥାଗତ ଶତପଥୀ । ଧରିତ୍ରୀ ହେଉଛି ପ୍ରଥମ ଖବରକାଗଜ ଯିଏ କି ଖେଳ ଏବଂ ବାଣିଜ୍ୟ ତଥା ଅର୍ଥନୈତିକ ଖବରକୁ ସମ୍ପୂର୍ଣ୍ଣ ଗୋଟିଏ ପୃଷ୍ଠା ଦେଇପାରିଛି । ପରେ ପରେ ଏହାକୁ ସବୁ ଖବରକାଗଜ ଆପଣେଇଛନ୍ତି । ଖୁବ୍ ସ୍ୱଳ୍ପ ଦିନରେ ଲୋକପ୍ରିୟତା ହାସଲ ସହ ସମ୍ବଲପୁର, ବାଲେଶ୍ୱର, ଢେଙ୍କାନାଳ, ଅନୁଗୁଳ ଆଦି ଅନେକ ସଂସ୍କରଣ ବି ସାମିଲ ହୋଇପାରିଛି ।

**ସମ୍ବାଦ :** ଓଡିଆ ଖବରକାଗଜ ତଥା ମୁଦ୍ରଣ ଗଣମାଧ୍ୟମକୁ ପ୍ରଭାବିତ କରିଥିଲା ୧୯୮୦ ମସିହାରେ ପ୍ରକାଶିତ ସମ୍ବାଦ । ୧୯୮୧ରୁ ୧୯୯୧ ମସିହା ମଧ୍ୟରେ ଓଡିଆ ଖବରକାଗଜ ପାଠକ ସଂଖ୍ୟା ବି ବୃଦ୍ଧି ପାଇବାକୁ ଲାଗିଲା। ସମ୍ବାଦ ସମ୍ପୂର୍ଣ୍ଣ ରୂପେ ସ୍ଥାପିତ ହେଲା ଅକ୍ଟୋବର୪, ୧୯୮୪ । ସୁରେନ୍ଦ୍ର ମହାନ୍ତି ଏହାର ପ୍ରଥମ ସମ୍ପାଦକ ଥିଲେ । ପରେ ସୁରେନ୍ଦ୍ର ମହାନ୍ତି ସହ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୮୯ରୁ ସୌମ୍ୟ ରଞ୍ଜନ ପଟ୍ଟନାୟକ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଆସୁଛନ୍ତି । ସମ୍ବାଦ ଓଡିଆ ଖବରକାଗଜ ଦୁନିଆରେ ବୈଷୟିକ ଜ୍ଞାନକୌଶଳ ବ୍ୟବହାରର ନୂଆ ସ୍ପର୍ଶ ଦେଇଥିଲା । ଫଟୋ ଟାଇପ୍ ସେଟିଙ୍ଗ୍, ଅଫ୍‌ସେଟ୍ ପ୍ରିଣ୍ଟିଂ, ରଙ୍ଗୀନ ପ୍ରିଣ୍ଟିଂ ଇତ୍ୟାଦିର ଆରମ୍ଭ ହେଲା । ଫଳରେ ଖବରକାଗଜର ପୃଷ୍ଠାର ସଜ୍ଜା, ଗୁଣବତ୍ତା ଏବଂ ଲେଖାଶୈଳୀରେ ବି ପରିବର୍ତ୍ତନ ଦେଖିବାକୁ ମିଳିଥିଲା।

୧୯୬୧ରୁ ୧୯୮୧ ମଧ୍ୟରେ ଓଡ଼ିଆ ଖବରକାଗଜ ଯଦିବା ଧୀରେ ଧୀରେ ଅଗ୍ରଗତି କରିଛି । ମାତ୍ର ଏହା ଦ୍ୱାରା ଖବରକାଗଜ ଦୁନିଆକୁ କୌଣସି ପ୍ରଭାବ ପଡିନାହିଁ । ଖବରକାଗଜ ସଂସ୍ଥା ନିଜ ସାମର୍ଥ୍ୟ ମୁତାବକ ପାଠକଙ୍କ ନିକଟରେ ଖବର ପହଞ୍ଚାଇବାକୁ ଚେଷ୍ଟା କରିଛନ୍ତି । ୨୦୦୬ ସର୍ଭେ ଅନୁଯାୟୀ ଓଡ଼ିଆ ପାଠକ ସଂଖ୍ୟା ୧ କୋଟିରୁ ଅଧିକ ଥିଲା । ସମାଜ, ସମ୍ବାଦ ଏବଂ ଧରିତ୍ରୀର ପାଠକ ସଂଖ୍ୟା ପାଖାପାଖି ୫୫ ଲକ୍ଷ୍ୟରୁ ଉର୍ଦ୍ଧ୍ୱ ଥିଲେ ଏବଂ ଓଡ଼ିଆ ପାଠକ ସଂଖ୍ୟା ୮.୨୩ ପ୍ରତିଶତରୁ ଅଧିକ ହେଲେଣି ।

**ଅନ୍ୟାନ୍ୟ ପତ୍ରିକା :** ୧୯୨୮ରେ ସମ୍ବଲପୁରରୁ ଦୟାନିଧି ମିଶ୍ର ମାସିକ ନବଯୁଗ ଆରମ୍ଭ କରିଥିଲେ । ଗଞ୍ଜାମରୁ ସାପ୍ତାହିକ ପଲ୍ଲୀବାସୀ ୧୯୨୮ରେ ଛାପିଥିଲେ କ୍ଷେତ୍ରମଣୀ ପଣ୍ଡା । ପୁରୀରୁ ଲୋକନାଥ ମିଶ୍ରଙ୍କ ଦ୍ୱାରା ୧୯୩୩ରେ ପ୍ରକାଶ ପାଇଥିଲା ହରିଜନ । ୧୯୩୦ରେ ବ୍ରହ୍ମପୁରରୁ ପ୍ରକାଶିତ ହେଲା ଦୈନିକ ପ୍ରଭାତ । ସେଇ ବର୍ଷ କଟକରୁ ଦେଶକଥା ମାସିକ ଭାବେ ଆରମ୍ଭ ହେଲା ଓ ୭ ବର୍ଷ ପରେ ୧୯୩୭ ରେ ଦୈନିକ ହେଲା । ରାଜକୃଷ୍ଣ ବୋଷଙ୍କ ସମ୍ପାଦନାରେ ସ୍ୱରାଜ୍ୟ କଟକରୁ ୧୯୩୦ ରେ ପ୍ରକାଶିତ ହୋଇଥିଲା । ଆଉ ଏକ ଦୈନିକ ଧର୍ମଦୂତ ୧୯୩୩ରେ ଗଞ୍ଜାମରୁ ଛପା ଗଲା । ପଣ୍ଡିତ ନୀଳକଣ୍ଠ ଦାସ (୧୮୮୪-୧୯୬୬) ୧୯୩୪ରେ ମାସିକ ସାହିତ୍ୟ ପତ୍ରିକା ନବଭାରତ ଆରମ୍ଭ କରିଥିଲେ । ଓଡ଼ିଆ ସାହିତ୍ୟର ଉନ୍ନତି ଦିଗରେ ଯତ୍ନଶୀଳ ନବଭାରତରେ କିଛି କିଛି ରାଜନୈତିକ ଘଟଣାବଳୀ ମଧ୍ୟ ପ୍ରକାଶ ପାଉଥିଲା । ଅନ୍ୟପଟେ ପଶ୍ଚିମ ଓଡ଼ିଶାର ବଲାଙ୍ଗୀରରୁ ଶଙ୍କର ପ୍ରସାଦ ମିଶ୍ର ୧୯୩୬ରେ ହୀରାଖଣ୍ଡ ସମାଚାର ପ୍ରକାଶ କଲେ । ଏହା ସାପ୍ତାହିକ ଥିଲା । ପୁରୀରୁ ବିଶ୍ୱନାଥ ମହାପାତ୍ରଙ୍କ ସମ୍ପାଦନାରେ ପ୍ରକାଶ ପାଇଲା ଉତ୍କଳ ବାର୍ତ୍ତା । ପ୍ରସିଦ୍ଧ ସାମ୍ୟବାଦୀ ନେତା ଭଗବତୀ ଚରଣ ପାଣିଗ୍ରାହୀ କୃଷକ ଆରମ୍ଭ କଲେ ୧୯୨୮ରେ । ଏହା ଉପକୂଳ ଓଡ଼ିଶାର ଗରିବ ଚାଷୀ ମୂଲିଆଙ୍କ କଥା କହୁଥିଲା । ଢେଙ୍କାନାଳ ପ୍ରଜା ଆନ୍ଦୋଳନକୁ ଏହା ବେଶ ପ୍ରଭାବିତ କରିଥିଲା ।

## ୪.୬ ଓଡ଼ିଶାରେ ରେଡିଓ ସେବା

୧୯୪୮ ମସିହାରେ ଓଡ଼ିଶାର ପ୍ରଥମ ବେତାର କେନ୍ଦ୍ର କଟକଠାରେ ପ୍ରତିଷ୍ଠା ହୋଇଥିଲା । ଏହି ବର୍ଷ ଓଡ଼ିଶା ହାଇକୋର୍ଟ ବି ପ୍ରତିଷ୍ଠା ହୋଇଥିଲା ଏବଂ ନୂଆ ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରାଯାଇଥିଲା । ଏକ କିଲୋୱାଟ୍ ମିଡିୟମ୍ ୱେଭ୍ ଟ୍ରାନ୍ସମିଟରକୁ ନେଇ ଏହା ଜାନୁଆରୀ ୨୮, ୧୯୪୮ ରେ ଆରମ୍ଭ ହୋଇଥିଲା । ସ୍ୱାଧୀନତାର ଠିକ୍ ପରେ ଯେଉଁ କେତୋଟି ବେତାର କେନ୍ଦ୍ର ଭାରତ ସରକାର ପ୍ରତିଷ୍ଠା କରିଥିଲେ, ତାହା ମଧ୍ୟରୁ କଟକ ଅନ୍ୟତମ । ଏଚ୍.ଆର୍.ଲୁଥ୍ରା ଏହାର ପ୍ରଥମ କେନ୍ଦ୍ର ନିର୍ଦ୍ଦେଶକ ଥିଲେ ।

କଟକରେ ବିବିଧ ଭାରତୀ ପ୍ରସାରଣ ସେବା ଆରମ୍ଭ ହେଲା ୧୯୬୨ରେ । ୧୯୭୫ରେ ବ୍ୟବସାୟିକ ପ୍ରସାରଣ ସେବା ଆରମ୍ଭ ହେଲା । ଅଲ ଇଣ୍ଡିଆ ରେଡିଓର ଏକ ସହାୟକ ଷ୍ଟୁଡିଓ ୧୯୭୬ ମସିହା ଜାନୁଆରୀ ୨୭ ତାରିଖରେ ଭୁବନେଶ୍ୱରରେ ସ୍ଥାପନ କରାଯାଇଥିଲା । ରେକର୍ଡିଂ ତଥା ନିୟନ୍ତ୍ରଣ କକ୍ଷ ବିଶିଷ୍ଟ ଏହି ବହୁମୁଖୀ ଷ୍ଟୁଡିଓଟି ରାଜଧାନୀରେ ରାଜ୍ୟର ମନ୍ତ୍ରୀ ଓ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହିତ ରେକର୍ଡିଂ କାର୍ଯ୍ୟକୁ ସୁବିଧାରେ କରିବା ଉଦ୍ଦେଶ୍ୟରେ ପ୍ରତିଷ୍ଠା କରାଯାଇଥିଲା ।

୨୦୧୪ ମସିହା ସୁଦ୍ଧା ଓଡିଶାରେ ୨୦ଟି ଆକାଶବାଣୀ କେନ୍ଦ୍ର ରହିଛି । ଟ୍ରାନ୍ସମିଟର ସଂଖ୍ୟା ୨୩ । ଯାହା ମଧ୍ୟରୁ ୮ଟି ମିଡିୟମ୍ ୱେଭ୍, ଗୋଟିଏ ସର୍ଟ ୱେଭ୍ ଏବଂ ୧୪ଟି ଫ୍ରିକ୍ୟୁଏନ୍ସି ମଡ୍ୟୁଲେଟର । ୨୦ଟି ଆକାଶବାଣୀ କେନ୍ଦ୍ର ମଧ୍ୟରୁ କଟକ, ସମ୍ବଲପୁର (ସ୍ଥାପିତ-ମଇ୨୬, ୧୯୬୩) ଏବଂ ଭବାନୀପାଟଣା (ଡିସେମ୍ବର ୩୦, ୧୯୯୩)ରେ ଆଞ୍ଚଳିକ ପ୍ରସାରଣ କେନ୍ଦ୍ର ରହିଛି । ଏହିପରି ରାଉରକେଲା (ଜୁନ୍ ୨୪, ୧୯୮୫), କେନ୍ଦୁଝର (ନଭେମ୍ବର ୨୯, ୧୯୮୮), ବାରିପଦା (ଫେବୃଆରୀ ୨୫, ୧୯୯୧), ବଲାଙ୍ଗୀର, ଜୋରନ୍ଦା (ଅକ୍ଟୋବର ୩,୧୯୯୫), ପୁରୀ (ଜାନୁଆରୀ ୨୬, ୧୯୯୯), ବ୍ରହ୍ମପୁର (ଅଗଷ୍ଟ ୧୫,୧୯୯୯) । ଏହା ଆକାଶବାଣୀର ୧୫୦ ତମ କେନ୍ଦ୍ର ଏବଂ ସୋର ହେଉଛି ଆଞ୍ଚଳିକ ବେତାର କେନ୍ଦ୍ର । ନୂଆପଡା, ରାୟଗଡା, ବାଲିଗୁଡା, ପାରଳାଖେମୁଣ୍ଡି, ପାରାଦ୍ୱୀପ, ଦେବଗଡ, ସୁନ୍ଦରଗଡ ଏବଂ ଅନୁଗୁଳରେ ଲୋ-ପାୱାର ଟ୍ରାନ୍ସମିଟର ରହିଛି ।

ଆକାଶବାଣୀ କଟକ ଦ୍ୱାରା ଜୁନ୍ ୩୦, ୨୦୦୬ରେ ଡିଟିଏଚ୍ (ଡାଇରେକ୍ଟ ଟୁ ହୋମ୍) ସେବା ଆରମ୍ଭ ହୋଇଥିଲା । ଯାହା ଫଳରେ ସାରା ବିଶ୍ୱର ଲୋକମାନେ କଟକ କେନ୍ଦ୍ର କାର୍ଯ୍ୟକ୍ରମ ଶୁଣିପାରୁଛନ୍ତି ।

ବେସରକାରୀ ରେଡିଓ କଥା ଦେଖିଲେ, ରେଡିଓ ଚକୋଲେଟ୍ ହେଉଛି ଓଡିଶାର ପ୍ରଥମ ଘରୋଇ ଏଫ୍ଏମ୍ ଚ୍ୟାନେଲ । ଦୈନିକ ସମ୍ବାଦର ପ୍ରତିଷ୍ଠାତା ଗ୍ରୁପ୍ ଇଷ୍ଟର୍ଣ୍ଣ ମିଡିଆ ଲିଃ ଦ୍ୱାରା ଏହା ମଇ ୪, ୨୦୦୭ରେ ଆରମ୍ଭ ହୋଇଥିଲା । ମଇ ୨୭, ୨୦୦୭ରେ ବିଗ୍ ଏଫ୍ଏମ୍ ଆରମ୍ଭ ହୋଇଥିଲା । ଏହା ଓଡିଶାର ଦ୍ୱିତୀୟ ଘରୋଇ ଏଫ୍ଏମ୍ ଚ୍ୟାନେଲ । ଆଡ୍‌ଲାବ୍‌ସ ଫିଲ୍ମସ୍ ଏହାର ପ୍ରତିଷ୍ଠାତା । ୨୦୦୯, ଅଗଷ୍ଟ ୧୪ରେ ଆରମ୍ଭ ହୋଇଥିଲା ରେଡ୍ ଏଫ୍ଏମ୍ । ୨୦୧୩ ମସିହା ପର୍ଯ୍ୟନ୍ତ ଓଡିଶାରେ ସମୁଦାୟ ୬ଟି ଘରୋଇ ଏଫ୍ଏମ୍ ବେତାର କେନ୍ଦ୍ର ରହିଛି । ଯଥା- ରେଡିଓ ଚକୋଲେଟ୍, ବିଗ୍ ଏଫ୍ଏମ୍, ରେଡ୍ ଏଫ୍ଏମ୍, ଏସ୍ଏଫ୍ଏମ୍ (ଭୁବନେଶ୍ୱର) ଏବଂ ରାଉରକେଲାରେ ରେଡିଓ ଚକୋଲେଟ୍ ଓ ବିଗ୍ ଏଫ୍ଏମ୍ । ବର୍ତ୍ତମାନ ସମୟରେ ସାର୍ଥକ ରେଡ଼ିଓ ଓ ରେଡ଼ିଓ ଓଡ଼ିଶା ଘରୋଇ ଏଫ୍ଏମ୍ ଚ୍ୟାନେଲ୍ ଭବାରେ ଲୋକପ୍ରିୟ ହେବାରେ ଲାଗିଛି ।

ଓଡିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର କୋଣାର୍କଠାରେ ଫେବୃଆରୀ ୧୨,୨୦୧୦ରେ ପ୍ରତିଷ୍ଠା ହୋଇଥିଲା । ସ୍ୱେଚ୍ଛାସେବୀ ସଂସ୍ଥା ୟଙ୍ଗ୍ ଇଣ୍ଡିଆ ଦ୍ୱାରା ପ୍ରତିଷ୍ଠିତ ଏହି ଗୋଷ୍ଠୀ ବେତାର କେନ୍ଦ୍ର ନାଁ ହେଉଛି ରେଡିଓ ନମସ୍କାର । ଏନ୍.ଏ ଶାହା ଅନସାରୀ ଏହି ସଂସ୍ଥାର ମୁଖ୍ୟ ଅଛନ୍ତି । ରେଡିଓ ସଂସ୍କାର (ଜଗତସିଂହପୁର) ଏବଂ ରେଡିଓ କିସାନ (ବାଲିପାଟଣା, ଖୋର୍ଦ୍ଧା) । ୨୦୧୨ରେ ଫୁଲବାଣୀଠାରେ ପ୍ରତିଷ୍ଠା ହେଲା ରେଡିଓ ମୁସ୍କାନ୍ । କଟକର ରେଭେନ୍‌ସା ବିଶ୍ୱ ବିଦ୍ୟାଳୟର କ୍ୟାମ୍ପସ୍ ରେଡିଓ – ରେଭେନ୍‌ସା ରେଡିଓ ଅପ୍ରେଲ ୧୪, ୨୦୧୧ ରେ ପ୍ରତିଷ୍ଠା ହେଲା । ଭୁବନେଶ୍ୱରଠାରେ ଥିବା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ ବିଦ୍ୟାଳୟ ନିଜର କ୍ୟାମ୍ପସ୍ ରେଡିଓ ଭଏସ୍ ଅଫ୍ ସୋଆ ପ୍ରତିଷ୍ଠା କରିଥିଲା ଅକ୍ଟୋବର ୧୫, ୨୦୧୨ରେ । ପ୍ରସିଦ୍ଧ ବଂଶୀବାଦକ ହରିପ୍ରସାଦ ଚୌରୋସିଆ ଏହାକୁ ଉଦଘାଟନ କରିଥିଲେ । ଏହିପରି ପଶ୍ଚିମ ଓଡିଶାର ଏକ ଘରୋଇ ସଂସ୍ଥା ହୀରାକୁଦରୁ ଜୁଲାଇ ୪, ୨୦୧୮ରେ ଆରମ୍ଭ କଲେ ହୀରାଖଣ୍ଡ ନାମକ କମ୍ୟୁନିଟି ରେଡିଓ ସେବା । ଏହିପରି କୋରାପୁଟରେ ରେଡିଓ ଧିମ୍‌ସା କାର୍ଯ୍ୟ କରୁଛି ।

ଓଡିଶାର ପ୍ରଥମ ଇଣ୍ଟରନେଟ୍ ରେଡିଓ (www.odiaradio.com) ଜୁନ୍ ୨୧, ୨୦୧୨ ଗୁଣ୍ଡିଚା ଯାତ୍ରା ଦିନ ପ୍ରସାରଣ ଆରମ୍ଭ କରିଥିଲା । ୨୦୦୯ରେ ଦୁଇ ଭାଇ ସୀତାଂଶୁ ମହାପାତ୍ର ଓ ଶୁଭ୍ରାଂଶୁ ମହାପାତ୍ର ଏହାକୁ ଏକ ପାଇଲଟ୍ ପ୍ରକଳ୍ପ ଭାବେ ଆରମ୍ଭ କରିଥିଲେ । ପରେ ବିଷୟବସ୍ତୁ, ବୈଷୟିକ ବିଦ୍ୟାକୁ ନେଇ ଅନେକ ପ୍ରୟୋଗ କରାଗଲା । ଓଡିଆ ପୋର୍ଟାଲ୍ (www.amariodisha.com) ର ଅଂଶ ଭାବେ ଏହା ଆରମ୍ଭ ହେଲା ୨୦୧୨ରେ । ସଙ୍ଗୀତ ବ୍ୟତୀତ ଏଥିରେ ଓଡିଶାର କଳା, ସଂସ୍କୃତି ସଂପର୍କିତ କାର୍ଯ୍ୟକ୍ରମ ଦିବାରାତ୍ର ୨୪ ଘଣ୍ଟା ପ୍ରସାରିତ ହେଉଛି ।

ବର୍ତ୍ତମାନ ସ୍ଥିତିରେ ରେଡିଓ ତଥା ଏଫ୍ଏମ୍ ସେବାର ଅଭିବୃଦ୍ଧି ଘଟିବ । ଏହାର ବ୍ୟବହାର, ବ୍ୟବହାରକାରୀଙ୍କ ସଂଖ୍ୟା, ବିଷୟ ବୈଚିତ୍ର ଏବଂ ଏଥିରୁ ଆୟ – ସବୁ ବଢିବ । ନୂଆ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗରେ ଏହା ଆହୁରି ଭଲ ଶୁଭିବ । ନୂଆ ବିଷୟ ବୈଚିତ୍ର ଦ୍ୱାରା ନୂଆ ଶ୍ରୋତାଙ୍କୁ ଆକର୍ଷିତ କରିବ । ବେସରକାରୀ ଏବଂ ଗୋଷ୍ଠୀ ବେତାର କେନ୍ଦ୍ରଗୁଡିକୁ ଏ ପର୍ଯ୍ୟନ୍ତ ସମ୍ବାଦ ପରିବେଷଣ ପାଇଁ ଅନୁମତି ମିଳି ନାହିଁ । ଥରେ ସେ ସୁଯୋଗ ମିଳିଲେ ତେଣିକି ରେଡିଓର ବ୍ୟାପ୍ତି ଏବଂ ବ୍ୟବହାର ଆହୁରି ବଢିବାର ସମ୍ଭାବନା ରହିଛି ।

**ରେଡିଓରେ ସମ୍ବାଦ :** ଭାରତରେ ବେସରକାରୀ ବେତାର କେନ୍ଦ୍ରଗୁଡିକୁ ସମ୍ବାଦ ପରିବେଷଣର ଅନୁମତି ୨୦୧୪ ଶେଷଯାଏ ମିଳିନାହିଁ । କେବଳ ଆକାଶବାଣୀ କେନ୍ଦ୍ରଗୁଡିକ ସମ୍ବାଦ ପ୍ରସାରଣ କରନ୍ତି । ୧୯୪୮ରେ ପ୍ରତିଷ୍ଠା ଦିନରୁ ଆକାଶବାଣୀ କଟକ କେନ୍ଦ୍ର ଆଞ୍ଚଳିକ ସମ୍ବାଦ ପ୍ରସାରଣ କରୁଛି । ମଇ୨୬, ୧୯୫୮ରୁ ଜାତୀୟ ଖବର ଏବଂ ଏହାର ଦଶ ବର୍ଷ ପରେ ସେପ୍ଟେମ୍ବର ୮, ୧୯୬୮ରେ ସକାଳ ଓଳି ସମ୍ବାଦ ପ୍ରସାରଣ ଆରମ୍ଭ ହୋଇଥିଲା । ୨୦୦୦ ମସିହାରେ ମଧ୍ୟାହ୍ନ ସମୟରେ ପାଞ୍ଚ ମିନିଟ୍ର ବୁଲେଟିନ୍ ଆରମ୍ଭ କରାଯାଇଥିଲା । ଆକାଶବାଣୀର ରେନ୍ବୋ, କଟକ ପ୍ରତି ଘଣ୍ଟାକରେ ଥରେ ଦୁଇ ମିନିଟ୍ର କ୍ୟାପସୁଲ୍ ବୁଲେଟିନ୍ ପ୍ରସାରିତ କରେ ।

ପ୍ରତିଦିନର ନ୍ୟୁଜ୍ ବୁଲେଟିନ୍ ବ୍ୟତୀତ ଆକାଶବାଣୀ ଅନେକ ସାଂପ୍ରତିକ ଘଟଣାବଳୀ, ଶିକ୍ଷା, ରୋଷେଇ, ମନୋରଂଜନ ଭିତ୍ତିକ କାର୍ଯ୍ୟକ୍ରମ ବି ପ୍ରସାରଣ କରିଥାଏ । ଜିଲ୍ଲାରୁ ଆସୁଥିବା ଖବରକୁ ନେଇ ଜିଲ୍ଲା ପରିକ୍ରମା ନାମକ ଏକ ବୁଲେଟିନ୍ ବି ଆସିଥାଏ । ଜିଲ୍ଲାରୁ ଖବର ସଂଗ୍ରହ ପାଇଁ ଏହାର ପ୍ରତିନିଧି (ପିଟିସି) ରହିଥାନ୍ତି ।

## ୪.୭ ଓଡିଶାରେ ଟେଲିଭିଜନ

୧୯୭୦ ଦଶକର ମଧଭାଗରେ ଓଡିଶାକୁ ଆସିଥିଲା ଟେଲିଭିଜନ । ଆରମ୍ଭରେ ଏହାର ଅଭିବୃଦ୍ଧି ମନ୍ଥର ଥିଲା । କିନ୍ତୁ ଗତ ତିନି ଦଶନ୍ଧିରେ ଏହାର ଦ୍ରୁତ ଅଭିବୃଦ୍ଧି ହୋଇଛି । ଦର୍ଶକଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ଚ୍ୟାନେଲ ସଂଖ୍ୟା ବି ବଢିଛି । ୨୦୧୪ ମଝି ବେଳକୁ ୧୮ଟି ଓଡିଆ ସାଟେଲାଇଟ୍ ଚ୍ୟାନେଲ୍ ଥିଲା ।

୧୯୭୫-୭୬ରେ ସାଇଟ୍ (ସାଟେଲାଇଟ୍ ଇନଷ୍ଟ୍ରକ୍ସନାଲ ଟେଲିଭିଜନ୍ ଏକ୍ସପେରିମେଣ୍ଟ) ଜରିଆରେ ଦୂରଦର୍ଶନ ଓଡିଶାରେ ପ୍ରବେଶ କରିଥିଲା । ଭାରତରେ ସାଟେଲାଇଟ୍ ଟେକ୍ନୋଲୋଜି କ୍ଷେତ୍ରରେ ଏହା ପ୍ରଥମ ପରୀକ୍ଷା ଥିଲା । କେବଳ ଭାରତରେ ନୁହେଁ ସାମାଜିକ ଶିକ୍ଷା ପାଇଁ ଏହି ଟେକ୍ନୋଲୋଜିର ପ୍ରୟୋଗ ସମଗ୍ର ବିଶ୍ୱରେ

ପ୍ରଥମ ଥିଲା । ସାଇଟ୍ ଓଡିଶାରେ ସମ୍ବଲପୁର, ଢେଙ୍କାନାଳ, ଫୁଲବାଣୀ ଜିଲ୍ଲାରେ କାର୍ଯ୍ୟ କରିଥିଲା । ଓଡିଆ କାର୍ଯ୍ୟକ୍ରମ ଗୁଡିକର ମୁଖ୍ୟ ପ୍ରସାରଣ କେନ୍ଦ୍ର କଟକ ଥିଲା । ୧୯୭୮ ମସିହାରେ ସମ୍ବଲପୁର ଜିଲ୍ଲାକୁ ସାଇଟ୍ ସଂପ୍ରସାରଣ କାର୍ଯ୍ୟକ୍ରମ ପାଇଁ ଚୟନ କରାଯାଇଥିଲା ଏବଂ ୧ କିଲୋୱାଟର ଏକ ଟେରିଷ୍ଟରିଆଲ ଟ୍ରାନ୍ସମିଟର ସେଠାରେ ସ୍ଥାପନ କରାଯାଇଥିଲା ।

୧୯୮୨ ଦିଲ୍ଲୀ ଏସିଆଡ୍ କ୍ରୀଡା ସମୟରେ ଭୁବନେଶ୍ୱରରେ ସ୍ୱଳ୍ପ କ୍ଷମତା ସଂପନ୍ନ ଟ୍ରାନ୍ସମିଟର ଲଗା ଯାଇଥିଲା । ୧୯୮୫ ରେ କଟକରେ ଉଚ୍ଚ କ୍ଷମତା ସଂପନ୍ନ ଟ୍ରାନ୍ସମିଟର ବସିଲା । ୧୯୮୭ରେ ଅଳ୍ପ ସମୟ ପାଇଁ ଓଡିଆ କାର୍ଯ୍ୟକ୍ରମର ପ୍ରସାରଣ ଆରମ୍ଭ ହେଲା । ଏହାପରେ ଦୈନିକ ଏକ ଓଡିଆ ନ୍ୟୁଜ୍ ବୁଲେଟିନ୍ ପ୍ରସାରଣ ଆରମ୍ଭ ହୋଇଥିଲା । ୧୯୯୧ରେ ଆଞ୍ଚଳିକ ଅପ୍‌ଲିଙ୍କ୍ ସୁବିଧା ଓଡିଶାକୁ ଦିଆଯାଇଥିଲା । ୧୯୯୨ରେ ଭୁବନେଶ୍ୱରରେ ଏକ ନୂତନ ଷ୍ଟୁଡିଓ କରାଯାଇ ପ୍ରସାରଣ କାର୍ଯ୍ୟକୁ ରାଜଧାନୀକୁ ସ୍ଥାନାନ୍ତରଣ କରାଗଲା । ୧୯୮୦ ଓ ୯୦ ଦଶକରେ ଅନେକ ଲୋ-ପାୱାର୍ ଟ୍ରାନ୍ସମିଟର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯାଇଥିଲା। ସଂପ୍ରତି ଭୁବନେଶ୍ୱରକୁ ଛାଡିଦେଲେ ଦୂରଦର୍ଶନର ଚ୍ୟାନେଲଗୁଡିକ ଆରମ୍ଭ ହେବାରୁ ଘରୋଇ ସଂସ୍ଥା ଦ୍ୱାରା ନିର୍ମିତ ଫିଚର ଏବଂ ନ୍ୟୁଜ୍ ମାଗାଜିନ ପ୍ରସାରିତ ହୋଇଥିଲା ।

ଏଥିମଧ୍ୟରୁ ୧୯୯୫ ରେ ବୀରେନ ଦାସଙ୍କ ଦ୍ୱାରା ପ୍ରଯୋଜିତ ଓଡିଆ ନ୍ୟୁଜ୍ ମାଗାଜିନ୍ 'ଆଜିର ଓଡିଶା' ବେଶ୍ ସଫଳ ହୋଇଥିଲା । ଏହା ୩ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା । ଏହା ପରେ ଅନେକ କାର୍ଯ୍ୟକ୍ରମ ଆସିଥିଲା ।

ଓଡିଶା ଟେଲିଭିଜନ (ଓଟିଭି) ହେଉଛି ରାଜ୍ୟରେ ପ୍ରଥମ ଘରୋଇ ଇଲେକ୍‌ଟ୍ରୋନିକ ଗଣମାଧ୍ୟମ । ଏହାର ଦୈନିକ ସମ୍ବାଦ ବୁଲେଟିନ୍ ପ୍ରତିଦିନ ନିଜର ଘଟଣାବଳୀ, ଉପସ୍ଥାପନ ଶୈଳୀ, ସ୍ଥାନୀୟ ଖବର ଉପରେ ଗୁରୁତ୍ୱ ଓ ବିଭିନ୍ନ ଘଟଣାମାନର ପୁଙ୍ଖାନୁପୁଙ୍ଖ ଆଲୋଚନା ପାଇଁ ଜଣାଶୁଣା । ୨୦୦୭ରେ ଓ-ଟିଭି ସାଟେଲାଇଟ୍ ଚ୍ୟାନେଲ୍ ହୋଇଥିଲା । ଯେଉଁ କାରଣରୁ ଏହା ଅଧିକ ଦର୍ଶକଙ୍କ ନିକଟରେ ପହଞ୍ଚି ପାରିଥିଲା । ଅନେକ ପ୍ରକାର କାର୍ଯ୍ୟକ୍ରମକୁ ନେଇ ଆରମ୍ଭ ହୋଇଥିବା ଓ-ଟିଭି ଶେଷକୁ ୨୪ ଘଣ୍ଟିଆ ନ୍ୟୁଜ୍ ଚ୍ୟାନେଲରେ ପରିଣତ ହୋଇଥିଲା।

୨୦୦୨ରେ ଇଟିଭି (ଇନାଡୁ ଟିଭି) ଓଡିଆର ପ୍ରସାରଣ ଆରମ୍ଭ ହୋଇଥିଲା । ଏହା ହେଉଛି ଓଡିଶାରେ ପ୍ରଥମ ଘରୋଇ ସାଟେଲାଇଟ୍ ଚ୍ୟାନେଲ୍ । ବିଭିନ୍ନ ପ୍ରକାର ଖବର ଏବଂ ମନଲାଖି କାର୍ଯ୍ୟକ୍ରମ ପ୍ରସାରଣ ହେତୁ ଇ-ଟିଭି ଖୁବ୍ ଶୀଘ୍ର ଲୋକପ୍ରିୟ ହୋଇଥିଲା । ଏହା ମନୋରଞ୍ଜନ ଚ୍ୟାନେଲ ହେବା ସହ ବି ଖବରକୁ ଗୁରୁତ୍ୱ ଦେଉଥିଲା । ନିର୍ବାଚନ ସମୟରେ ଇ-ଟିଭି ପ୍ରଥମେ ଆରମ୍ଭ କରିଥିଲା ଇଲେକ୍ସନ ଏକ୍ସପ୍ରେସ୍ ଏବଂ ପରେ ଆସିଥିଲା ଇ-ଟିଭି ଅଦାଲତ । ଓଡିଶାରେ ଟେଲିଭିଜନ ସାମ୍ବାଦିକ ଓ ଟେକ୍ନିସିଆନଙ୍କ ପାଇଁ ଏହା ନୂତନ ବାଟ ଖୋଲିଥିଲା ।

୨୦୦୯ରେ ଓଡିଶାକୁ ଆଉ ଚାରୋଟି ଓଡିଆ ସାଟେଲାଇଟ୍ ଚ୍ୟାନେଲ ଆସିଲା । ସେଗୁଡିକ ହେଲା- ନକ୍ଷତ୍ର ନ୍ୟୁଜ୍, କାମୟାବ୍, ଜୋଶ ଟିଭି, କନକ ଟିଭି ଇତ୍ୟାଦି । ଏଥିମଧ୍ୟରୁ କନକ ଟିଭି ଏବଂ ନକ୍ଷତ୍ର ୨୪ ଘଣ୍ଟିଆ ନ୍ୟୁଜ୍ ଚ୍ୟାନେଲ । ଅନ୍ୟ ଦୁଇଟି ଚ୍ୟାନେଲ ଖବର ସହିତ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପ୍ରସାରିତ

କରୁଥିଲେ । ଦୈନିକ ସମ୍ବାଦ ପ୍ରକାଶ କରୁଥିବା ଇଷ୍ଟର୍ଣ୍ଣ ମିଡିଆ ଗ୍ରୁପ୍‌ର ଚ୍ୟାନେଲ ହେଉଛି କନକ ଟିଭି । ଅକ୍ଟୋବର ୪, ୨୦୦୯ରେ ଏହା ଆରମ୍ଭ ହୋଇଥିଲା ।

ବାଣିଜ୍ୟିକ ସଂସ୍ଥା ସି-ସୋର ଗ୍ରୁପ୍ ପକ୍ଷରୁ ମାର୍ଚ୍ଚ ୧୮, ୨୦୧୧ ରେ ଆରମ୍ଭ ହୋଇଥିଲା ଏସ୍-ଟିଭି। ଏହା ଥିଲା ୨୪ ଘଣ୍ଟିଆ ନ୍ୟୁଜ୍ ଚ୍ୟାନେଲ । ମଇ ୨୦୧୧ରେ ଆରମ୍ଭ ହୋଇଥିଲା ଏମବିସି ଟିଭି । ଏଥିରେ ସମେତ ମନୋରଂଜନଧର୍ମୀ କାର୍ଯ୍ୟକ୍ରମ ମଧ୍ୟ ପ୍ରସାରିତ ହୋଇଥାଏ । ୨୦୧୪ ବେଳକୁ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ର ଏହାର ଏଡିଟର-ଇନ-ଚିଫ୍ ଥିଲେ ।

୨୦୧୪ରେ ଓଡିଶାର ଟିଭି ଜଗତକୁ ବଡ ବଡ କମ୍ପାନୀମାନେ ମଧ୍ୟ ଆସିଥିଲେ । ଫେବୃଆରୀରେ ଜୀ-ଗ୍ରୁପ୍ ନିଜର ଓଡିଆ ଚ୍ୟାନେଲ ଜୀ କଳିଙ୍ଗ ଆରମ୍ଭ କଲେ । ଜିନ୍ଦଲ ଗ୍ରୁପ୍‌ର ଫେକସ୍ ଟିଭି(ବର୍ତ୍ତମାନର ନ୍ୟୁଜ୍ ୱାର୍ଲଡ ଓଡିଶା) ଜୁନ୍ ୧୩, ୨୦୧୪ ରୁ ସେମାନଙ୍କ କାର୍ଯ୍ୟକ୍ରମ ପ୍ରସାରଣ ଆରମ୍ଭ କରିଛନ୍ତି । ପ୍ରମେୟ ଖବରକାଗଜ ଗ୍ରୁପ୍ ପକ୍ଷରୁ ଏକ ଟେଲିଭିଜନ ଚ୍ୟାନେଲ (ନ୍ୟୁଜ୍ ସେଭେନ) ୨୦୧୪ ବେଳକୁ ଆରମ୍ଭ କଲେ। ଆନନ୍ଦ ବଜାର ପତ୍ରିକା ଗ୍ରୁପ୍ (ଏବିପି ନ୍ୟୁଜ୍) ପକ୍ଷରୁ ଓଡିଶାରେ ନୂଆ ଭାଷାଭିତ୍ତିକ ଚ୍ୟାନେଲ ଖୋଲିବାର ଯୋଜନା ରହିଛି ।

ଓଡିଶାରେ ଅଧିକରୁ ଅଧିକ ନ୍ୟୁଜ୍ ଚ୍ୟାନେଲ ଖୋଲିବା ନେଇ ଦୁଇଟି ମତ ରହିଛି । ପ୍ରଥମ ମତ ଅନୁସାରେ, ଅଧିକରୁ ଅଧିକ ଚ୍ୟାନେଲ ଖୋଲିବା ଗଣମାଧ୍ୟମ ସଂସାର ପାଇଁ ଭଲ । ଏହା ଦ୍ୱାରା ପ୍ରତିଯୋଗୀତା ବଢିବ । ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ଚ୍ୟାନେଲଗୁଡିକ ଅଧିକ, ତତ୍‌କ୍ଷଣାତ୍ ଏବଂ ଅଧିକ ଆକର୍ଷଣୀୟ ଓ ଉତ୍କୃଷ୍ଟ ଖବର ପ୍ରସାରିତ କରିବେ । ମାତ୍ର ଦ୍ୱିତୀୟ ମତ ଟିକିଏ ଏଥିରୁ ଭିନ୍ନ । ତାହା ହେଲା - ଅନେକ ଚ୍ୟାନେଲ ଖୋଲିବା ଫଳରେ ପ୍ରତିଯୋଗୀତା ବଢୁଛି । ଆଉ ପ୍ରତିଯୋଗୀତାରେ ତିଷ୍ଠି ରହିବା ପାଇଁ ବିଭିନ୍ନ ଚ୍ୟାନେଲ୍ ଅଯଥାରେ ଚାଞ୍ଚଲ୍ୟକର ଖବର ପରିବେଷଣ କରୁଛନ୍ତି । ସମ୍ବାଦ ଯୋଗ୍ୟ ନ ହେଲେ ବି ସେପରି ବିଷୟବସ୍ତୁକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି କରାଯାଉଛି । ଯାହା ସମାଜ ପାଇଁ ଭଲ ନୁହେଁ ।

ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ଓଡିଶାରେ ମଧ୍ୟ ନବେ ଦଶକର ଆରମ୍ଭରୁ ଅପରେଟରମାନେ ଗ୍ରାହକଙ୍କ ଘରେ ବିଭିନ୍ନ ଟେଲିଭିଜନ ଚ୍ୟାନେଲର କାର୍ଯ୍ୟକ୍ରମ ପହଞ୍ଚାଉଛନ୍ତି । କେବୁଲ୍ ଅପରେଟରଙ୍କୁ ଲାଷ୍ଟ ମାଇଲ ଅପରେଟର ବୋଲି କୁହାଯାଏ । ସହସ୍ରାବ୍ଦୀର ପ୍ରଥମ ଦଶକଯାଏଁ ସେମାନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଥିଲା। ଓଡିଶାରେ ସ୍ଥାନୀୟ କେବୁଲ ଚ୍ୟାନେଲ୍ ଅଧିକାଂଶ ଜାଗାରେ ସ୍ଥାନୀୟ ଖବର ମଧ୍ୟ ପ୍ରସାରଣ କରିଥାନ୍ତି । ଏମାନେ ଏହାକୁ ନିଜେ କରୁଥିଲେ ଅବା ଛୋଟ ଛୋଟ ସମ୍ବାଦ ପ୍ରଯୋଜକ ସଂସ୍ଥାକୁ ନ୍ୟୁଜ୍ ସୁଟିଂ, ଏଡିଟିଂ ଏବଂ ପ୍ୟାକେଜିଂର ଦାୟିତ୍ୱ ନେଉଥିଲେ । ଏହା ସପ୍ତାହକୁ ଥରେ ବା ଦୁଇ ଥର ପ୍ରସାରିତ ହୋଇଥାଏ । ସ୍ଥାନୀୟ ବିଜ୍ଞାପନ ଓ ପ୍ରଯୋଜନ ମଧ୍ୟ ଏଥିପାଇଁ ମିଳିଯାଏ । ଗତ କିଛି ବର୍ଷ ହେବ ଓଡିଶାରେ ଡିଟିଏଚ୍ ଏବଂ ସେଟଅପ ବକ୍ସ ସୁବିଧା ଉପଲବ୍ଧ ହେଉଛି । ଯାହାକି ଦର୍ଶକଙ୍କୁ ଚ୍ୟାନେଲ ଚୟନ ଏବଂ ବହୁ ଗୁଡାଏ ସେବା ହାତ ପାଖରେ ଦେବାରେ ସଫଳ ହୋଇପାରୁଛନ୍ତି ।

**ଟେଲିଭିଜନରେ ସମ୍ବାଦ :** ଓଡିଶାରେ ଟେଲିଭିଜନରେ ସମ୍ବାଦର ଇତିହାସ ବେଶୀ ପୁରୁଣା ନୁହେଁ । ୧୯୮୮ରେ ଦୂରଦର୍ଶନ ପକ୍ଷରୁ ଦିନକୁ ୧୦ ମିନିଟର ନ୍ୟୁଜ୍ ବୁଲେଟିନ୍ ଆରମ୍ଭ ହୋଇଥିଲା । ଏହା ଭିତରେ ଓଡିଶାରେ ଏବେ ଅଧ ଡଜନ ପାଖାପାଖି ୨୪ ଘଣ୍ଟିଆ ନ୍ୟୁଜ୍ ଚ୍ୟାନେଲ ହେଲାଣି । ପ୍ରତି ମୁହୂର୍ତ୍ତରେ ଖବର ତତ୍‌କ୍ଷଣାତ୍ ଲୋକଙ୍କ ସାମ୍ନାରେ ପହଞ୍ଚୁଛି । ବଡ କୌଣସି ଘଟଣା ଘଟିଲେ ତାର ଆଖିଦେଖା ବିବରଣୀ (ଲାଇଭ୍ ଟେଲିକାଷ୍ଟ) ମଧ୍ୟ ଦେଖାଯାଉଛି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଦ୍ରଣ ଗଣମାଧ୍ୟମର ସାମ୍ବାଦିକମାନେ ଟେଲିଭିଜନକୁ ଆସିଥିଲେ । ସେମାନଙ୍କ ଭିତରୁ ଏବେ ଅନେକ ବେଶ ପ୍ରସିଦ୍ଧ । ଏପରିକି ଚ୍ୟାନେଲ ମୁଖ୍ୟଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି । ଖବରକାଗଜରୁ ଟେଲିଭିଜନକୁ ଯାତ୍ରା ବେଶ୍ ରୋମାଞ୍ଚକର । ପରେ ପରେ ଓଡିଶା ଟେଲିଭିଜନରେ ମହିଳା ସାମ୍ବାଦିକଙ୍କ ସଂଖ୍ୟା ବି ବଢ଼ିବାରେ ଲାଗିଛି ।

## ୪.୮ ଓଡିଶାରେ ଆଧୁନିକ ସାମ୍ବାଦିକତା

ବିଂଶ ଶତାବ୍ଦୀ ଶେଷ ଆଡକୁ ଆଧୁନିକ ସାମ୍ବାଦିକତା ବା ନିଉ ମିଡିଆ ବୋଲି ଶବ୍ଦଟିଏ ଗଣମାଧମ ସଂସାରକୁ ଆସିଲା । ଏହି ଆଧୁନିକ ସାମ୍ବାଦିକତା ପାରମ୍ପରିକ ସାମ୍ବାଦିକତାଠୁଁ ଅଲଗା । ଏଥିରେ ବିଷୟବସ୍ତୁ ଡିଜିଟାଲ ରୂପରେ ଥାଏ । ଏଣୁ କେତେକ ଏାହକୁ ଡିଜିଟାଲ ଜର୍ଣ୍ଣାଲିଜିମ୍ ବୋଲି ମଧ୍ୟ କହନ୍ତି । ଇଣ୍ଟରନେଟ୍, ୱେବସାଇଟ୍, କମ୍ପ୍ୟୁଟର ମଲ୍ଟିମିଡିଆ, ମୋବାଇଲରେ ଉପଲବ୍ଧ ଇଣ୍ଟରନେଟ୍ ଆଦି ଏହାର ଉଦାହରଣ । ଟେଲିଭିଜନ କାର୍ଯ୍ୟକ୍ରମ, ପତ୍ରପତ୍ରିକା, ବହି, ଖବରକାଗଜ, ସିନେମା ଆଦି ଏହା ଭିତରେ ଅନ୍ତର୍ଭୁକ୍ତ ନୁହେଁ । କିନ୍ତୁ ଯଦି ଏହା ଇଣ୍ଟରନେଟ୍‌ରେ ଡିଜିଟାଲ ବିଷୟବସ୍ତୁ ଭାବେ ଉଭା ହେଲା, ତେବେ ଏହାକୁ ନିଉ ମିଡିଆରେ ନିଆଯାଏ ।

ଓଡିଶାରେ ଏହି କ୍ଷେତ୍ରରେ ବିକାଶ ଖୁବ୍ ଶୀଘ୍ର ହୋଇଥିଲା । ୧୯୯୯ରେ ଆଇ.ଆଇ.ଏମ.ସି ଛାତ୍ରଛାତ୍ରୀମାନେ ଓଡିଆ ଖବରକାଗଜ ଉଦ୍ୟୋଗରେ ଆଇଟି ବ୍ୟବସ୍ଥା ଉପରେ କରିଥିବା ଏକ ରିପୋର୍ଟ ମୁତାବକ ଏହି ସମୟରେ ଦୈନିକ ଖବରକାଗଜରେ ଇଣ୍ଟରନେଟ୍ ସେବାର ବ୍ୟବସ୍ଥା ନଥିଲା । ବର୍ତ୍ତମାନ ଏହାର ନିଜସ୍ୱ ୱେବସାଇଟ୍ ରହିଛି । ନିଜସ୍ୱ ଇ-ପେପର୍ ପ୍ରକାଶିତ ହେଉଛି । ସଂପ୍ରତି ଓଡିଶାରେ ସମସ୍ତ ପ୍ରମୁଖ ଖବରକାଗଜ ଓ ଖବରଭିତ୍ତିକ ପତ୍ରିକାର ନିଜସ୍ୱ ୱେବସାଇଟ୍ ରହିଛି ।

୧୯୯୯ ଅପ୍ରେଲ ୧ ତାରିଖ ଦିନ ସମ୍ବାଦ ଏହାର ୱେବ ସଂସ୍କରଣ ଆରମ୍ଭ କରିଥିଲା । ବର୍ତ୍ତମାନ ପ୍ରତି ମାସରେ ଲକ୍ଷାଧିକ ଲୋକ ଏହି ୱେବସାଇଟ୍‌କୁ ଦେଖୁଥିବାର ସମ୍ବାଦ ଦାବି କରେ । ସମାଜର ମଧ୍ୟ ଇ-ପେପର୍ ରହିଛି । ୧୯୮୮ ରେ ଭୁବନେଶ୍ୱରରୁ ପ୍ରକାଶିତ ହୋଇଥିବା ଇଂରାଜୀ ଦୈନିକ ଖବରକାଗଜ ସନଟାଇମ୍ସ ଏହାର ପ୍ରକାଶନ କିଛି ବର୍ଷ ପରେ ବନ୍ଦ ହୋଇଯାଇଥିଲା । ୨୦୦୦ ମସିହାରେ ଓଡିଶାର ପ୍ରଥମ ୱେବ୍ ଖବରକାଗଜ ଭାବେ ପୁନଶ୍ଚ ଏହା ପ୍ରକାଶିତ ହୋଇଥିଲା । କିନ୍ତୁ ନିୟମିତ ନଥିଲା । ନଭେମ୍ବର ୭, ୨୦୧୩ରୁ ଏହା ନିୟମିତ ଭାବେ କାର୍ଯ୍ୟ ଆରମ୍ଭ କଲା । ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର ଏଥିସହିତ ସମ୍ପୃକ୍ତ ଅଛନ୍ତି । ସନ୍ଦୀପ ସାହୁ ଏହାର କାର୍ଯ୍ୟକାରୀ ସମ୍ପାଦକ ଅଛନ୍ତି । ସୌମ୍ୟ ରଂଜନ ପଟ୍ଟନାୟକ ଏହାର ମୁଖ୍ୟ ସମ୍ପାଦକ ଅଟନ୍ତି ।

ଓଡିଶା ମ୍ୟାଟରସ୍.କମ୍ (Orissamatters.com) ଚଳାଉଥିବା ସୁବାଷ ଚନ୍ଦ୍ର ପଟ୍ଟନାୟକ ହେଉଛନ୍ତି ଓଡିଶାର ପ୍ରଥମ ୱେବ ସାମ୍ବାଦିକ । ତାଙ୍କ ପୁଅ ଶାଶ୍ୱତ ପଟ୍ଟନାୟକ ଏହାର ସମ୍ପାଦନା ଦାୟିତ୍ୱ ତୁଲାନ୍ତି । ଆଇ.ଆଇ.ଏମ୍.ସି. ର ଛାତ୍ର ଶାଶ୍ୱତ କିଛି ଦିନ ଇକୋନୋମିକ୍ସ ଟାଇମ୍ସରେ କାମ କରିଥିଲେ ।

ଓଡିଶାର ପ୍ରଥମ ଅନଲାଇନ୍ ଖବରକାଗଜ ବୋଲି ଦାବି କରୁଥିବା ଇନସାଇଟ୍ଓଡିଶା.କମ୍ (insightorissa.com)ର ପରିଚାଳନା ସମ୍ପାଦକ ପ୍ରକାଶ ରାଓ ପ୍ରଥମେ ଧରିତ୍ରୀ ଓ ଇଣ୍ଡିଆନ୍ ଏକ୍ସପ୍ରେସ୍‌ରେ ସାମ୍ବାଦିକ ଥିଲେ । ପରେ ସେ ୱେବ୍ ସାମ୍ବାଦିକତା କ୍ଷେତ୍ରକୁ ଆସିଥିଲେ । ସେହିପରି ମହାନଦୀ.କମ୍‌ରେ ଖବର (ନ୍ୟୁଜ୍ କଣ୍ଟେଣ୍ଟ) ରହିଥିଲେ ମଧ୍ୟ ଏହା ସଂସ୍କୃତି ଓ ବାଣିଜ୍ୟକୁ ଗୁରୁତ୍ୱ ଦେଇଥାଏ । ଇ-ଟିଭିର ବ୍ୟୁରୋ ମୁଖ୍ୟ ଥିବା ସୁଲୋଚନା ଦାସ କିଛି ବର୍ଷ ପାଇଁ କଳିଙ୍ଗଟାଇମ୍ସ.କମ୍ (kalingatimes.com) ନାମକ ୱେବସାଇଟ୍ ଚଳାଉଥିଲେ । ଏହା ସେପ୍ଟେମ୍ବର ୨୦୦୬ରେ ଆରମ୍ଭ ହୋଇଥିଲା ।

ଖବରକାଗଜରେ ଦୀର୍ଘ ଦିନ କାମ କରିଥିବା ବ୍ରଜ କିଶୋର ମିଶ୍ର ତଥ୍ୟ ଡଟ୍ କମ୍ ନାମକ ୱେବସାଇଟ୍ ଚଳାଉଛନ୍ତି । ତଥ୍ୟ ଏକ ସମ୍ବାଦ ସରବରାହ ସଂସ୍ଥା । ବ୍ରହ୍ମପୁରରୁ ମନୋଜ କାନ୍ତ ଦାଶ ୨୦୦୯ରୁ ଏକ ସମ୍ବାଦ ଭିତ୍ତିକ ୱେବସାଇଟ୍ ଚଳାଉଛନ୍ତି, ଓଡିଶାବାର୍ତ୍ତା.କମ୍ (orissabarta.com) ।

ଓଡିଶାର ଅନ୍ୟତମ ସଫଳ ସମ୍ବାଦଭିତ୍ତିକ ୱେବ ପୋର୍ଟାଲ ହେଉଛି ଓଡିଶା ଡାଏରି ଡଟ୍ କମ୍ (www.orissadiary.com)। ରଶ୍ମି ରଂଜନ ପରିଡା ଏହାକୁ ଚଳାଉଛନ୍ତି । ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଛାତ୍ର ରଶ୍ମି ବିଟୁବି ପତ୍ରିକାରୁ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ମୁଦ୍ରିତ ଗଣମାଧ୍ୟମକୁ ଯାଇଥିଲେ ।

ଫଟୋ ସାମ୍ବାଦିକ ଅଶୋକ ପଣ୍ଡା ଓଡିଶାର ପ୍ରଥମ ଫଟୋଭିତ୍ତିକ ୱେବସାଇଟ୍ ଆରମ୍ଭ କରିଥିଲେ । ଅପ୍ରେଲ ୨୨, ୨୦୧୧ରେ ଆରମ୍ଭ ହୋଇଥିବା ଏହି ୱେବସାଇଟ୍‌ର ନାମ ଥିଲା ଓଡିଶା ନ୍ୟୁଜ୍ ଫଟୋ ଡଟ୍ କମ୍ (www.odishanewsphoto.com) । ସାମ୍ବାଦିକତାରୁ ଗଣମାଧ୍ୟମ ପ୍ରଶିକ୍ଷଣ କ୍ଷେତ୍ରକୁ ଆସିଥିବା ନୀଳାମ୍ବର ରଥ ୨୦୧୨ରେ ଓଡିଶା ଲାଇଭ୍ ଟିଭି ଡଟ୍ ଇନ୍ (www.odishalivetv.in) ଆରମ୍ଭ କରିଥିଲେ । ଏହା ଓଡିଶାର ପ୍ରଥମ ୱେବ୍ ଟିଭି ଚ୍ୟାନେଲ । ଓଡିଶାର ସଂସ୍କୃତି ଏବଂ ସମାଜର ବିଭିନ୍ନ ଦିଗ ସଂପର୍କରେ ଏହା ଖବର ପ୍ରସାରିତ କରେ । ଓଡିଶାର ସମୃଦ୍ଧ କଳା ଏବଂ ପରମ୍ପରାକୁ ବଞ୍ଚେଇ ରଖିବାକୁ ଏହା ପ୍ରୟାସ କରୁଛି, ବୋଲି ଏହାର ପ୍ରତିଷ୍ଠାତା କହନ୍ତି । ଜାନୁଆରୀ୨୬, ୨୦୧୩ରେ ବିକାଶ ରାଉତରାୟ ଆରମ୍ଭ କରିଥିଲେ ନିଉଜ୍ ଟୁ ଡେ ଡଟ୍ କମ୍ ।

କ୍ରୀଡା ସଂପର୍କିତ ଏକ ୱେବସାଇଟ୍ ହେଉଛି ଓଡିଶା ସ୍ପୋର୍ଟସ୍ ଡଟ୍ କମ୍ । ଏହା ଫେବୃଆରୀ ୨୦୦୮ରେ ଆରମ୍ଭ ହୋଇଥିଲା । ୨୦୧୨ରୁ ଆରମ୍ଭ ହୋଇଛି ସ୍ପୋର୍ଟସଲଗଅନ୍ ଡଟ୍ କମ୍ । ଏକ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ୱେବସାଇଟ୍‌କୁ ସମ୍ପାଦନା କରୁଛନ୍ତି କ୍ରୀଡା ସାମ୍ବାଦିକ ତନ୍ମୟ ଦାସ ।

ମହିଳାଙ୍କ ଉପରେ ଆଧାରିତ ୱେବସାଇଟ୍ ଓଡିଆ ନାରୀ ଡଟ୍ କମ୍ ୨୦୧୨ ରେ ଆରମ୍ଭ ହୋଇଥିଲା। ସୁଜାତା ସତପଥୀ ଏହାର ସଂଯୋଜିକା ଦାୟିତ୍ୱରେ ଅଛନ୍ତି । ଏହା ବ୍ୟତୀତ ସିନେମା, କଳା, ସଂସ୍କୃତି, ଜୀବନ, ଜୀବିକା ଏବଂ ଅନ୍ୟାନ୍ୟ ବିଷୟକୁ କେନ୍ଦ୍ର କରି ଅନେକ ୱେବସାଇଟ୍ ଓଡିଶାରୁ ଆରମ୍ଭ ହୋଇଛି ।

ଓଡିଶା ସମାଚାର ଗ୍ରୁପ୍ ପକ୍ଷରୁ eodishasamchar.org ଅକ୍ଟୋବର ୧୦, ୨୦୧୦ ରେ ଆରମ୍ଭ ହୋଇଥିଲା । ୨୦୧୪ ମଝି ବେଳକୁ ଦୀପ୍ତି ରଂଜନ କାନୁନଗୋ ଏହାର ସଂପାଦନା ଦାୟିତ୍ୱରେ ଥିଲେ । ଇପ୍‌ସିତ ପ୍ରତିହାରୀଙ୍କ ସମ୍ପାଦନାରେ ୨୦୧୩ ମଇ ୧୩ରେ odishasamchar.org ଏବଂ ସେଇ ବର୍ଷ ଅଗଷ୍ଟ ୧୫ରେ odisharajaniti.com ଆରମ୍ଭ ହୋଇଥିଲା । ଓଡିଶା ରାଜନୀତି ସଂପର୍କରେ ଏହା ଓଡିଶାର ପ୍ରଥମ ୱେବସାଇଟ୍ ବୋଲି ଦାବି କରେ ।

ଆଲୋଚିତ ସାଇଟ୍‌ଗୁଡିକ ବ୍ୟତୀତ ୨୦୧୪ ଶେଷ ସୁଦ୍ଧା ୫୦ରୁ ଅଧିକ ଓଡିଆ ଏବଂ ଓଡିଶା କୈନ୍ଦ୍ରିକ ମିଡିଆ ସାଇଟ୍ ରହିଛି । ଏଥିରୁ ବେଶ କେତୋଟିକୁ ବିଭିନ୍ନ ଦେଶରେ ରହୁଥିବା ପ୍ରବାସୀ ଓଡିଆମାନେ ଚଳାନ୍ତି ।

**ଓଡିଶାରେ ୱେବ୍ ସାମ୍ବାଦିକତାର ସ୍ଥିତି :** ୨୦୧୪ ଶେଷ ସୁଦ୍ଧା ଓଡିଶାରେ ବିଭିନ୍ନ ବିଷୟରେ ଅନେକ ୱେବସାଇଟ୍ ଆରମ୍ଭ ହୋଇଥିଲେ ମଧ୍ୟ ୱେବ୍ ସାମ୍ବାଦିକତା ଏଠାରେ ଏ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ପେସା ହିସାବରେ ବିକଶିତ ହୋଇ ପାରିନାହିଁ । ବର୍ତ୍ତମାନ ଆଧୁନିକ ଯୁବପୀଢି ୱେବ୍ ସାମ୍ବାଦିକତା ଦିଗରେ ଧୀରେ ଧୀରେ ଆଗ୍ରହ ପ୍ରକାଶ କରୁଛନ୍ତି । କାରଣ ସ୍ମାର୍ଟ ଫୋନ୍ ଏବଂ ଇଣ୍ଟରନେଟ୍‌ର ସୁବିଧା ଓ ସହଜ ଉପଲବ୍ଧିତା ଏହି ୱେବ୍ ସାମ୍ବାଦିକତାକୁ ଏକ ନୂଆ ମାଇଲେଜ୍ ଦେବାରେ ସହାୟକ ହୋଇଛି । ସମସ୍ତେ ହାତ ପାଖରେ ସ୍ମାର୍ଟ ଫୋନ ମାଧ୍ୟମରେ ଏବେ ଇ-ସେବାର ସଫଳତା ପାଇପାରୁଛନ୍ତି । ଏହା ଦ୍ୱାରା ଏବେ ଓଡିଆ ସାମ୍ବାଦିକତାରେ ବି ୱେବ୍ ସାମ୍ବାଦିକତାର ନୂତନ ଟ୍ରେଣ୍ଡ ସୃଷ୍ଟି ହୋଇଛି । ଅନେକ ଛୋଟ ବଡ ସଂସ୍ଥା ବି ୱେବ୍ ସାମ୍ବାଦିକତାକୁ ଆପଣାଉଛନ୍ତି ।

ଅଧିକାଂଶ ଦୈନିକ ଖବରକାଗଜର ୱେବ ସାଇଟ୍‌ରେ ଖବରକାଗଜରେ ପ୍ରକାଶିତ ଖବର, ଫଟୋଚିତ୍ର ଏବଂ ବିଷୟବସ୍ତୁ ହିଁ ଏହାର ଇଣ୍ଟରନେଟ୍ ସଂସ୍କରଣରେ ପ୍ରକାଶିତ ହୋଇଥାଏ । ଇଣ୍ଟରନେଟ୍ ସଂସ୍କରଣ ପାଇଁ ଏହି ଖବରକାଗଜ ଗୁଡିକ ସେପରି କିଛି ସ୍ୱତନ୍ତ୍ର ଖବର ଅବା ଫିଚର କରନ୍ତି ନାହିଁ । ତେବେ ଅନଲାଇନ୍ ସଂସ୍କରଣ ଖବରକାଗଜର ପ୍ରତ୍ୟେକ ଖବର, ଫିଚର ଅବା ଫଟୋଚିତ୍ର ବ୍ୟବହାର କରନ୍ତି ନାହିଁ । ସମ୍ବାଦପତ୍ରରେ ପ୍ରକାଶିତ ୬୦ ପ୍ରତିଶତ ଖବରକୁ କାଗଜରୁ ନେଇ ୱେବ ସଂସ୍କରଣରେ ପ୍ରକାଶିତ କରାଯାଇଥାଏ । ଅନେକ ଓଡିଶା କୈନ୍ଦ୍ରୀକ ୱେବସାଇଟଗୁଡିକ ସାଧାରଣତଃ ଦ୍ୱିଭାଷୀୟ । ସେମାନେ ଉଭୟ ଇଂରାଜୀ ଓ ଓଡିଆ ଲିପି ବ୍ୟବହାର କରନ୍ତି । ଏମାନଙ୍କ ମଧ୍ୟରୁ ଅନେକେ ନିତିଦିନିଆ ସମ୍ବାଦ ସହିତ ପରୀକ୍ଷା ଫଳ, ରେଳ ଓ ବିମାନ ଚଳାଚଳ ସମୟ ଆଦି ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥାନ୍ତି ।

## ୪.୯ ଆସ ପ୍ରଗତିକୁ ମାପିବା

୧. ପ୍ରଥମ ଓଡିଆ ଖବରକାଗଜର ନାମ ଲେଖ ।

୨. ଓଡିଆ ସାମ୍ବାଦିକତା ଆବିର୍ଭାବର ବିଶେଷତା ଦର୍ଶାଅ ।

୩. ଓଡିଶାରେ କାର୍ଯ୍ୟକାରୀ ହେଉଥିବା କମ୍ୟୁନିଟି ରେଡିଓ ସଂସ୍ଥାର ନାମ ଲେଖ ।

# ପଞ୍ଚମ ଏକକ

# ଓଡିଶାର ସାମାଜିକ - ସାଂସ୍କୃତିକ ବିକାଶରେ ଗଣମାଧ୍ୟମର ପ୍ରଭାବ

## ବିଷୟ ଗଠନ

୫.୧ ପଠନର ଉଦ୍ଦେଶ୍ୟ

୫.୨ ବିଷୟ ପରିଚୟ

୫.୩ ଓଡିଶାରେ ମିସନାରୀ ପ୍ରେସ୍‌ର ଫାଇଦା

୫.୪ ଉତ୍କଳ ଦୀପିକା- ଓଡିଆ ସାମ୍ବାଦିକତାର ନୂତନ ଦିଗର ସୂର୍ଯ୍ୟୋଦୟ

୫.୫ ଓଡିଆ ପ୍ରେସ୍‌ର ଆରମ୍ଭ ସମୟ

୫.୬ ସମାଜ ଏବଂ ଅନ୍ୟାନ୍ୟ ଖବରକାଗଜର ଆବିର୍ଭାବ

୫.୭ ସ୍ୱାଧୀନତା ପୂର୍ବର ଓଡିଆ ସାମ୍ବାଦିକତା

୫.୮ ଊନ୍ନବିଂଶ ଶତାବ୍ଦୀ - ଓଡିଆ ସାମ୍ବାଦିକତାର ନୂତନ ଦିଗ

୫.୯ ଓଡିଶାରେ ରେଡିଓ

୫.୧୦ ଓଡିଶାରେ ଟେଲିଭିଜନ

୫.୧୧ ଓଡିଶାରେ ଆଧୁନିକ ସାମ୍ବାଦିକତା

୫.୧୨ ଆସ ପ୍ରଗତିକୁ ମାପିବା

## ୫.୧ ପଠନର ଉଦ୍ଦେଶ୍ୟ

ଏହି ବିଷୟ ଅଧ୍ୟୟନ ପରେ ଜାଣିପାରିବା ଯେ, ସ୍ୱାଧୀନତା ସଂଗ୍ରାମରେ ଓଡିଆ ପ୍ରେସ୍‌ର ଭୂମିକା । ପ୍ରେସ୍ ତଥା ଗଣମାଧ୍ୟମର ବିଭିନ୍ନ ମାଧ୍ୟମ ରେଡିଓ, ଟେଲିଭିଜନ, ଆଧୁନିକ ଗଣମାଧ୍ୟମ ବାବଦରେ ବି ବିସ୍ତୃତରେ ଆଲୋଚନା କରିବା ।

## ୫.୨ ବିଷୟ ପରିଚୟ

ଭାରତୀୟ ସ୍ୱାଧୀନତା ସଂଗ୍ରାମ ପ୍ରତି ଭାଷା ସାମ୍ବାଦିକତାର ଯଥେଷ୍ଟ ଅବଦାନ ରହିଛି । ଖବର ଦେବା ଛଡା ଲୋକଙ୍କୁ ମତେଇବାରେ, ତତେଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ମହାତ୍ମାଗାନ୍ଧି ଏହି ଧାରାକୁ ନୂଆ ଦିଶା ଦେଇଥିଲେ । ଗାନ୍ଧି ଆସିବା ପରେ ଆଞ୍ଚଳିକ ଭାଷାର ଅଧିକାଂଶ ଖବରକାଗଜ ଗାନ୍ଧି ମୁହାଁ ହୋଇଗଲେ । ସ୍ୱାଧୀନତା ଆନ୍ଦୋଳନ ନିଆଁରେ ଘିଅ ଢାଳିଲେ । କେତେକ ଭାଷାରେ ଖବରକାଗଜଗୁଡିକ ସମ୍ପୃକ୍ତ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଏବଂ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ।

ଇତିହାସକୁ ଯଦି ପର୍ଯ୍ୟାୟ କ୍ରମେ ଲେଖିବା କଥା ଉଠେ, ତେବେ ମାଦଳା ପାଞ୍ଜିକୁ ଓଡିଶାରେ ସାମ୍ବାଦିକତାର ପ୍ରାଚୀନ ସମୟର ଉଦାହରଣ ଭାବେ ନିଆଯାଇପାରେ । ମାଦଳା ପାଞ୍ଜିର ଲେଖା ଦ୍ୱାଦଶରୁ ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ଆରମ୍ଭ ହୋଇଥିଲା । ଜଗନ୍ନାଥ ମନ୍ଦିର, ପୁରୀ ଏବଂ ମୋଟ ଉପରେ ଓଡିଶାର ଘଟଣାବଳୀ ଏଥିରେ ସ୍ଥାନ ପାଇଛି । ବର୍ଷକୁ ବର୍ଷ ତାଳପତ୍ରରେ ଏହା ଲେଖା ହୋଇ ଆସୁଥିଲା ।

## ୫.୩ ଓଡିଶାରେ ମିସନାରୀ ପ୍ରେସ୍‌ର ଫଇଦା

ଓଡିଶାରେ ପ୍ରକାଶନ କ୍ଷେତ୍ରରେ ମିଶନାରୀମାନଙ୍କର ଏକ ବୃହତ୍ ଭୂମିକା ରହିଛି । ସରକାରୀ ଗେଜେଟ୍ ଅନୁସାରେ ଓଡିଶାକୁ ଫେବୃଆରୀ ୧୨, ୧୮୨୨ରେ ଆସିଥିଲେ । ମୁଦ୍ରିତ ଗଣମାଧ୍ୟମର ଜନ୍ମ ତଥା ଏହାର ବହୁଳ ପ୍ରକାଶନ ପଛରେ ଈଶ୍ୱରଙ୍କ ପବିତ୍ର ବାଣୀ ପ୍ରଚାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା ।

୧୮୩୭ ମସିହା ଅପ୍ରେଲ ୨୧ ତାରିଖରେ ସାଧୁ ସୁନ୍ଦରଙ୍କ ଦେହାନ୍ତ ହୋଇଥିଲା । ତାପରେ କୁଜୀବର ପତ୍ରର ପ୍ରକାଶନ ବନ୍ଦ ହୋଇଯାଇଥିଲା । ଓଡିଶାରେ ମୁଦ୍ରଣ ଯନ୍ତ୍ର ସ୍ଥାପନ ପୂର୍ବରୁ ବିଧିବଦ୍ଧ ଭାବେ ପ୍ରକାଶନ କ୍ଷେତ୍ରରେ କୁଜିବର ପତ୍ର ହିଁ ଥିଲା ଏକମାତ୍ର ପତ୍ରିକା । ଊନ୍ନବିଂଶ ଶତାବ୍ଦୀର ଆରମ୍ଭରେ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଧାର୍ମିକ ତଥା ଅନ୍ୟାନ୍ୟ ପ୍ରକାଶନ କ୍ରମଶଃ ଜୋର ଧରିଲା ।

ଓଡିଶାରେ ପ୍ରକାଶନ କ୍ଷେତ୍ରରେ ମିଶନାରୀମାନଙ୍କର ଏକ ବୃହତ୍ ଭୂମିକା ରହିଛି । ସରକାରୀ ଗେଜେଟ୍ ଅନୁସାରେ ଓଡିଶାକୁ ଫେବୃଆରୀ ୧୨, ୧୮୨୨ରେ ଆସିଥିଲେ । ମୁଦ୍ରିତ ଗଣମାଧ୍ୟମର ଜନ୍ମ ତଥା ଏହାର ବହୁଳ ପ୍ରକାଶନ ପଛରେ ଈଶ୍ୱରଙ୍କ ପବିତ୍ର ବାଣୀ ପ୍ରଚାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଓଡିଆରେ ପ୍ରଥମ ପୁସ୍ତକ ଦି ନ୍ୟୁ ଟେଷ୍ଟାମେଣ୍ଟ ୧୮୦୯ ରେ ପଶ୍ଚିମବଙ୍ଗର ଶ୍ରୀରାମପୁର ପ୍ରେସରୁ ଛପା ହୋଇ ଆସିଥିଲା । ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ପ୍ରଥମ ମୁଦ୍ରିତ ପ୍ରକାଶନ ମଧ୍ୟ ଥିଲା ଧର୍ମଗ୍ରନ୍ଥ । ୧୪୫୦ ଦଶକରେ ଗୁଟେନବର୍ଗ ପ୍ରଥମ ଥର ପାଇଁ ଚଳନଶୀଳ ଟାଇପ୍‌ରେ ଛାପି ପ୍ରକାଶ କରିଥିଲେ ବାଇବେଲ୍ । ଏହାକୁ ଗୁଟେନବର୍ଗ ବାଇବେଲ ଭାବରେ ଜଣାଯାଏ ।

୧୮୩୭ ରେ ପ୍ରତିଷ୍ଠିତ କଟକସ୍ଥିତ ମିସନ ପ୍ରେସ୍ ପ୍ରଥମେ ନ୍ୟୁ ଟେଷ୍ଟାମେଣ୍ଟ ପ୍ରକାଶ କରିଥିଲା । ଏହାଛଡା ପ୍ରଥମ ଓଡିଆ ସାମୟିକ ପତ୍ରିକା ଜ୍ଞାନାରୁଣ (୧୮୪୯) ଏବଂ ପ୍ରବୋଧ ଚନ୍ଦ୍ରିକା (୧୮୫୬) ମଧ୍ୟ ପ୍ରକାଶ କରିଥିଲା । ରେଭରେଣ୍ଡ ସିୟ ଲେସି ଜ୍ଞାନାରୁଣର ସମ୍ପାଦକ ଥିଲେ । ଜ୍ଞାନାରୁଣ ଅଳ୍ପ କେତୋଟି ସଂଖ୍ୟା ପରେ ବନ୍ଦ ହୋଇଗଲା । ପ୍ରବୋଧ ଚନ୍ଦ୍ରିକା ୩ ବର୍ଷଯାଏଁ ପ୍ରକାଶିତ ହେଲା । ଧାର୍ମିକ ଖବର, ଦେଶ ଦୁନିଆ ବିଶେଷ କରି ଇଂଲଣ୍ଡ ଖବର, ସାହିତ୍ୟ ଆଦି ବିଷୟ ସେଥିରେ ସ୍ଥାନିତ ହେଉଥିଲା । କଟକରେ ଏହି ସବୁ ଛାପା ସଂସ୍ଥା ଥିବାରୁ ସାମାଜିକ ତଥା ରାଜନୈତିକ ପ୍ରାଣକେନ୍ଦ୍ରରୂପେ ପରିଗଣିତ ଥିଲା ।


LIBRARY
ORISSA STATE ARCHIVES
Sl. No. ... Date ...
Section ... No. ...

A HANDBOOK
OF THE
ORIYA LANGUAGE
(in Roman Characters)
BY
FRANK FELLOWS, B.A
BAPTIST MISSIONARY SOCIETY, CUTTACK

CUTTACK.
ORISSA MISSION PRESS.
1937.

୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷର ୫ ବର୍ଷ ପୂର୍ବରୁ ୧୮୬୧ରେ ବାଲେଶ୍ୱରରୁ ବୋଧ ଦାୟିନି ପ୍ରକାଶିତ ହୋଇଥିଲା । ଏ ପର୍ଯ୍ୟନ୍ତ ପ୍ରକାଶିତ ପତ୍ରକାଗୁଡିକ ମୁଖ୍ୟତଃ ମିସନାରୀମାନଙ୍କ ଧର୍ମପ୍ରଚାର ଉଦ୍ଦେଶ୍ୟରେ ହିଁ ସୀମିତ ଥିଲା । ଏଥିରେ ଲୋକଙ୍କୁ ଆକୃଷ୍ଟ କଲାଭଳି କୌଣସି ଖବର ବା ସୂଚନା ନ ଥିବାରୁ ଲୋକେ ଧୀରେ ଧୀରେ ଏଥିରୁ ଦୂରେଇଗଲେ ।

ମିସନ ପ୍ରେସ୍ ପ୍ରତିଷ୍ଠା ହେବାର ୨୭ ବର୍ଷ ପରେ ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ କଟକରେ ପ୍ରତିଷ୍ଠା ହେଲା କଟକ ପ୍ରିଣ୍ଟିଂ କମ୍ପାନୀ । ଏହା ଥିଲା ଓଡିଶାର ଦ୍ୱିତୀୟ ପ୍ରେସ୍ ବା ମୁଦ୍ରଣ ଯନ୍ତ୍ରାଳୟ । ଚାରିବର୍ଷ ପରେ ତୃତୀୟ ପ୍ରିଣ୍ଟିଂ ପ୍ରେସ୍ ଉତ୍କଳ ପ୍ରିଣ୍ଟିଂ କୋ. ଫକୀରମୋହନ ସେନାପତିଙ୍କ ଦ୍ୱାରା ୧୮୬୮ରେ ସ୍ଥାନିତ ହୋଇଥିଲା ।

## ୫.୪ ଉତ୍କଳ ଦୀପିକା- ଓଡିଆ ସାମ୍ବାଦିକତାର ନୂତନ ଦିଗରେ ସୂର୍ଯ୍ୟୋଦୟ




ଓଡିଆ ଭାଷାର ପ୍ରଥମ ଖବରକାଗଜ ହେଉଛି ଉତ୍କଳ ଦୀପିକା । ୧୮୬୬ ଅଗଷ୍ଟ ୪ରେ ଗୌରୀଶଙ୍କର ରାୟ ପ୍ରଥମ ସାପ୍ତାହିକ ଓଡିଆ ଖବରକାଗଜ ଉତ୍କଳ ଦୀପିକା କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରେସ୍‌ରୁ ପ୍ରକାଶିତ କରିଥିଲେ । ତତ୍କାଳୀନ ଆୟକର କମିଶନ ତଥା ରେଭେନ୍ସା କଲେଜର ପ୍ରତିଷ୍ଠାତା ଟି.ଇ ରେଭେନ୍ସାଙ୍କ ସିରସ୍ତଦାର ବିଚିତ୍ରାନନ୍ଦ ଦାସଙ୍କ ସହାୟତାରେ ସେ ଏହାକୁ ପ୍ରକାଶ କରିଥିଲେ ।

ଉତ୍କଳ ଦୀପିକା ଓଡିଶାର ସାମାଜିକ ତଥା ରାଜନୈତିକ ଜୀବନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହା ସାଧାରଣ ଜନତାଙ୍କ ଦୁଃଖଦୁର୍ଦ୍ଦଶାକୁ ପ୍ରଶାସନ ସମ୍ମୁଖକୁ ଆଣିବାରେ ସଫଳ ହୋଇପାରିଥିଲା । ୧୮୬୬ରେ ନଅଙ୍କ ଦୂର୍ଭିକ୍ଷ ହୋଇଥିଲା । ଏହି ସମୟର ପ୍ରତିଟି ଖବର ଉତ୍କଳ ଦୀପିକାରେ ସ୍ଥାନ ପାଉଥିଲା । ଲୋକଙ୍କ ଦୁର୍ଦ୍ଦଶାରେ ପ୍ରଶାସନର ଭୂମିକା କିଭଳି ହେବା ଯଥାର୍ଥ ସେ ବାବଦରେ ଖବର ଉପସ୍ଥାପନ ହେଉଥିଲା । ନିଜ ସମସ୍ୟା ବାବଦରେ ଚିଠି ଲେଖିବାକୁ ଖବରକାଗଜ ଜନତାଙ୍କୁ ଉତ୍ସାହିତ କରୁଥିଲା । ହାଇକୋର୍ଟର ଗୁରୁତ୍ୱପୂର୍ଣ୍ଣ ରାୟ, ସରକାରୀ କର୍ମଚାରୀଙ୍କ ବଦଳି, ପ୍ରାକୃତିକ ବିପର୍ଯ୍ୟୟ, ବିଶିଷ୍ଟ କର୍ମଚାରୀଙ୍କ ଗସ୍ତ କାର୍ଯ୍ୟକ୍ରମ ମଧ୍ୟ ଏଥିରେ ପ୍ରକାଶିତ ହେଉଥିଲା । ଏଥିରେ ଦେଶ ବିଦେଶର ଖବର, ଶିକ୍ଷା ଜାତୀୟ ଜୀବନକୁ ସମୃଦ୍ଧ କଲାପରି ପ୍ରସଙ୍ଗ, ଓଡିଆ ପ୍ରସଙ୍ଗ ସମ୍ବନ୍ଧୀୟ ଆଲୋଚନାମାନ ପ୍ରକାଶ ପାଉଥିଲା । ୧୮୬୬-୧୯୩୬ଯାଏଁ ଧାରାବାହିକ ଭାବେ ଏହାର ପ୍ରକାଶନ ଜାରି ରହିଥିଲା । ଜନ୍ମକାଳରୁ ହିଁ ଆଧୁନିକ ସାମ୍ବାଦିକତାର ବିଭିନ୍ନ ବିଭବ ବହନ କରି ଆତ୍ମପ୍ରକାଶ କରିଥିବା ଉତ୍କଳ ଦୀପିକା ଓଡିଆ ସାମ୍ବାଦିକତାର ମାନକୁ ଆରମ୍ଭରୁ ହିଁ ଉଚ୍ଚରେ ରଖିଥିଲା ।

## ୫.୫ ଓଡିଆ ପ୍ରେସ୍‌ର ଆରମ୍ଭ ସମୟ

ଓଡିଶାରେ ପ୍ରକାଶନ କ୍ଷେତ୍ରରେ ମିଶନାରୀମାନଙ୍କର ଏକ ବୃହତ୍ ଭୂମିକା ରହିଛି । ସରକାରୀ ଗେଜେଟ୍ ଅନୁସାରେ ଓଡିଶାକୁ ଫେବୃଆରୀ ୧୨, ୧୮୨୨ରେ ଆସିଥିଲେ । ମୁଦ୍ରିତ ଗଣମାଧ୍ୟମର ଜନ୍ମ ତଥା ଏହାର ବହୁଳ ପ୍ରକାଶନ ପଛରେ ଈଶ୍ୱରଙ୍କ ପବିତ୍ର ବାଣୀ ପ୍ରଚାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା ।

ଓଡ଼ିଆ ଭାଷାର ପ୍ରଥମ ଖବରକାଗଜ ହେଉଛି ଉତ୍କଳ ଦୀପିକା । ୧୮୬୬ ଅଗଷ୍ଟ ୪ରେ ଗୌରୀଶଙ୍କର ରାୟ ପ୍ରଥମ ସାପ୍ତାହିକ ଓଡ଼ିଆ ଖବରକାଗଜ ଉତ୍କଳ ଦୀପିକା କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରେସ୍‌ରୁ ପ୍ରକାଶିତ କରିଥିଲେ।

୧୮୩୭ ରେ ପ୍ରତିଷ୍ଠିତ କଟକସ୍ଥିତ ମିସନ ପ୍ରେସ୍ ପ୍ରଥମେ ନ୍ୟୁ ଟେଷ୍ଟାମେଣ୍ଟ୍ ପ୍ରକାଶ କରିଥିଲା । ଏହାଛଡ଼ା ପ୍ରଥମ ଓଡ଼ିଆ ସାମୟିକ ପତ୍ରିକା ଜ୍ଞାନାରୁଣ (୧୮୪୯) ଏବଂ ପ୍ରବୋଧ ଚନ୍ଦ୍ରିକା (୧୮୫୬) ମଧ୍ୟ ପ୍ରକାଶ କରିଥିଲା । ରେଭରେଣ୍ଡ ସିୟ ଲେସି ଜ୍ଞାନାରୁଣର ସମ୍ପାଦକ ଥିଲେ । ଜ୍ଞାନାରୁଣ ଅଳ୍ପ କେତୋଟି ସଂଖ୍ୟା ପରେ ବନ୍ଦ ହୋଇଗଲା । ପ୍ରବୋଧ ଚନ୍ଦ୍ରିକା ୩ ବର୍ଷଯାଏଁ ପ୍ରକାଶିତ ହେଲା । ଧାର୍ମିକ ଖବର, ଦେଶ ଦୁନିଆ ବିଶେଷ କରି ଇଂଲଣ୍ଡ ଖବର, ସାହିତ୍ୟ ଆଦି ବିଷୟ ସେଥିରେ ସ୍ଥାନିତ ହେଉଥିଲା । କଟକରେ ଏହି ସବୁ ଛାପା ସଂସ୍ଥା ଥିବାରୁ ସାମାଜିକ ତଥା ରାଜନୈତିକ ପ୍ରାଣକେନ୍ଦ୍ରରୂପେ ପରିଗଣିତ ଥିଲା ।

ଉତ୍ତର ଓଡ଼ିଶାର ବାଲେଶ୍ୱରରୁ ଜୁଲାଇ ୧୮୬୮ରେ ବାଲେଶ୍ୱର ସମ୍ବାଦ ବାହିକାର ପ୍ରକାଶନ ଆରମ୍ଭ ହୋଇଥିଲା । ମାସିକ ଭାବେ ଏହାର ପ୍ରକାଶନ ୧୯୭୧ରେ ଆରମ୍ଭ ହେଲା । ୧୮୭୭ ଡିସେମ୍ବରଯାଏଁ ପାକ୍ଷିକ ଭାବେ ପ୍ରକାଶିତ ହୋଇଥିଲା । ୧୯୭୩ରୁ ଜୁଲାଇ ୧୮୭୪ ପର୍ଯ୍ୟନ୍ତ କିଛି ସମୟ ପାଇଁ ଏହାର ପ୍ରକାଶନ ବନ୍ଦ ରହିଥିଲା । ଜାନୁଆରୀ ୧୯୭୮ରୁ ସାପ୍ତାହିକ ହେଲା ବାଲେଶ୍ୱର ସମ୍ବାଦ ବାହିକା । ୧୯୨୩ ପର୍ଯ୍ୟନ୍ତ ଏହା ପ୍ରକାଶିତ ହେଲା । ସମ୍ବାଦ ବାହିକା ଓଡ଼ିଆ ପ୍ରକାଶନ ଜଗତରେ ଅନେକ ପରିବର୍ତ୍ତନ ଆଣିପାରିଥିଲା । ଏହି ସମୟରେ ପାଖାପାଖି ୧୨ ଟି ପତ୍ରପତ୍ରିକା ଛପା ହେଲା । ଉତ୍କଳ ଦର୍ପଣ, ଶିକ୍ଷକ, ଧର୍ମବୋଧିନୀ, ଉତ୍କଳ ସଂସ୍କାରକ, ଧୂମକେତୁ, ତାରକା, ନବ ବିଧାନ, ହରି ଭକ୍ତି ପ୍ରଦାୟିନୀ, ନବ ସମ୍ବାଦ, ଓଡ଼ିଆ ଓ ନବସମ୍ବାଦ ଇତ୍ୟାଦି।

ରାଜା ବୈକୁଣ୍ଠନାଥ ଦେଙ୍କ ପୃଷ୍ଠପୋଷକତାରେ ଉତ୍କଳ ଦର୍ପଣ ଜାନୁଆରୀ ପହିଲା, ୧୮୭୩ରୁ ଆରମ୍ଭ ହେଲା । ପ୍ରଥମେ ଏହା ମାସିକ ପତ୍ରିକା ଥିଲା । ୧୮୭୫ ରେ ଉତ୍କଳ ଦର୍ପଣ ପାକ୍ଷିକ ଏବଂ ୧୮୭୭ରେ ସାପ୍ତାହିକ ହେଲା । ଲୋକଙ୍କ ପାଇଁ ଏଥିରେ ଅନେକ ଖବର, ରାଜନୈତିକ ଏବଂ ବାଣିଜ୍ୟ ସଂପର୍କିତ ଖବର ବି ସ୍ଥାନ ପାଉଥିଲା । ୧୮୮୫ ବେଳକୁ ବ୍ରିଟିଶ ସରକାରଙ୍କ କୋପ ଦୃଷ୍ଟିର ଶିକାର ହୋଇ ଉତ୍କଳ ଦର୍ପଣ ବନ୍ଦ ହୋଇଗଲା।

ଓଡ଼ିଆ ଓ ନବସମ୍ବାଦ ଦୁଇଟି ପ୍ରକାଶନର ସମ୍ମିଳିତ ନାଁ । ନବସମ୍ବାଦ କଟକରୁ ଜାନୁଆରୀ ୨୧, ୧୮୮୭ରୁ ପ୍ରକାଶନ ଆରମ୍ଭ କରିଥିଲା ଏବଂ ଓଡ଼ିଆ ବାଲେଶ୍ୱରରୁ ଅକ୍ଟୋବର ୨୬, ୧୮୮୭ରେ ଛାପା ଯାଉଥିଲା । ଖରାପ ଆର୍ଥିକ ସ୍ଥିତି କାରଣରୁ ନବସମ୍ବାଦ ପତ୍ରିକାଟି ଓଡ଼ିଆ ସହିତ ଜାନୁଆରୀ ୪, ୧୮୮୮ରେ ମିଶିଗଲା । ଭକ୍ତ କବି ମଧୁସୂଦନ ରାଓ ଉତ୍କଳ ଦର୍ପଣରେ ନିୟମିତ ଲେଖୁଥିଲେ । ସେ ଦୁଇଟି ମାସିକ ପତ୍ରିକା ପ୍ରକାଶ କରୁଥିଲେ, ଶିକ୍ଷକ ଏବଂ ଧର୍ମବୋଧିନୀ । ଧର୍ମବୋଧିନୀ-ଧର୍ମ ଏବଂ ଆଧ୍ୟାତ୍ମିକ ମାର୍ଗ ସଂପର୍କିତ ପତ୍ରିକା ଥିଲା।

୧୯୨୮ରେ ଓଡ଼ିଆ ନବବର୍ଷ ମେଷ ସଂକ୍ରାନ୍ତି ଦିନ ଶଶୀଭୂଷଣ ରଥ ବ୍ରହ୍ମପୁରରୁ ପ୍ରଥମ ଓଡ଼ିଆ ଦୈନିକ ଖବରକାଗଜ **ଦୈନିକ ଆଶା** ପ୍ରକାଶ କରିଥିଲେ । କେତେକ ଗବେଷକ ମତ ଦିଅନ୍ତି ଯେ, ଗାନ୍ଧିବାଦୀ ନେତା ନିରଞ୍ଜନ ପଟ୍ଟନାୟକଙ୍କର ସମ୍ପାଦନାରେ ୧୯୨୭, ନଭେମ୍ବର ୩ରେ ପ୍ରକାଶିତ ଗାନ୍ଧି ସମାଚାର ହେଲା ଓଡ଼ିଶାର ପ୍ରଥମ ଦୈନିକ ସମ୍ବାଦ ।

୧୯୨୮ରେ ସମ୍ବଲପୁରରୁ ଦୟାନିଧି ମିଶ୍ର ମାସିକ ନବଯୁଗ ଆରମ୍ଭ କରିଥିଲେ । ଗଞ୍ଜାମରୁ ସାପ୍ତାହିକ ପଲ୍ଲୀବାସୀ ୧୯୨୮ରେ ଛାପିଥିଲେ କ୍ଷେତ୍ରମଣୀ ପଣ୍ଡା । ପୁରୀରୁ ଲୋକନାଥ ମିଶ୍ରଙ୍କ ଦ୍ୱାରା ୧୯୩୩ରେ ପ୍ରକାଶ ପାଇଥିଲା 'ହରିଜନ' । ୧୯୩୦ରେ ବ୍ରହ୍ମପୁରରୁ ପ୍ରକାଶିତ ହେଲା 'ଦୈନିକ ପ୍ରଭାତ' । ସେଇ ବର୍ଷ କଟକରୁ ଦେଶକଥା ମାସିକ ଭାବେ ଆରମ୍ଭ ହେଲା ଓ ୭ ବର୍ଷ ପରେ ୧୯୩୭ ରେ ଦୈନିକ ହେଲା । ରାଜକୃଷ୍ଣ ବୋଷଙ୍କ ସମ୍ପାଦନାରେ 'ସ୍ୱରାଜ୍ୟ' କଟକରୁ ୧୯୩୦ ରେ ପ୍ରକାଶିତ ହୋଇଥିଲା । ଆଉ ଏକ ଦୈନିକ 'ଧର୍ମଦୂତ' ୧୯୩୩ରେ ଗଞ୍ଜାମରୁ ଛପା ଗଲା । ପଣ୍ଡିତ ନୀଳକଣ୍ଠ ଦାସ (୧୮୮୪-୧୯୬୬) ୧୯୩୪ରେ ମାସିକ ସାହିତ୍ୟ ପତ୍ରିକା 'ନବଭାରତ' ଆରମ୍ଭ କରିଥିଲେ । ଓଡିଆ ସାହିତ୍ୟର ଉନ୍ନତି ଦିଗରେ ଯତ୍ନଶୀଳ ନବଭାରତରେ କିଛି କିଛି ରାଜନୈତିକ ଘଟଣାବଳୀ ମଧ୍ୟ ପ୍ରକାଶ ପାଉଥିଲା । ଅନ୍ୟପଟେ ପଶ୍ଚିମ ଓଡିଶାର ବଲାଙ୍ଗୀରରୁ ଶଙ୍କର ପ୍ରସାଦ ମିଶ୍ର ୧୯୩୬ରେ 'ହୀରାଖଣ୍ଡ ସମାଚାର' ପ୍ରକାଶ କଲେ । ଏହା ସାପ୍ତାହିକ ଥିଲା । ପୁରୀରୁ ବିଶ୍ୱନାଥ ମହାପାତ୍ରଙ୍କ ସମ୍ପାଦନାରେ ପ୍ରକାଶ ପାଇଲା 'ଉତ୍କଳ ବାର୍ତ୍ତା' । ପ୍ରସିଦ୍ଧ ସାମ୍ୟବାଦୀ ନେତା ଭଗବତୀ ଚରଣ ପାଣିଗ୍ରାହୀ 'କୃଷକ' ଆରମ୍ଭ କଲେ ୧୯୨୮ରେ । ଏହା ଉପକୂଳ ଓଡିଶାର ଗରିବ ଚାଷୀ ମୂଲିଆଙ୍କ କଥା କହୁଥିଲା । ଢେଙ୍କାନାଳ ପ୍ରଜା ଆନ୍ଦୋଳନକୁ ଏହା ବେଶ ପ୍ରଭାବିତ କରିଥିଲା ।

| **ମୁଦ୍ରଣ ସଂସ୍ଥା ପ୍ରତିଷ୍ଠା** | **ବର୍ଷ** |
|---|---|
| ବାଲେଶ୍ୱର ଉତ୍କଳ ପ୍ରିଣ୍ଟିଂ କମ୍ପାନୀ | ୧୮୬୮ |
| ବାଲେଶ୍ୱର ଦି ପ୍ରେସ୍ | ୧୮୭୩ |
| ଉତ୍କଳ ହିତୈଷିଣୀ ପ୍ରେସ୍ | ୧୮୭୩ |
| ପୁରୀ ଭକ୍ତିଦାୟିନୀ ପ୍ରେସ୍ | ୧୮୭୪ |
| ଗଞ୍ଜାମ ପ୍ରେସ୍ | ୧୮୭୫ |
| ମୟୂରଭଞ୍ଜ ପ୍ରେସ୍ | ୧୮୭୯ |
| ବାମଣ୍ଡା ପ୍ରେସ୍ | ୧୮୮୫ |
| ଜଗନ୍ନାଥବଲ୍ଲଭ ପ୍ରେସ୍ | ୧୮୮୭ |
| ବିନୋଦ ପ୍ରେସ୍ | ୧୮୯୭ |
| ପୁରୀ ପ୍ରିଣ୍ଟିଂ କମ୍ପାନୀ | ୧୮୯୦ |
| ଅରୁଣୋଦୟ ପ୍ରେସ୍ | ୧୮୯୩ |
| ରାୟ ପ୍ରେସ୍ କଟକ | ୧୮୯୪ |
| ଦର୍ପନରଜା ପ୍ରେସ୍ | ୧୮୯୯ |
| ବିନୋଦ ପ୍ରେସ୍ ବାଲେଶ୍ୱର | ୧୮୯୯ |
| ଉତ୍କଳ ଦର୍ପଣ ପ୍ରେସ୍ | ୧୯୦୨ |

## ୫.୬ ସମାଜ ଏବଂ ଅନ୍ୟାନ୍ୟ ଖବରକାଗଜର ଆବିର୍ଭାବ

ଓଡିଶାରେ ସାମ୍ବାଦିକତାର ଆଦ୍ୟ ପର୍ବ ତିନୋଟି ମୁଖ୍ୟ କାରଣ ପାଇଁ ସ୍ମରଣୀୟ ।

ପ୍ରଥମ – ଏଇ ସମୟର ଅଧିକାଂଶ ପ୍ରକାଶନ ସମାଜ ସଂସ୍କାରକର ଭୂମିକା ଗ୍ରହଣ କରିଥିଲା । ସମାଜରୁ କୁସଂସ୍କାର ଦୂର କରିବାରେ ସହାୟକ ହୋଇଥିଲେ ।

ଦ୍ୱିତୀୟ – ଅଧିକାଂଶ ପ୍ରକାଶନ ଓଡିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ସକ୍ରିୟ ଭାବେ ଚେଷ୍ଟା କରିଥିଲେ ।

ତୃତୀୟ – ବିକ୍ଷିପ୍ତ ଅବସ୍ଥାରେ ଅନ୍ୟାନ୍ୟ ଇଲାକା ସହ ମିଶି ରହିଥିବା ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଏବଂ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦିଗରେ ପ୍ରଚେଷ୍ଟା ।

ଚତୁର୍ଥ – ଲୋକଙ୍କ ଭିତରେ ଜାତୀୟତାବୋଧ ଜାଗରଣ କରିବା।

ପଞ୍ଚମ – ମହାତ୍ମା ଗାନ୍ଧୀଙ୍କ ବିଶ୍ୱାସକୁ ଲୋକଙ୍କ ପାଖରେ ପହଞ୍ଚାଇବା।

ଷଷ୍ଠ – ଦାଣ୍ଡୀ ଶୋଭାଯାତ୍ରା ପାଇଁ ଦେଶସାରା ଲୋକଙ୍କୁ ଏକାଠି କରିବା। ଇତ୍ୟାଦି

ଲୋକଙ୍କୁ ବିଭିନ୍ନ ବିଷୟରେ ତଥ୍ୟ ଦେବା ବ୍ୟତୀତ ସମାଜରେ ଥିବା ଅନେକ କୁସଂସ୍କାର ବିରୋଧରେ ଖବରକାଗଜଗୁଡିକୁ ଲଢେଇ କରିଥିଲେ । ଭାରତର ଅନ୍ୟାନ୍ୟ ରାଜ୍ୟ ପରି ଓଡିଶାରେ ଖବରକାଗଜ ସମାଜ ସଂସ୍କାରକ ଭୂମିକାକୁ ସ୍ୱତଃ ଗ୍ରହଣ କରିଥିଲା ଏବଂ ଏହି ଲକ୍ଷ୍ୟ ନେଇ ମଧ୍ୟ ଆଗେଇ ଥିଲା । ଏହିପରି ସାହିତ୍ୟ କ୍ଷେତ୍ରରେ କେତେକ ପ୍ରକାଶନୀ ସଂସ୍ଥା ସାମ୍ନାକୁ ଆସିଥିଲା । ସାହିତ୍ୟ ପତ୍ରପତ୍ରିକା ଭାଷାର ଉନ୍ନତି ଦିଗରେ କାର୍ଯ୍ୟ କରିଥିଲେ । ଭାଷା ଆନ୍ଦୋଳନ ଦିଗରେ ସମସ୍ତ ଖବରକାଗଜ ଆଗେଇ ଆସିଥିଲେ ।

ପରେ ଖବରକାଗଜ ପୃଷ୍ଠାକୁ ଆସିଥିଲା ଜାତୀୟତାବୋଧ । ମହାତ୍ମା ଗାନ୍ଧି ଦାତୀୟ ଚିତ୍ରକୁ ଆସିବା ପରେ ସ୍ୱାଧୀନତା ଲଢେଇ- ଖବରକାଗଜର ନୂଆ ମନ୍ତ୍ର ହେଲା । କିନ୍ତୁ ଓଡିଆ ଖବରକାଗଜରେ ଚିତ୍ର ଟିକେ ଅଲଗା । ଏହା ଏକା ସଙ୍ଗରେ ଯୋଡାଏ ଲଢେଇ ଜାରି ରଖିଥିଲା । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ସହିତ ସ୍ୱାଧୀନତାର ଲକ୍ଷ୍ୟ ନେଇ ଆଗେଇ ଚାଲିଥିଲେ ଓଡିଶାର ଖବରକାଗଜ ଓ ପତ୍ରପତ୍ରିକା । ଶେଷରେ ଓଡିଶା ସାରା ଦେଶରେ ପ୍ରଥମ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା । ୧୯୩୬ ଅପ୍ରେଲ ୧ ତାରିଖରେ ସ୍ୱତନ୍ତ୍ର ପ୍ରଦେଶରୂପେ ମାନ୍ୟତା ପାଇଲା ଓଡିଶା ।

ଓଡିଆ ଖବରକାଗଜ ଜଗତରେ ସମାଜର ସ୍ଥାନ ସ୍ୱତନ୍ତ୍ର । ସ୍ୱାଧୀନତା ପୂର୍ବରୁ ପ୍ରକାଶିତ ଓଡିଆ ଖବରକାଗଜ ଭିତରୁ ମାତ୍ର ତିନୋଟି ୨୦୧୪ ମଝି ଯାଏଁ ନିଜର ପ୍ରକାଶନ ଜାରି ରଖିଛନ୍ତି ଆଶା, ସମାଜ ଓ ପ୍ରଜାତନ୍ତ୍ର । ଏଥିମଧ୍ୟରୁ ଦୁଇଟିଯାକ ଖବରକାଗଜର ଅବସ୍ଥା ଏତେଟା ଭଲ ନଥିଲାବେଳେ ସମାଜ ନିଜର ଗୌରବୋଜ୍ୱଳ ଇତିହାସକୁ ସାଙ୍ଗରେ ଧରି ଓଡିଶାରେ ଏକ ଅଗ୍ରଣୀ ଖବରକାଗଜର ମାନ୍ୟତା ବଜାୟ ରଖିଛି । ଦେଶର ସ୍ୱାଧୀନତା ସଂଗ୍ରାମକୁ ସହଯୋଗ କରିବାକୁ ପଣ୍ଡିତ ଗୋପବନ୍ଧୁ ଦାସ ୧୯୧୯ ମସିହା, ଅକ୍ଟୋବର ୪ ତାରିଖ ବିଜୟା ଦଶମୀ ଦିନ ଏହାର ପ୍ରଥମ ପ୍ରକାଶନ ହୋଇଥିଲା । ୧୯୨୫, ଜାନୁଆରୀ ୩ରେ ଏହାକୁ ପୁରୀକୁ ସ୍ଥାନାନ୍ତରିତ

କରାଯାଇଥିଲା । ସମାଜ ପ୍ରଥମେ ଏକ ହ୍ୟାଣ୍ଡ ପ୍ରେସ୍‌ରେ ମୁଦ୍ରିତ ହେଉଥିଲା । ପୁରୀର ଏମାର ମଠର ମହନ୍ତ ନୀଳାଚଳ ପ୍ରେସ୍ ନାମରେ ଏକ ପ୍ରେସ୍ ସ୍ଥାପନ କରିଥିଲେ । ସେ ଏହି ପ୍ରେସ୍‌ଟିକୁ ଚଳାଇ ନ ପାରିବାରୁ ଗୋପବନ୍ଧୁ ଦାସଙ୍କୁ ଟଙ୍କା ୧୨୦୦ରେ ବିକ୍ରି କରିଦେଇଥିଲେ । ସାପ୍ତାହିକ ସମାଜ ମାତ୍ର ୧ ପଇସାରେ ବିକ୍ରି ହେଉଥିଲା ।

ସମାଜର ସ୍ତମ୍ଭ ଗୁଡିକରେ ଲେଖା ମାଧ୍ୟମରେ ପଣ୍ଡିତ ଗୋପବନ୍ଧୁ ଦାସ ଇଂରେଜ ଶାସନ ବିରୋଧରେ ନିଜ ଆନ୍ଦୋଳନ ଜାରି ରଖିଥିଲେ । ୧୯୨୮ ପର୍ଯ୍ୟନ୍ତ ସେ ଏହାର ସମ୍ପାଦନା କରିଥଇଲେ । ୧୯୨୮ ଜୁନରେ ଏହାକୁ ଲୋକସେବକ ମଣ୍ଡଳକୁ ହସ୍ତାନ୍ତର କରାଯାଇଥିଲା । ୧୯୩୦ ଅପ୍ରେଲ ୬ରେ ଏହା ଏକ ଦୈନିକ ଖବରକାଗଜ ରୂପେ ପ୍ରକାଶିତ ହେଲା । ୧୯୩୦ରେ ପଣ୍ଡିତ ଲିଙ୍ଗରାଜ ମିଶ୍ର ସମାଜର ସମ୍ପାଦକ ରୂପେ ଯୋଗଦେଇଥିଲେ ଓ ୧୯୫୭ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇଥିଲେ । ତାଙ୍କ ପରେ ଚାରିଜଣ ଅସ୍ଥାୟୀଭାବେ ସମାଜର ସମ୍ପାଦନା ଦାୟିତ୍ୱ ତୁଲାଇଥିଲେ । ଏମାନେ ହେଲେ ଆଚାର୍ଯ୍ୟ ହରିହର ଦାସ, ରାଧାନାଥ ରଥ, ଉଦୟନାଥ ଷଡଙ୍ଗୀ ଓ ରାମଚନ୍ଦ୍ର ଦାଶ । ୧୯୫୭ରୁ ୧୯୬୧ଯାଏଁ ଶ୍ରୀହର୍ଷ ମିଶ୍ର ସମାଜର ସମ୍ପାଦକଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୬୧ରେ ରାଧାନାଥ ରଥ ସମାଜର ସମ୍ପାଦକ ଭାବେ ଯୋଗ ଦେଇଥିଲେ ଓ ସେ ୧୯୯୮ ପର୍ଯ୍ୟନ୍ତ ଏହି ଦାୟିତ୍ୱ ନିର୍ବାହ କରିଥିଲେ । ପରେ ତାଙ୍କ ଝିଅ ମନୋରମା ମହାପାତ୍ର ସମାଜର କାର୍ଯ୍ୟକାରୀ ସମ୍ପାଦିକା ହୋଇଥିଲେ । ମନୋରମା ମହାପାତ୍ରଙ୍କ ଶରତ ମିଶ୍ର ସମାଜର ସମ୍ପାଦକ ହୋଇଥିଲେ ।

**ଦୈନିକ ଆଶା :** ୧୯୨୮ରେ ଓଡିଆ ନବବର୍ଷ ମେଷ ସଂକ୍ରାନ୍ତି ଦିନ ଶଶୀଭୂଷଣ ରଥ ବ୍ରହ୍ମପୁରରୁ ପ୍ରଥମ ଓଡିଆ ଦୈନିକ ଖବରକାଗଜ ଦୈନିକ ଆଶା ପ୍ରକାଶ କରିଥିଲେ । କେତେକ ଗବେଷକ ମତ ଦିଅନ୍ତି ଯେ, ଗାନ୍ଧିବାଦୀ ନେତା ନିରଞ୍ଜନ ପଟ୍ଟନାୟକଙ୍କର ସମ୍ପାଦନାରେ ୧୯୨୭, ନଭେମ୍ବର ୩ରେ ପ୍ରକାଶିତ ଗାନ୍ଧି ସମାଚାର ହେଲା ଓଡିଶାର ପ୍ରଥମ ଦୈନିକ ସମ୍ବାଦ । ଦୈନିକ ଆଶା, ଆଶା ପ୍ରେସ୍‌ରେ ମୁଦ୍ରିତ ହେଉଥିଲା । ଓଡିଶାର ସାମାଜିକ ଓ ସାଂସ୍କୃତିକ ଇତିହାସରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଦୈନିକ ଆଶା ବେଶ ସହାୟତା କରିଥିଲା । ଏହା ରାଜ୍ୟ ଗ୍ରାମାଞ୍ଚଳରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପହଞ୍ଚାଇଥିଲା । ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଓଡିଶାରେ ସାମ୍ବାଦିକତାକୁ ଆଦୃତ କରାଇବାରେ ଦୈନିକ ଆଶାର ଭୂମିକା ମହତ୍ତ୍ୱପୂର୍ଣ୍ଣ ।

**ପ୍ରଜାତନ୍ତ୍ର :** ସ୍ୱାଧୀନତା ସଂଗ୍ରାମରେ ଓଡିଶାର ଆଉ ଗୋଟିଏ ଖବରକାଗଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା ପ୍ରଜାତନ୍ତ୍ର । ୧୯୨୩ ମସିହା ଜୁନ୍ ମାସରେ କଟକରୁ ହରେକୃଷ୍ଣ ମହତାବଙ୍କ ସମ୍ପାଦନାରେ ପ୍ରଜାତନ୍ତ୍ର ସାପ୍ତାହିକ ସମ୍ବାଦପତ୍ର ଭାବେ ପ୍ରକାଶ ପାଏ । ଜାତୀୟ କବି ବୀରକିଶୋର ଦାସ ଏହାର ପ୍ରକାଶକ ଓ ମୁଦ୍ରକ ଭାବେ ଏହାକୁ ମୁକୁର ପ୍ରେସ୍‌ରୁ ମୁଦ୍ରିତ କରାଉଥିଲେ । ମହତାବ ପ୍ରାଦେଶିକ କଂଗ୍ରେସ କମିଟିର ଦାୟିତ୍ୱ ଗ୍ରହଣ କଲାପରେ ମୁଖ୍ୟତଃ କଂଗ୍ରେସ ଆଦର୍ଶର ପ୍ରଚାର ଉଦ୍ଦେଶ୍ୟରେ ପ୍ରଜାତନ୍ତ୍ରର ପରିକଳ୍ପନା କରିଥିଲେ ।

ପ୍ରକାଶନର କିଛି ମାସ ପରେ ପତ୍ରିକାର ପ୍ରକାଶନକୁ ଅଧିକ ସୁସଂହତ କରିବା ପାଇଁ ଏହାକୁ ବାଲେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଥିଲା । ୧୯୨୩ ଅକ୍ଟୋବର ୨ରେ ଏହା ବାଲେଶ୍ୱରରୁ ଶ୍ରୀକାନ୍ତ ଦେଙ୍କ ଟାଉନ୍ ପ୍ରେସରୁ ପ୍ରକାଶିତ ହୋଇଥିଲା । ପରେ ନିଜର ପ୍ରେସ୍ ପ୍ରତିଷ୍ଠା କରାଯାଇଥିଲା । ଜାନୁଆରୀ ୨୭, ୧୯୨୬ରେ ପ୍ରଜାତନ୍ତ୍ର ନିଜ ପ୍ରେସ୍‌ରୁ ପ୍ରକାଶିତ ହେଲା । ସେତେବେଳେ ଏହାର ଦର ଦୁଇ ପଇସା ଥିଲା । ଏହାର ସମ୍ପାଦକଭାବେ ଥିଲେ

ଉପେନ୍ଦ୍ର ପଣ୍ଡା । ମୁଦ୍ରାକର ଓ ପ୍ରକାଶକ ଥିଲେ କରୁଣାକର ପାଣିଗ୍ରାହୀ ଏବଂ ପରିଚାଳକ ଥିଲେ ବିଶ୍ୱନାଥ ହୋତା। ମହତାବ, ନନ୍ଦକିଶୋର ଦାସ, ମଥୁରାମୋହନ ବେହେରା ପ୍ରମୁଖ ଏଥିରେ ନିୟମିତ ଲେଖୁଥିଲେ । କ୍ରମଶଃ ଏହା ବେଶ ଜନପ୍ରିୟତା ହାସଲ କଲା । ବାଲେଶ୍ୱରରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହା କଟକ, ପୁରୀ ଆଦି ଅଞ୍ଚଳରେ ପ୍ରସାରିତ ହେଉଥିଲା । ୧୯୨୭ ମସିହାରେ ପ୍ରଜାତନ୍ତ୍ରର ମୁଦ୍ରଣକାର୍ଯ୍ୟ ଫ୍ଲାଟ୍ ବେଡ୍ ମେସିନ୍‌ରେ ଆରମ୍ଭ ହେଲା। ସେ ସମୟରେ ଏହାର ଆକାର ଫୁଲସ୍କେଲ ସାଇଜ୍‌ରେ ଚାରି ପୃଷ୍ଠାରେ ସୀମିତ ରହୁଥିଲା । ଲୋକଙ୍କ ସମସ୍ୟାକୁ ପାଦପ୍ରଦୀପକୁ ଆଣିବା ଓ ବ୍ରିଟିଶ ସରକାର ବିରୋଧରେ ଲଢେଇ କରିବା ପ୍ରଜାତନ୍ତ୍ର ପ୍ରକାଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବ୍ରିଟିଶ୍ ସରକାରଙ୍କ ପ୍ରେସ୍ ଅଧ୍ୟାଦେଶ (ପ୍ରେସ୍ ଅର୍ଡିନାନ୍ସ)ର ବିରୋଧ କରି ୧୯୩୦ ଡିସେମ୍ବର ୨୮ରେ ଏହା ପ୍ରକାଶନ ବନ୍ଦ କରିଥିଲା । ଦୀର୍ଘ ୧୫ ବର୍ଷ ପରେ ପୁଣି ଥରେ ଏହା ପ୍ରକାଶ ପାଇଲା । ଡ. ହରେକୃଷ୍ଣ ମହତାବଙ୍କ ତତ୍ତ୍ୱାବଧାନରେ ୧୯୪୭ ଅଗଷ୍ଟ ୮ ତାରିଖ ଦିନ ଏହା ପୁନର୍ବାର ପ୍ରକାଶିତ ହେଲା । ପ୍ରଜାତନ୍ତ୍ର ଏକ ପ୍ରଭାବଶାଳୀ ଖବରକାଗଜ ହେବା ସହିତ ନୂଆପୀଢିର ଯୁବକଙ୍କ ପାଇଁ ସାମ୍ବାଦିକତାର ପ୍ରଶିକ୍ଷଣ ଶିବିର ଭଳି କାର୍ଯ୍ୟ କରିଥିଲା । ଅନେକ ସାମ୍ବାଦିକଙ୍କ ପାଇଁ ଏହା ରାଜନୀତି ଶିକ୍ଷାର ତାଲିମ ସ୍ଥାନ ବି ଥିଲା ।

**ଗଣତନ୍ତ୍ର :** ୧୯୫୬ ମସିହାରେ ଗଣ ପ୍ରକାଶନୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ କଟକରୁ ପ୍ରକାଶିତ ହେଲା ଦୈନିକ ଗଣତନ୍ତ୍ର। ଏହା ପାଖାପାଖି ୫ ବର୍ଷଯାଏଁ ପ୍ରକାଶିତ ହେଲା । ସୁରେନ୍ଦ୍ର ମହାନ୍ତି ଏହାର ସମ୍ପାଦକ ଥିଲେ । ୧୯୬୦ ମସିହାରେ ବିଜୁ ପଟ୍ଟନାୟକ ଓଡିଆ ଦୈନିକ ପ୍ରକାଶ କରିଥିଲେ । ପରେ ସେ ରାଜ୍ୟ କଂଗ୍ରେସର ପ୍ରାର୍ଥୀ ହୋଇଥିଲେ । ମନମୋହନ ମିଶ୍ର ଏହାର ସମ୍ପାଦକ ଥିଲେ । ୧୯୬୨ ମସିହାରେ ସୁରେନ୍ଦ୍ର ମହାନ୍ତି ଏହାର ସମ୍ପାଦକ ହେଲେ । ୧୯୭୧ରେ ଏହା ବନ୍ଦ ହୋଇଯାଇଥିଲା । ତାଙ୍କ ଦ୍ୱାରା ଭୁବନେଶ୍ୱରରୁ ଜନଶକ୍ତି(ଅପ୍ରେଲ ପହିଲା,୧୯୬୬), ସ୍ୱରାଜ୍ୟ (୧୯୬୬) ଏବଂ ସମ୍ବଲପୁରରୁ ଅଗ୍ନିଶିଖା (୧୯୬୮), କୋଶଳ(୧୯୭୦) ରେ ପ୍ରକାଶିତ ହେଲା । ସ୍ୱାଧୀନତା ପୂର୍ବରୁ ଦୈନିକ ଖବରକାଗଜ ପୁରୀରୁ ଉତ୍କଳ ସମାଜ ଓ କୁରୁକ୍ଷେତ୍ର ଏବଂ ବାଲେଶ୍ୱରରୁ ରାଷ୍ଟ୍ରଦୂତ ପ୍ରକାଶିତ ହେଉଥିଲା ।

**ପ୍ରଗତିବାଦୀ :** ଜାନୁଆରୀ ୨୬, ୧୯୭୩ ରେ ପ୍ରଦ୍ୟୁମ୍ନ ବଳଙ୍କ ଦ୍ୱାରା ସାପ୍ତାହିକୀ ପ୍ରଗତିବାଦୀ ପ୍ରକାଶିତ ହେଲା। ଜରୁରୀକାଳୀନ ପରିସ୍ଥିତି (୧୯୭୫-୧୯୭୭)ରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ପ୍ରେସ୍‌ର ସ୍ୱାଧୀନତା ପାଇଁ ଏହି ସାପ୍ତାହିକୀ ଅନେକ ଥର ସଂଗ୍ରାମ କରିଛି । ମଇ୧, ୧୯୭୯ରେ ଏହା ଦୈନିକ ଖବରକାଗଜରୂପେ ପ୍ରକାଶିତ ହେଲା । ପ୍ରଦ୍ୟୁମ୍ନ ବଳଙ୍କ ପରେ ତାଙ୍କ ପୁତ୍ର ସମ୍ବିତ୍ ବଳ ସମ୍ପାଦକ ଦାୟିତ୍ୱ ବହନ କରିଥିଲେ ।

**ଧରିତ୍ରୀ :** ଶ୍ରୀମତି ଚନ୍ଦ୍ରିକା ଶତପଥୀଙ୍କ ଦ୍ୱାରା ନଭେମ୍ବର ୨୪, ୧୯୭୪ରେ ଧରିତ୍ରୀ ପ୍ରକାଶ ପାଇଲା । ଏହା ସମାଜବାଦୀ ପାର୍ଟି ତରଫରୁ ଭୁବନେଶ୍ୱରରୁ ପ୍ରକାଶ ପାଇଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କର ପରିବାର ବର୍ଗ ଧରିତ୍ରୀର ସମସ୍ତ ଦାୟିତ୍ୱ ବହନ କରିଛନ୍ତି । ଏହା ଏକମାତ୍ର ଖବରକାଗଜ ଯାହାର ସକାଳ ପ୍ରକାଶନ ହୋଇଥିଲା। ନବେ ଦଶକର ସର୍ବଶ୍ରେଷ୍ଠ ଖବରକାଗଜ ଭାବେ ଧରିତ୍ରୀ ପରିଚିତ ହେବାର ମୁଖ୍ୟ ଶ୍ରୋତା ହେଉଛନ୍ତି ସମ୍ପାଦକ ତଥାଗତ ଶତପଥୀ । ଧରିତ୍ରୀ ହେଉଛି ପ୍ରଥମ ଖବରକାଗଜ ଯିଏ କି ଖେଳ ଏବଂ ବାଣିଜ୍ୟ ତଥା ଅର୍ଥନୈତିକ

ଖବରକୁ ସମ୍ପୂର୍ଣ୍ଣ ଗୋଟିଏ ପୃଷ୍ଠା ଦେଇପାରିଛି । ପରେ ପରେ ଏହାକୁ ସବୁ ଖବରକାଗଜ ଆପଣେଇଛନ୍ତି । ଖୁବ୍ ସ୍ୱଳ୍ପ ଦିନରେ ଲୋକପ୍ରିୟତା ହାସଲ ସହ ସମ୍ବଲପୁର, ବାଲେଶ୍ୱର, ଢେଙ୍କାନାଳ, ଅନୁଗୁଳ ଆଦି ଅନେକ ସଂସ୍କରଣ ବି ସସାମିଲ ହୋଇପାରିଛି ।

**ସମ୍ବାଦ :** ଓଡ଼ିଆ ଖବରକାଗଜ ତଥା ମୁଦ୍ରଣ ଗଣମାଧମକୁ ପ୍ରଭାବିତ କରିଥିଲା ୧୯୮୦ ମସିହାରେ ପ୍ରକାଶିତ ସମ୍ବାଦ । ୧୯୮୧ରୁ ୧୯୯୧ ମସିହା ମଧ୍ୟରେ ଓଡ଼ିଆ ଖବରକାଗଜ ପାଠକ ସଂଖ୍ୟା ବି ବୃଦ୍ଧି ପାଇବାକୁ ଲାଗିଲା। ସମ୍ବାଦ ସମ୍ପୂର୍ଣ୍ଣ ରୂପେ ସ୍ଥାପିତ ହେଲା ଅକ୍ଟୋବର୪, ୧୯୮୪ । ସୁରେନ୍ଦ୍ର ମହାନ୍ତି ଏହାର ପ୍ରଥମ ସମ୍ପାଦକ ଥିଲେ। ପରେ ସୁରେନ୍ଦ୍ର ମହାନ୍ତି ସହ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୮୯ରୁ ସୌମ୍ୟ ରଞ୍ଜନ ପଟ୍ଟନାୟକ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଆସୁଛନ୍ତି । ଫସମ୍ବାଦ’ ଓଡ଼ିଆ ଖବରକାଗଜ ଦୁନିଆରେ ବୈଷୟିକ ଜ୍ଞାନକୌଶଳ ବ୍ୟବହାରର ନୂଆ ସ୍ପର୍ଶ ଦେଇଥିଲା । ଫଟୋ ଟାଇପ୍ ସେଟିଙ୍ଗ୍, ଅଫ୍‌ସେଟ୍ ପ୍ରିଣ୍ଟିଂ, ରଙ୍ଗୀନ ପ୍ରିଣ୍ଟିଂ ଇତ୍ୟାଦିର ଆରମ୍ଭ ହେଲା । ଫଳରେ ଖବରକାଗଜର ପୃଷ୍ଠାର ସଜ୍ଜା, ଗୁଣବତ୍ତା ଏବଂ ଲେଖାଶୈଳୀରେ ବି ପରିବର୍ତ୍ତନ ଦେଖିବାକୁ ମିଳିଥିଲା ।

୧୯୬୧ରୁ ୧୯୮୧ ମଧ୍ୟରେ ଓଡ଼ିଆ ଖବରକାଗଜ ଯଦିବା ଧୀରେ ଧୀରେ ଅଗ୍ରଗତି କରିଛି । ମାତ୍ର ଏହା ଦ୍ୱାରା ଖବରକାଗଜ ଦୁନିଆକୁ କୌଣସି ପ୍ରଭାବ ପଡ଼ିନାହିଁ । ଖବରକାଗଜ ସଂସ୍ଥା ନିଜ ସାମର୍ଥ୍ୟ ମୁତାବକ ପାଠକଙ୍କ ନିକଟରେ ଖବର ପହଞ୍ଚାଇବାକୁ ଚେଷ୍ଟା କରିଛନ୍ତି । ୨୦୦୬ ସର୍ଭେ ଅନୁଯାୟୀ ଓଡ଼ିଆ ପାଠକ ସଂଖ୍ୟା ୧ କୋଟିରୁ ଅଧିକ ଥିଲା । ସମାଜ, ସମ୍ବାଦ ଏବଂ ଧରିତ୍ରୀର ପାଠକ ସଂଖ୍ୟା ପାଖାପାଖି ୫୫ ଲକ୍ଷ୍ୟରୁ ଉର୍ଦ୍ଧ୍ୱ ଥିଲେ ଏବଂ ଓଡ଼ିଆ ପାଠକ ସଂଖ୍ୟା ୮.୨୩ ପ୍ରତିଶତରୁ ଅଧିକ ହେଲେଣି ।

**ଅନ୍ୟାନ୍ୟ ପତ୍ରିକା :** ୧୯୨୮ରେ ସମ୍ବଲପୁରରୁ ଦୟାନିଧି ମିଶ୍ର ମାସିକ ନବଯୁଗ ଆରମ୍ଭ କରିଥିଲେ । ଗଞ୍ଜାମରୁ ସାପ୍ତାହିକ ପଲ୍ଲୀବାସୀ ୧୯୨୮ରେ ଛାପିଥିଲେ କ୍ଷେତ୍ରମଣୀ ପଣ୍ଡା । ପୁରୀରୁ ଲୋକନାଥ ମିଶ୍ରଙ୍କ ଦ୍ୱାରା ୧୯୩୩ରେ ପ୍ରକାଶ ପାଇଥିଲା ହରିଜନ । ୧୯୩୦ରେ ବ୍ରହ୍ମପୁରରୁ ପ୍ରକାଶିତ ହେଲା ଦୈନିକ ପ୍ରଭାତ । ସେଇ ବର୍ଷ କଟକରୁ ଦେଶକଥା ମାସିକ ଭାବେ ଆରମ୍ଭ ହେଲା ଓ ୭ ବର୍ଷ ପରେ ୧୯୩୭ ରେ ଦୈନିକ ହେଲା । ରାଜକୃଷ୍ଣ ବୋଷଙ୍କ ସମ୍ପାଦନାରେ ସ୍ୱରାଜ୍ୟ କଟକରୁ ୧୯୩୦ ରେ ପ୍ରକାଶିତ ହୋଇଥିଲା । ଆଉ ଏକ ଦୈନିକ ଧର୍ମଦୂତ ୧୯୩୩ରେ ଗଞ୍ଜାମରୁ ଛପା ଗଲା । ପଣ୍ଡିତ ନୀଳକଣ୍ଠ ଦାସ (୧୮୮୪-୧୯୬୬) ୧୯୩୪ରେ ମାସିକ ସାହିତ୍ୟ ପତ୍ରିକା ନବଭାରତ ଆରମ୍ଭ କରିଥିଲେ । ଓଡ଼ିଆ ସାହିତ୍ୟର ଉନ୍ନତି ଦିଗରେ ଯତ୍ନଶୀଳ ନବଭାରତରେ କିଛି କିଛି ରାଜନୈତିକ ଘଟଣାବଳୀ ମଧ୍ୟ ପ୍ରକାଶ ପାଉଥିଲା । ଅନ୍ୟପଟେ ପଶ୍ଚିମ ଓଡ଼ିଶାର ବଲାଙ୍ଗୀରରୁ ଶଙ୍କର ପ୍ରସାଦ ମିଶ୍ର ୧୯୩୬ରେ ହୀରାଖଣ୍ଡ ସମାଚାର ପ୍ରକାଶ କଲେ । ଏହା ସାପ୍ତାହିକ ଥିଲା । ପୁରୀରୁ ବିଶ୍ୱନାଥ ମହାପାତ୍ରଙ୍କ ସମ୍ପାଦନାରେ ପ୍ରକାଶ ପାଇଲା ଉତ୍କଳ ବାର୍ତ୍ତା । ପ୍ରସିଦ୍ଧ ସାମ୍ୟବାଦୀ ନେତା ଭଗବତୀ ଚରଣ ପାଣିଗ୍ରାହୀ କୃଷକ ଆରମ୍ଭ କଲେ ୧୯୨୮ରେ । ଏହା ଉପକୂଳ ଓଡ଼ିଶାର ଗରିବ ଚାଷୀ ମୂଲିଆଙ୍କ କଥା କହୁଥିଲା । ଢେଙ୍କାନାଳ ପ୍ରଜା ଆନ୍ଦୋଳନକୁ ଏହା ବେଶ ପ୍ରଭାବିତ କରିଥିଲା ।

## ୫.୭ ସ୍ୱାଧୀନତା ପୂର୍ବର ଓଡିଆ ସାମ୍ବାଦିକତା

ଓଡିଶାରେ ସାମ୍ବାଦିକତାର ଆଦ୍ୟ ପର୍ବ ତିନୋଟି ମୁଖ୍ୟ କାରଣ ପାଇଁ ସ୍ମରଣୀୟ । ପ୍ରଥମ- ଏଇ ସମୟର ଅଧିକାଂଶ ପ୍ରକାଶନ ସମାଜ ସଂସ୍କାରକର ଭୂମିକା ଗ୍ରହଣ କରିଥିଲା । ସମାଜରୁ କୁସଂସ୍କାର ଦୂର କରିବାରେ ସହାୟକ ହୋଇଥିଲେ । ଦ୍ୱିତୀୟ- ଅଧିକାଂଶ ପ୍ରକାଶନ ଓଡିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ସକ୍ରିୟ ଭାବେ ଚେଷ୍ଟା କରିଥିଲେ । ତୃତୀୟ- ବିକ୍ଷିପ୍ତ ଅବସ୍ଥାରେ ଅନ୍ୟାନ୍ୟ ଇଲାକା ସହ ମିଶି ରହିଥିବା ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଏବଂ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦିଗରେ ପ୍ରଚେଷ୍ଟା ।

ଖବରପ୍ରଦାନ ଲୋକଙ୍କୁ ବିଭିନ୍ନ ବିଷୟରେ ତଥ୍ୟ ଦେବା ବ୍ୟତୀତ ସମାଜରେ ଥିବା ଅନେକ କୁସଂସ୍କାର ବିରୋଧରେ ଖବରକାଗଜଗୁଡିକୁ ଲଢେଇ କରିଥିଲେ । ଭାରତର ଅନ୍ୟାନ୍ୟ ରାଜ୍ୟ ପରି ଓଡିଶାରେ ଖବରକାଗଜ ସମାଜ ସଂସ୍କାରକ ଭୂମିକାକୁ ସ୍ୱତଃ ଗ୍ରହଣ କରିଥିଲା ଏବଂ ଏହି ଲକ୍ଷ୍ୟ ନେଇ ମଧ୍ୟ ଆଗେଇ ଥିଲା । ଏହିପରି ସାହିତ୍ୟ କ୍ଷେତ୍ରରେ କେତେକ ପ୍ରକାଶନୀ ସାମ୍ନାକୁ ଆସିଥିଲା । ସାହିତ୍ୟ ପତ୍ରପତ୍ରିକା ଭାଷାର ଉନ୍ନତି ଦିଗରେ କାର୍ଯ୍ୟ କରିଥିଲେ । ଭାଷା ଆନ୍ଦୋଳନ ଦିଗରେ ସମସ୍ତ ଖବରକାଗଜ ଆଗେଇ ଆସିଥିଲେ ।

ପରେ ଖବରକାଗଜ ପୃଷ୍ଠାକୁ ଆସିଥିଲା ଜାତୀୟତାବୋଧ । ମହାତ୍ମା ଗାନ୍ଧି ଦାତୀୟ ଚିତ୍ରକୁ ଆସିବା ପରେ ସ୍ୱାଧୀନତା ଲଢେଇ- ଖବରକାଗଜର ନୂଆ ମନ୍ତ୍ର ହେଲା । କିନ୍ତୁ ଓଡିଆ ଖବରକାଗଜରେ ଚିତ୍ର ଟିକେ ଅଲଗା । ଏହା ଏକା ସଙ୍ଗରେ ଯୋଡାଏ ଲଢେଇ ଜାରି ରଖିଥିଲା । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ସହିତ ସ୍ୱାଧୀନତାର ଲକ୍ଷ୍ୟ ନେଇ ଆଗେଇ ଚାଲିଥିଲେ ଓଡିଶାର ଖବରକାଗଜ ଓ ପତ୍ରପତ୍ରିକା । ଶେଷରେ ଓଡିଶା ସାରା ଦେଶରେ ପ୍ରଥମ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା । ୧୯୩୬ ଅପ୍ରେଲ ୧ ତାରିଖରେ ସ୍ୱତନ୍ତ୍ର ପ୍ରଦେଶରୂପେ ମାନ୍ୟତା ପାଇଲା ଓଡିଶା ।

୧୮୩୭ ମସିହା ଅପ୍ରେଲ ୨୧ ତାରିଖରେ ସାଧୁ ସୁନ୍ଦରଙ୍କ ଦେହାନ୍ତ ହୋଇଥିଲା । ତାପରେ କୁଜୀବର ପତ୍ରର ପ୍ରକାଶନ ବନ୍ଦ ହୋଇଯାଇଥିଲା । ଓଡିଶାରେ ମୁଦ୍ରଣ ଯନ୍ତ୍ର ସ୍ଥାପନ ପୂର୍ବରୁ ବିଧିବଦ୍ଧ ଭାବେ ପ୍ରକାଶନ କ୍ଷେତ୍ରରେ କୁଜିବର ପତ୍ର ହିଁ ଥିଲା ଏକମାତ୍ର ପତ୍ରଇକା । ଉନ୍ନବିଂଶ ଶତାବ୍ଦୀର ଆରମ୍ଭରେ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଧାର୍ମିକ ତଥା ଅନ୍ୟାନ୍ୟ ପ୍ରକାଶନ କ୍ରମଶଃ ଜୋର ଧରିଲା ।

ଓଡିଶାରେ ପ୍ରକାଶନ କ୍ଷେତ୍ରରେ ମିଶନାରୀମାନଙ୍କର ଏକ ବୃହତ୍ ଭୂମିକା ରହିଛି । ସରକାରୀ ଗେଜେଟ୍ ଅନୁସାରେ ଓଡିଶାକୁ ଫେବୃଆରୀ ୧୨, ୧୮୨୨ରେ ଆସିଥିଲେ । ମୁଦ୍ରିତ ଗଣମାଧ୍ୟମର ଜନ୍ମ ତଥା ଏହାର ବହୁଳ ପ୍ରକାଶନ ପଛରେ ଇଶ୍ୱରଙ୍କ ପବିତ୍ର ବାଣୀ ପ୍ରଚାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଓଡିଆରେ ପ୍ରଥମ ପୁସ୍ତକ ଦି ନ୍ୟୁ ଟେଷ୍ଟାମେଣ୍ଟ୍ ୧୮୦୯ ରେ ପଶ୍ଚିମବଙ୍ଗର ଶ୍ରୀରାମପୁର ପ୍ରେସରୁ ଛପା ହୋଇ ଆସିଥିଲା । ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ପ୍ରଥମ ମୁଦ୍ରିତ ପ୍ରକାଶନ ମଧ୍ୟ ଥିଲା ଧର୍ମଗ୍ରନ୍ଥ । ୧୪୫୦ ଦଶକରେ ଗୁଟେନବର୍ଗ ପ୍ରଥମ ଥର ପାଇଁ ଚଳନଶୀଳ ଟାଇପ୍‌ରେ ଛାପି ପ୍ରକାଶ କରିଥିଲେ ବାଇବେଲ୍ । ଏହାକୁ ଗୁଟେନବର୍ଗ ବାଇବେଲ ଭାବରେ ଜଣାଯାଏ ।

୧୮୩୭ରେ ପ୍ରତିଷ୍ଠିତ କଟକସ୍ଥିତ ମିସନ ପ୍ରେସ୍ ପ୍ରଥମେ ନ୍ୟୁ ଟେଷ୍ଟାମେଣ୍ଟ୍ ପ୍ରକାଶ କରିଥିଲା । ଏହାଛଡା ପ୍ରଥମ ଓଡିଆ ସାମୟିକ ପତ୍ରିକା ଜ୍ଞାନାରୁଣ (୧୮୪୯) ଏବଂ ପ୍ରବୋଧ ଚନ୍ଦ୍ରିକା (୧୮୫୬) ମଧ୍ୟ ପ୍ରକାଶ କରିଥିଲା । ରେଭରେଣ୍ଡ ସି. ଲେସି ଜ୍ଞାନାରୁଣର ସମ୍ପାଦକ ଥିଲେ । ଜ୍ଞାନାରୁଣ ଅଳ୍ପ କେତୋଟି ସଂଖ୍ୟା ପରେ ବନ୍ଦ ହୋଇଗଲା । ପ୍ରବୋଧ ଚନ୍ଦ୍ରିକା ୩ ବର୍ଷଯାଏଁ ପ୍ରକାଶିତ ହେଲା । ଧାର୍ମିକ ଖବର, ଦେଶ ଦୁନିଆ ବିଶେଷ କରି ଇଂଲଣ୍ଡ ଖବର, ସାହିତ୍ୟ ଆଦି ବିଷୟ ସେଥିରେ ସ୍ଥାନିତ ହେଉଥିଲା । କଟକରେ ଏହି ସବୁ ଛାପା ସଂସ୍ଥା ଥିବାରୁ ସାମାଜିକ ତଥା ରାଜନୈତିକ ପ୍ରାଣକେନ୍ଦ୍ରରୂପେ ପରିଗଣିତ ଥିଲା ।

୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷର ୫ବର୍ଷ ପୂର୍ବରୁ ୧୮୬୧ରେ ବାଲେଶ୍ୱରରୁ ବୋଧ ଦାୟୀନି ପ୍ରକାଶିତ ହୋଇଥିଲା । ଏ ପର୍ଯ୍ୟନ୍ତ ପ୍ରକାଶିତ ପତ୍ରିକାଗୁଡିକ ମୁଖ୍ୟତଃ ମିସନାରୀମାନଙ୍କ ଧର୍ମପ୍ରଚାର ଉଦ୍ଦେଶ୍ୟରେ ହିଁ ସୀମିତ ଥିଲା । ଏଥିରେ ଲୋକଙ୍କୁ ଆକୃଷ୍ଟ କଲାଭଳି କୌଣସି ଖବର ବା ସୂଚନା ନ ଥିବାରୁ ଲୋକେ ଧୀରେ ଧୀରେ ଏଥିରୁ ଦୂରେଇଗଲେ ।

ମିସନ ପ୍ରେସ୍ ପ୍ରତିଷ୍ଠା ହେବାର ୨୭ ବର୍ଷ ପରେ ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ କଠକରେ ପ୍ରତିଷ୍ଠା ହେଲା କଟକ ପ୍ରିଣ୍ଟିଂ କମ୍ପାନୀ । ଏହା ଥିଲା ଓଡିଶାର ଦ୍ୱିତୀୟ ପ୍ରେସ୍ ବା ମୁଦ୍ରଣ ଯନ୍ତ୍ରାଳୟ । ଚାରିବର୍ଷ ପରେ ତୃତୀୟ ପ୍ରିଣ୍ଟିଂ ପ୍ରେସ୍ ଉତ୍କଳ ପ୍ରିଣ୍ଟିଂ କୋ. ଫକୀରମୋହନ ସେନାପତିଙ୍କ ଦ୍ୱାରା ୧୮୬୮ରେ ସ୍ଥାନିତ ହୋଇଥିଲା ।

୧୯୨୮ରେ ଓଡିଆ ନବବର୍ଷ ମେଷ ସଂକ୍ରାନ୍ତି ଦିନ ଶଶୀଭୂଷଣ ରଥ ବ୍ରହ୍ମପୁରରୁ ପ୍ରଥମ ଓଡିଆ ଦୈନିକ ଖବରକାଗଜ 'ଦୈନିକ ଆଶା' ପ୍ରକାଶ କରିଥିଲେ । କେତେକ ଗବେଷକ ମତ ଦିଅନ୍ତି ଯେ, ଗାନ୍ଧିବାଦୀ ନେତା ନିରଞ୍ଜନ ପଟ୍ଟନାୟକଙ୍କର ସମ୍ପାଦନାରେ ୧୯୨୭, ନଭେମ୍ବର ୩ରେ ପ୍ରକାଶିତ ଗାନ୍ଧି ସମାଚାର ହେଲା ଓଡିଶାର ପ୍ରଥମ ଦୈନିକ ସମ୍ବାଦ । ଦୈନିକ ଆଶା , ଆଶା ପ୍ରେସ୍‌ରେ ମୁଦ୍ରିତ ହେଉଥିଲା । ୧୯୨୩ ମସିହା ଜୁନ୍ ମାସରେ କଟକରୁ ହରେକୃଷ୍ଣ ମହତାବଙ୍କ ସମ୍ପାଦନାରେ ପ୍ରଜାତନ୍ତ୍ର ସାପ୍ତାହିକ ସମ୍ବାଦପତ୍ର ଭାବେ ପ୍ରକାଶ ପାଏ । ଜାତୀୟ କବି ବୀରକିଶୋର ଦାସ ଏହାର ପ୍ରକାଶକ ଓ ମୁଦ୍ରକ ଭାବେ ଏହାକୁ ମୁକୁର ପ୍ରେସ୍‌ରୁ ମୁଦ୍ରିତ କରାଉଥିଲେ ।

୧୯୨୮ରେ ସମ୍ବଲପୁରରୁ ଦୟାନିଧି ମିଶ୍ର ମାସିକ ନବଯୁଗ ଆରମ୍ଭ କରିଥିଲେ । ଗଞ୍ଜାମରୁ ସାପ୍ତାହିକ ପଲ୍ଲୀବାସୀ ୧୯୨୮ରେ ଛାପିଥିଲେ କ୍ଷେତ୍ରମଣୀ ପଣ୍ଡା । ପୁରୀରୁ ଲୋକନାଥ ମିଶ୍ରଙ୍କ ଦ୍ୱାରା ୧୯୩୩ରେ ପ୍ରକାଶ ପାଇଥିଲା ହରିଜନ । ୧୯୩୦ରେ ବ୍ରହ୍ମପୁରରୁ ପ୍ରକାଶିତ ହେଲା ଦୈନିକ ପ୍ରଭାତ । ସେଇ ବର୍ଷ କଟକରୁ ଦେଶକଥା ମାସିକ ଭାବେ ଆରମ୍ଭ ହେଲା ଓ ୭ ବର୍ଷ ପରେ ୧୯୩୭ ରେ ଦୈନିକ ହେଲା । ରାଜକୃଷ୍ଣ ବୋଷଙ୍କ ସମ୍ପାଦନାରେ ସ୍ୱରାଜ୍ୟ କଟକରୁ ୧୯୩୦ ରେ ପ୍ରକାଶିତ ହୋଇଥିଲା । ଆଉ ଏକ ଦୈନିକ ଧର୍ମଦୂତ ୧୯୩୩ରେ ଗଞ୍ଜାମରୁ ଛପା ଗଲା । ପଣ୍ଡିତ ନୀଳକଣ୍ଠ ଦାସ (୧୮୮୪-୧୯୬୬) ୧୯୩୪ରେ ମାସିକ ସାହିତ୍ୟ ପତ୍ରିକା ନବଭାରତ ଆରମ୍ଭ କରିଥିଲେ । ଓଡିଆ ସାହିତ୍ୟର ଉନ୍ନତି ଦିଗରେ ଯତ୍ନଶୀଳ ନବଭାରତରେ କିଛି କିଛି ରାଜନୈତିକ ଘଟଣାବଳୀ ମଧ୍ୟ ପ୍ରକାଶ ପାଉଥିଲା । ଅନ୍ୟପଟେ ପଶ୍ଚିମ ଓଡିଶାର ବଲାଙ୍ଗୀରରୁ ଶଙ୍କର ପ୍ରସାଦ ମିଶ୍ର ୧୯୩୬ରେ ହୀରାଖଣ୍ଡ ସମାଚାର ପ୍ରକାଶ କଲେ । ଏହା ସାପ୍ତାହିକ ଥିଲା । ପୁରୀରୁ ବିଶ୍ୱନାଥ ମହାପାତ୍ରଙ୍କ ସମ୍ପାଦନାରେ ପ୍ରକାଶ ପାଇଲା ଉତ୍କଳ ବାର୍ତ୍ତା । ପ୍ରସିଦ୍ଧ ସାମ୍ୟବାଦୀ ନେତା ଭଗବତୀ ଚରଣ ପାଣିଗ୍ରାହୀ କୃଷକ ଆରମ୍ଭ କଲେ ୧୯୨୮ରେ । ଏହା ଉପକୂଳ ଓଡିଶାର ଗରିବ ଚାଷୀ ମୂଲିଆଙ୍କ କଥା କହୁଥିଲା । ଢେଙ୍କାନାଳ ପ୍ରଜା ଆନ୍ଦୋଳନକୁ ଏହା ବେଶ ପ୍ରଭାବିତ କରିଥିଲା ।

## ୫.୮ ଉନ୍ନବିଂଶ ଶତାବ୍ଦୀ - ଓଡିଆ ସାମ୍ବାଦିକତାର ନୂତନ ଦିଗ

ନବେ ଦଶକରେ ଓଡିଶାରେ ଖବରକାଗଜର ପରିଧି ଆହୁରି ବ୍ୟାପକ ହେଲା । ଅଧିକରୁ ଅଧିକ ଓଡିଆ ଦୈନିକ ପ୍ରକାଶିତ ହେଲା । ଜାତୀୟ ଇଂରାଜୀ ଖବରକାଗଜଗୁଡିକ ଓଡିଶାରେ ନିଜର ସଂସ୍କରଣ ଖୋଲିଲେ । ଓଡିଆ ଦୈନିକ ଗୁଡିକ ରାଜ୍ୟ ତଥା ରାଜ୍ୟ ବାହାରୁ ନିଜର ସଂସ୍କରଣମାନ ପ୍ରକାଶ କଲେ । ଏହି ଧାରାକୁ ପ୍ରଥମ କରି ଆରମ୍ଭ କରିଥିଲା ସମ୍ବାଦ । ୧୯୯୦, ଜାନୁଆରୀ ୫ରେ ସମ୍ବାଦର ବ୍ରହ୍ମପୁର ସଂସ୍କରଣ ଖୋଲିଥିଲା । ନୂଆ ସଂସ୍କରଣ ପ୍ରକାଶ ଦ୍ୱାରା ପ୍ରକାଶିତ ଖବରକାଗଜ ଲୋକଙ୍କ ପାଖରେ ଶୀଘ୍ର ପହଞ୍ଚିଲା । ରାଜ୍ୟ ବାହାରେ ଓଡିଆ ଖବରକାଗଜର ସଂସ୍କରଣ ପ୍ରଥମେ ପ୍ରକାଶ କରିଥିଲା ସମାଜ । ୧୯୯୫ରେ ସମାଜ ଆନ୍ଧ୍ର ପ୍ରଦେଶର ଭାଇଜାଗରୁ ନିଜର ସଂସ୍କରଣ ପ୍ରକାଶ କଲା । ସମ୍ବାଦର ବାଲେଶ୍ୱର (ଉତ୍ତର-ଓଡିଶା) ସଂସ୍କରଣ ପ୍ରକାଶିତ ହୋଇଥିଲା ଜୁନ୍ ୪, ୧୯୯୫ ମସିହାରେ । ରାଉରକେଲା ସଂସ୍କରଣ ମଇ ୯, ୧୯୯୫, ସମ୍ବଲପୁର (ପଶ୍ଚିମ ଓଡିଶା) ସଂସ୍କରଣ ମଇ ୫, ୧୯୯୭, ଅନୁଗୁଳ ସଂସ୍କରଣ ଅପ୍ରେଲ ୨୬, ୨୦୦୧ ଏବଂ ଜୟପୁର ସଂସ୍କରଣ ଜୁନ୍ ୨୩, ୨୦୦୧ରେ ବାହାରି ଥିଲା । ୨୦୧୪ ଶେଷ ସୁଦ୍ଧା ଅନେକ ଖବରକାଗଜ ବିଭିନ୍ନ ସ୍ଥାନରୁ ନିଜର ସଂସ୍କରଣ ପ୍ରକାଶ କରୁଛନ୍ତି । ଧରିତ୍ରୀ ଭୁବନେଶ୍ୱର ଛଡା ସମ୍ବଲପୁର, ଢେଙ୍କାନାଳ, ବ୍ରହ୍ମପୁର, ବାଲେଶ୍ୱର ଏବଂ ରାୟଗଡାରୁ ନିଜର ସଂସ୍କରଣ ପ୍ରକାଶ କରୁଛି । ସମୟ ଭୁବନେଶ୍ୱର ଛଡା ବାଲେଶ୍ୱର, ଅନୁଗୁଳ, ବ୍ରହ୍ମପୁର ଏବଂ ସମ୍ବଲପୁରରୁ ସଂସ୍କରଣ ପ୍ରକାଶ କରୁଛି । ଅନୁପମ ଭାରତ ବ୍ରହ୍ମପୁର ଛଡା ଭୁବନେଶ୍ୱର ଏବଂ ରାୟଗଡାରୁ ବି ମୁଦ୍ରିତ ହେଉଛି । ଏହିପରି ପ୍ରମେୟ ଭୁବନେଶ୍ୱର, ସମ୍ବଲପୁର ଛଡା ବିଶାଖାପଟନମରେ ବି ମୁଦ୍ରିତ ହେଉଛି ।

ମୁଦ୍ରଣ ବିଦ୍ୟାରେ (ପ୍ରିଣ୍ଟିଂ ଟେକ୍ନୋଲୋଜି) ଉନ୍ନତି ହେବା ପରେ ପ୍ରାୟ ସମସ୍ତ ଖବରକାଗଜ ପୃଷ୍ଠାକୁ ରଙ୍ଗ ଆସିଲା । ବିଜ୍ଞାପନଗୁଡିକ ରଙ୍ଗୀନ ଭାବେ ଛପା ହେଲା । ସପ୍ତାହରେ ସମସ୍ତ ଖବରକାଗଜ ପୁଲ୍ ଆଉଟ୍ କାଢିଲେ । ଖବରକାଗଜଗୁଡିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେଲା । ପାଠକ ଏବଂ ବିଜ୍ଞାପନଦାତାଙ୍କ ପାଖରେ କିଏ ଆଗେ ଏବଂ କେଉଁ ଢ଼ଙ୍ଗରେ ପହଞ୍ଚିବ, ତାହା ଚର୍ଚ୍ଚାର ବିଷୟ ପାଲଟିଲା । ଓଡିଶାରେ ଆଗରୁ ଏମିତି ଧାରା ଓ ଏତେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କେବେ ହେଲେ ଦେଖା ଯାଇନଥିଲା ।

ନବେ ଦଶକରେ ପ୍ରକାଶିତ ଓଡିଆ ଖବରକାଗଜ ମଧ୍ୟରେ ଅନ୍ୟତମ କାଗଜ ହେଲା 'ସମୟ' । ଓଡିଶାର ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ପୃଷ୍ଠପୋଷକତାରେ ଅକ୍ଟୋବର ୨, ୧୯୯୨ରେ ଏହା ଭୁବନେଶ୍ୱରର ପ୍ରକାଶିତ ହେଲା । ଆବସରପ୍ରାପ୍ତ ପ୍ରକାଶକ ତଥା ସାହିତ୍ୟିକ ସତକଡି ହୋତା ଏହାର ସମ୍ପାଦକ ଥିଲେ । ଏ ପୁସ୍ତକ ପ୍ରସ୍ତୁତି ବେଳକୁ ସେ ଏହାର ମୁଖ୍ୟ ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ । ବସନ୍ତ ବିଶ୍ୱାଳଙ୍କ ପୁଅ ରଂଜୀବ ବିଶ୍ୱାଳ ଏବେ ସମୟର ପରିଚାଳନା ସମ୍ପାଦକ ଅଛନ୍ତି । ଓଡିଶା ଖବରକାଗଜ ସଂସାରକୁ ରଙ୍ଗୀନ କରିବାରେ ସମୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦୀର୍ଘଦିନ ଧରି ରଙ୍ଗୀନ ମୁଦ୍ରଣକୁ ଏହାର ଏକ ପ୍ରଧାନ ବିଭବ (ୟୁଏସପି-ୟୁନିକ୍ ସେଲିଂ ପ୍ରୋପୋଜିସନ୍) ବୋଲି ପ୍ରଚାର କରୁଥିଲା ସମୟ । ଦୈନିକ ଖବରକାଗଜ ଛଡା ସମୟ ପକ୍ଷରୁ ସମସ୍ତ ସାପ୍ତାହିକୀ ନାଁରେ ଏକ ଲୋକପ୍ରିୟ ସାପ୍ତାହିକ ଏବଂ ସିନେ ସମୟ ନାଁରେ ଏକ ଚଳଚ୍ଚିତ୍ର ପତ୍ରିକା ପ୍ରକାଶିତ ହୁଏ ।

ଦକ୍ଷିଣ ଓଡିଶାର ବ୍ରହ୍ମପୁର ସେପ୍ଟେମ୍ବର ୧୬, ୧୯୯୬ରେ ଅନୁପମ ଭାରତ ଆତ୍ମପ୍ରକାଶ କଲା । ଶରତ ମିଶ୍ର ଏହାର ସମ୍ପାଦକ ଥିଲେ । ସ୍ଥାନୀୟ ଖବରକୁ ଗୁରୁତ୍ୱ ଦେବା, ବିଭିନ୍ନ ପ୍ରକାରର ଫିଚର୍ ପ୍ରକାଶନ ଏବଂ ଆଖିଦୃଶିଆ ଲେ-ଆଉଟ୍ କାରଣରୁ ଦକ୍ଷିଣ ଓଡିଶାରେ ଏହା କମ୍ ଦିନ ଭିତରେ ବେଶ୍ ଆଦୃତ ହେଲା । ଶରତ ମିଶ୍ର ସମ୍ପାଦକ ପଦ ଛାଡିଲା ପରେ ରବୀନ୍ଦ୍ର କୁମାର ପଣ୍ଡା ଏହାର ସମ୍ପାଦକ ହେଲେ ।

ଜାନୁଆରୀ ୨୯, ୧୯୯୮ରେ ପର୍ଯ୍ୟବେକ୍ଷକ ପ୍ରକାଶିତ ହେଲା । ରବି ଦାସ ଏହାର ସମ୍ପାଦକ ଥିଲେ। ୨୦୧୧ ମଝି ବେଳକୁ ପବିତ୍ର ମୋହନ ସାମନ୍ତରାୟ ଏହାର ସମ୍ପାଦକ ଥିଲେ । ନବେ ଦଶକରେ ପ୍ରକାଶିତ ଅନ୍ୟ ଖବରକାଗଜ ମଧ୍ୟରେ ରହିଛି – ମୁକ୍ତିମଣ୍ଡପ(୧୯୯୦), ବର୍ତ୍ତମାନ ପରିକ୍ରମା(୧୯୯୦), ଖୋଲାଦ୍ୱାର (୧୯୯୨) । ୧୯୯୭ରେ ସାପ୍ତାହିକ ଭାବେ ଆରମ୍ଭ ହୋଇଥିବା କ୍ରାନ୍ତିଧାରା ୧୯୯୯ରେ ଦୈନିକ ହେଲା ।

ପତ୍ରପତ୍ରିକା ମଧ୍ୟରେ ୧୯୯୪ରେ ପ୍ରକାଶିତ ହେଲା ଚିର ସନ୍ଧାନ । ସମ୍ବାଦ ସରବରାହ ସଂସ୍ଥା (ନ୍ୟୁଜ୍ ଏଜେନ୍ସି) ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସି ୧୯୯୯ରେ ଇପିଏ ଉଇକ୍ଲି ଆରମ୍ଭ କଲା । ୧୯୯୯ରେ ପ୍ରକାଶିତ ପାକ୍ଷିକ ଖବରକାଗଜ ପତ୍ରିକା ଶତାବ୍ଦୀ ଓଡିଶାରେ ପତ୍ରପତ୍ରିକାରେ ଖବର ପରିବେଷଣ ଢ଼ଙ୍ଗକୁ ନୂଆ ସ୍ପର୍ଶ ଦେଲା । ଚନ୍ଦ୍ରଭାନୁ ପଟ୍ଟନାୟକ ଏହାର ସମ୍ପାଦକ ଥିଲେ । କିନ୍ତୁ ଏହା ନିଜର ମାନ ବଜାୟ ରଖିବାରେ ଅସମର୍ଥ ହେଲା ଏବଂ ଫଳରେ ଏହାର ଲୋକପ୍ରିୟତା ହ୍ରାସ ପାଇଲା । ନିମାଇଁ ଚରଣ ମହାନ୍ତି କୃଷିଭିତ୍ତିକ ପତ୍ରିକା କୃଷକ ସମ୍ବାଦ ୧୯୯୨ରେ କଟକରୁ ଆରମ୍ଭ କଲେ । ଏହି ଧାରାରେ ଆଉ ଏକ ତ୍ରୈ-ମାସିକ ପତ୍ରିକା କୃଷକ ବନ୍ଧୁ ଅନ୍ନପୂର୍ଣ୍ଣା ବିରଞ୍ଚି ନାରାୟଣ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶ ପାଇଲା । ୧୯୯୭ରେ କମଳ ଲୋଚନ ପଣ୍ଡା ଏହାର ସମ୍ପାଦକ ହେଲେ ଏବଂ ଏହା ମାସିକ ଭାବେ ପ୍ରକାଶିତ ହେଲା ।

ନବେ ଦଶକରେ ଅଧିକରୁ ଅଧିକ ଖବରକାଗଜ ରାଜଧାନୀ ଭୁବନେଶ୍ୱରରୁ ପ୍ରକାଶିତ ହେଲା । ପାଖାପାଖି ୩୪ଟି ଖବରକାଗଜ (୩୮.୩୬%) ଭୁବନେଶ୍ୱରରୁ ପ୍ରକାଶିତ ହୋଇଥିଲା ବୋଲି ଅଲିପ୍ତା ଜେନା ଲେଖିଛନ୍ତି। ଓଡିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକରୁ ୧୩ଟି ଖବରକାଗଜ (୧୪.୭୬%) ପ୍ରକାଶିତ ହେଉଥିବା ବେଳେ ବାଲେଶ୍ୱର, ସମ୍ବଲପୁର ଏବଂ ବ୍ରହ୍ମପୁରରୁ ଯଥାକ୍ରମେ ୬,୫ଓ ୪ଟି କାଗଜ ବାହାରୁ ଥିଲା । ସ୍ୱାଧୀନତା ପୂର୍ବରୁ କଟକରୁ ସମାଜ, ପ୍ରଜାତନ୍ତ୍ର ବ୍ୟତୀତ ଅନ୍ୟାନ୍ୟ ମୁଖ୍ୟ କାଗଜଗୁଡିକ ପ୍ରକାଶିତ ହେଉଥିଲେ । ୧୯୮୦ ଦଶକ ପରେ ଭୁବନେଶ୍ୱର ସେଇ ସ୍ଥାନ ଅକ୍ତିଆର କରିନେଲା । କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି – ଓଡିଶାର ଛୋଟ ସହରରୁ କିଛି କମ୍ ଖବରକାଗଜ ପ୍ରକାଶିତ ହେଉନଥିଲା । ଭିନ୍ନ ଭିନ୍ନ ସ୍ଥାନରୁ ଖବରକାଗଜ ପ୍ରକାଶନର ଧାରା ଓଡିଶାରେ ସ୍ୱାଧୀନତା ପୂର୍ବରୁ ଦେଖିବାକୁ ମିଳିଥିଲା । ଏହି ଅନୁସାରେ ନବେ ଦଶକରେ ବି କୌଣସି ପରିବର୍ତ୍ତନ ହୋଇନଥିଲା । ସ୍ଥାନୀୟ ଖବରକାଗଜଗୁଡିକ ଆଞ୍ଚଳିକ ଖବରକୁ ଗୁରୁତ୍ୱ ଦିଅନ୍ତି । ଫଳରେ ପାଠକ ଅଧିକ ଆଞ୍ଚଳିକ ଖବର ପଢ଼ିବାକୁ ପାଇଲେ ।

# ୫.୯ ଓଡିଶାରେ ରେଡିଓ

୧୯୪୮ ମସିହାରେ ଓଡିଶାର ପ୍ରଥମ ବେତାର କେନ୍ଦ୍ର କଟକଠାରେ ପ୍ରତିଷ୍ଠା ହୋଇଥିଲା । ଏହି ବର୍ଷ ଓଡିଶା ହାଇକୋର୍ଟ ବି ପ୍ରତିଷ୍ଠା ହୋଇଥିଲା ଏବଂ ନୂଆ ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରାଯାଇଥିଲା । ଏକ କିଲୋୱାଟ୍ ମିଡିୟମ୍ ୱେଭ୍ ଟ୍ରାନ୍ସମିଟରକୁ ନେଇ ଏହା ଜାନୁଆରୀ ୨୮, ୧୯୪୮ ରେ ଆରମ୍ଭ ହୋଇଥିଲା । ସ୍ୱାଧୀନତାର ଠିକ୍ ପରେ ଯେଉଁ କେତୋଟି ବେତାର କେନ୍ଦ୍ର ଭାରତ ସରକାର ପ୍ରତିଷ୍ଠା କରିଥିଲେ, ତାହା ମଧ୍ୟରୁ କଟକ ଅନ୍ୟତମ । ଏଚ୍. ଆର୍. ଲୁଥ୍ରା ଏହାର ପ୍ରଥମ କେନ୍ଦ୍ର ନିର୍ଦ୍ଦେଶକ ଥିଲେ ।

କଟକରେ ବିବିଧ ଭାରତୀ ପ୍ରସାରଣ ସେବା ଆରମ୍ଭ ହେଲା ୧୯୬୨ରେ । ୧୯୭୫ରେ ବ୍ୟବସାୟିକ ପ୍ରସାରଣ ସେବା ଆରମ୍ଭ ହେଲା । ଅଲ ଇଣ୍ଡିଆ ରେଡିଓର ଏକ ସହାୟକ ଷ୍ଟୁଡିଓ ୧୯୭୬ ମସିହା ଜାନୁଆରୀ ୨୭ ତାରିଖରେ ଭୁବନେଶ୍ୱରରେ ସ୍ଥାପନ କରାଯାଇଥିଲା । ରେକର୍ଡିଂ ତଥା ନିୟନ୍ତ୍ରଣ କକ୍ଷ ବିଶିଷ୍ଟ ଏହି ବହୁମୁଖୀ ଷ୍ଟୁଡିଓଟି ରାଜଧାନୀରେ ରାଜ୍ୟର ମନ୍ତ୍ରୀ ଓ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହିତ ରେକର୍ଡିଂ କାର୍ଯ୍ୟକୁ ସୁବିଧାରେ କରିବା ଉଦ୍ଦେଶ୍ୟରେ ପ୍ରତିଷ୍ଠା କରାଯାଇଥିଲା ।

୨୦୧୪ ମଝି ସୁଦ୍ଧା ଓଡିଶାରେ ୨୦ଟି ଆକାଶବାଣୀ କେନ୍ଦ୍ର ରହିଛି । ଟ୍ରାନ୍ସମିଟର ସଂଖ୍ୟା ୨୩ । ଯାହା ମଧ୍ୟରୁ ୮ଟି ମିଡିୟମ୍ ୱେଭ୍, ଗୋଟିଏ ସର୍ଟ ୱେଭ୍ ଏବଂ ୧୪ଟି ଫ୍ରିକ୍ୟୁଏନ୍ସି ମଡ୍ୟୁଲେଟର । ୨୦ଟି ଆକାଶବାଣୀ କେନ୍ଦ୍ର ମଧ୍ୟରୁ କଟକ, ସମ୍ବଲପୁର (ସ୍ଥାପିତ-ମଇ୨୬, ୧୯୬୩) ଏବଂ ଭବାନୀପାଟଣା (ଡିସେମ୍ବର ୩୦, ୧୯୯୩)ରେ ଆଞ୍ଚଳିକ ପ୍ରସାରଣ କେନ୍ଦ୍ର ରହିଛି । ଏହିପରି ରାଉରକେଲା (ଜୁନ୍ ୨୪, ୧୯୮୫), କେନ୍ଦୁଝର (ନଭେମ୍ବର ୨୯, ୧୯୮୮), ବାରିପଦା (ଫେବୃଆରୀ ୨୫, ୧୯୯୧), ବଲାଙ୍ଗୀର, ଯୋରନ୍ଦା (ଅକ୍ଟୋବର ୩,୧୯୯୫), ପୁରୀ (ଜାନୁଆରୀ ୨୬, ୧୯୯୯), ବ୍ରହ୍ମପୁର (ଅଗଷ୍ଟ ୧୫,୧୯୯୯) । ଏହା ଆକାଶବାଣୀର ୧୫୦ ତମ କେନ୍ଦ୍ର ଏବଂ ସୋର ହେଉଛି ଆଞ୍ଚଳିକ ବେତାର କେନ୍ଦ୍ର । ନୂଆପଡା, ରାୟଗଡା, ବାଲିଗୁଡା, ପାରଳାଖେମୁଣ୍ଡି, ପାରାଦ୍ୱୀପ, ଦେବଗଡ, ସୁନ୍ଦରଗଡ ଏବଂ ଅନୁଗୁଳରେ ଲୋ-ପାୱାର ଟ୍ରାନ୍ସମିଟର ରହିଛି ।

ଆକାଶବାଣୀ କଟକ ଦ୍ୱାରା ଜୁନ୍ ୩୦, ୨୦୦୬ରେ ଡିଟିଏଚ୍ (ଡାଇରେକ୍ଟ ଟୁ ହୋମ୍) ସେବା ଆରମ୍ଭ ହୋଇଥିଲା । ଯାହା ଫଳରେ ସାରା ବିଶ୍ୱର ଲୋକମାନେ କଟକ କେନ୍ଦ୍ର କାର୍ଯ୍ୟକ୍ରମ ଶୁଣିପାରୁଛନ୍ତି ।

ବେସରକାରୀ ରେଡିଓ କଥା ଦେଖିଲେ, ରେଡିଓ ଚକୋଲେଟ୍ ହେଉଛି ଓଡିଶାର ପ୍ରଥମ ଘରୋଇ ଏଫ୍ଏମ୍ ଚ୍ୟାନେଲ । ଦୈନିକ ସମ୍ବାଦର ପ୍ରତିଷ୍ଠାତା ଗ୍ରୁପ୍ ଇଷ୍ଟର୍ଣ୍ଣ ମିଡିଆ ଲିଃ ଦ୍ୱାରା ଏହା ମଇ ୪, ୨୦୦୭ରେ ଆରମ୍ଭ ହୋଇଥିଲା । ମଇ ୨୭, ୨୦୦୭ରେ ବିଗ୍ ଏଫ୍ଏମ୍ ଆରମ୍ଭ ହୋଇଥିଲା । ଏହା ଓଡିଶାର ଦ୍ୱିତୀୟ ଘରୋଇ ଏଫ୍ଏମ୍ ଚ୍ୟାନେଲ । ଆଡ୍‌ଲାବ୍ସ ଫିଲ୍ମସ୍ ଏହାର ପ୍ରତିଷ୍ଠାତା । ୨୦୦୯, ଅଗଷ୍ଟ ୧୪ରେ ଆରମ୍ଭ ହୋଇଥିଲା ରେଡ୍ ଏଫ୍ଏମ୍ । ୨୦୧୩ ମଝି ପର୍ଯ୍ୟନ୍ତ ଓଡିଶାରେ ସମୁଦାୟ ୬ଟି ଘରୋଇ ଏଫ୍ଏମ୍ ବେତାର କେନ୍ଦ୍ର ରହିଛି । ଯଥା- ରେଡିଓ ଚକୋଲେଟ୍, ବିଗ୍ ଏଫ୍ଏମ୍, ରେଡ୍ ଏଫ୍ଏମ୍, ଏସ୍ ଏଫ୍ଏମ୍ (ଭୁବନେଶ୍ୱର) ଏବଂ ରାଉରକେଲାରେ ରେଡିଓ ଚକୋଲେଟ୍ ଓ ବିଗ୍ ଏଫ୍ଏମ୍ ।

ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର କୋଣାର୍କଠାରେ ଫେବୃଆରୀ ୧୨,୨୦୧୦ରେ ପ୍ରତିଷ୍ଠା ହୋଇଥିଲା । ସ୍ୱେଚ୍ଛାସେବୀ ସଂସ୍ଥା ୟଙ୍ଗ୍ ଇଣ୍ଡିଆ ଦ୍ୱାରା ପ୍ରତିଷ୍ଠିତ ଏହି ଗୋଷ୍ଠୀ ବେତାର କେନ୍ଦ୍ର ନାଁ ହେଉଛି ରେଡିଓ ନମସ୍କାର । ଏନ୍.ଏ ଶାହା ଅନସାରୀ ଏହି ସଂସ୍ଥାର ମୁଖ୍ୟ ଅଛନ୍ତି । ରେଡିଓ ସଂସ୍କାର (ଜଗତସିଂହପୁର) ଏବଂ ରେଡିଓ କିସାନ (ବାଲିପାଟଣା,ଖୋର୍ଦ୍ଧା) । ୨୦୧୨ରେ ଫୁଲବାଣୀଠାରେ ପ୍ରତିଷ୍ଠା ହେଲା ରେଡିଓ ମୁସ୍କାନ୍ । କଟକର ରେଭେନ୍‌ସା ବିଶ୍ୱ ବିଦ୍ୟାଳୟର କ୍ୟାମ୍ପସ୍ ରେଡିଓ – ରେଭେନ୍‌ସା ରେଡିଓ ଅପ୍ରେଲ ୧୪, ୨୦୧୧ ରେ ପ୍ରତିଷ୍ଠା ହେଲା । ଭୁବନେଶ୍ୱରଠାରେ ଥିବା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ ବିଦ୍ୟାଳୟ ନିଜର କ୍ୟାମ୍ପସ୍ ରେଡିଓ ଭଏସ୍ ଅଫ୍ ସୋଆ ପ୍ରତିଷ୍ଠା କରିଥିଲା ଅକ୍ଟୋବର ୧୫, ୨୦୧୨ରେ । ପ୍ରସିଦ୍ଧ ବଂଶୀବାଦକ ହରିପ୍ରସାଦ ଚୌରାସିଆ ଏହାକୁ ଉଦଘାଟନ କରିଥିଲେ । ଏହିପରି ପଶ୍ଚିମ ଓଡ଼ିଶାର ଏକ ଘରୋଇ ସଂସ୍ଥା ହୀରାକୁଦରୁ ଜୁଲାଇ ୪, ୨୦୧୮ରେ ଆରମ୍ଭ କଲେ ହୀରାଖଣ୍ଡ ନାମକ କମ୍ୟୁନିଟି ରେଡିଓ ସେବା । ଏହିପରି କୋରାପୁଟରେ ରେଡିଓ ଧିମ୍‌ସା କାର୍ଯ୍ୟ କରୁଛି ।

ଓଡ଼ିଶାର ପ୍ରଥମ ଇଣ୍ଟରନେଟ୍ ରେଡିଓ (www.odiaradio.com) ଜୁନ୍ ୨୧, ୨୦୧୨ ଗୁଣ୍ଡିଚା ଯାତ୍ରା ଦିନ ପ୍ରସାରଣ ଆରମ୍ଭ କରିଥିଲା । ୨୦୦୯ରେ ଦୁଇ ଭାଇ ସୀତାଂଶୁ ମହାପାତ୍ର ଓ ଶୁଭ୍ରାଂଶୁ ମହାପାତ୍ର ଏହାକୁ ଏକ ପାଇଲଟ୍ ପ୍ରକଳ୍ପ ଭାବେ ଆରମ୍ଭ କରିଥିଲେ । ପରେ ବିଷୟବସ୍ତୁ, ବୈଷୟିକ ବିଦ୍ୟାକୁ ନେଇ ଅନେକ ପ୍ରୟୋଗ କରାଗଲା । ଓଡିଆ ପୋର୍ଟାଲ୍ (www.amariodisha.com) ର ଅଂଶ ଭାବେ ଏହା ଆରମ୍ଭ ହେଲା ୨୦୧୨ରେ । ସଙ୍ଗୀତ ବ୍ୟତୀତ ଏଥିରେ ଓଡ଼ିଶାର କଳା, ସଂସ୍କୃତି ସଂପର୍କିତ କାର୍ଯ୍ୟକ୍ରମ ଦିବାରାତ୍ର ୨୪ ଘଣ୍ଟା ପ୍ରସାରିତ ହେଉଛି ।

ବର୍ତ୍ତମାନ ସ୍ଥିତିରେ ରେଡିଓ ତଥା ଏଫ୍‌ଏମ୍ ସେବାର ଅଭିବୃଦ୍ଧି ଘଟିବ । ଏହାର ବ୍ୟବହାର, ବ୍ୟବହାରକାରୀଙ୍କ ସଂଖ୍ୟା, ବିଷୟ ବୈଚିତ୍ର ଏବଂ ଏଥିରୁ ଆୟ – ସବୁ ବଢ଼ିବ । ନୂଆ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗରେ ଏହା ଆହୁରି ଭଲ ଶୁଭିବ । ନୂଆ ବିଷୟ ବୈଚିତ୍ର ଦ୍ୱାରା ନୂଆ ଶ୍ରୋତାଙ୍କୁ ଆକର୍ଷିତ କରିବ । ବେସରକାରୀ ଏବଂ ଗୋଷ୍ଠୀ ବେତାର କେନ୍ଦ୍ରଗୁଡ଼ିକୁ ଏ ପର୍ଯ୍ୟନ୍ତ ସମ୍ବାଦ ପରିବେଷଣ ପାଇଁ ଅନୁମତି ମିଳି ନାହିଁ । ଥରେ ସେ ସୁଯୋଗ ମିଳିଲେ ତେଣିକି ରେଡିଓର ବ୍ୟାପ୍ତି ଏବଂ ବ୍ୟବହାର ଆହୁରି ବଢ଼ିବାର ସମ୍ଭାବନା ରହିଛି ।

**ରେଡିଓରେ ସମ୍ବାଦ :** ଭାରତରେ ବେସରକାରୀ ବେତାର କେନ୍ଦ୍ରଗୁଡ଼ିକୁ ସମ୍ବାଦ ପରିବେଷଣର ଅନୁମତି ୨୦୧୪ ଶେଷଯାଏଁ ମିଳିନାହିଁ । କେବଳ ଆକାଶବାଣୀ କେନ୍ଦ୍ରଗୁଡ଼ିକ ସମ୍ବାଦ ପ୍ରସାରଣ କରନ୍ତି । ୧୯୪୮ରେ ପ୍ରତିଷ୍ଠା ଦିନରୁ ଆକାଶବାଣୀ କଟକ କେନ୍ଦ୍ର ଆଞ୍ଚଳିକ ସମ୍ବାଦ ପ୍ରସାରଣ କରୁଛି । ମଇ୨୬, ୧୯୫୮ରୁ ଜାତୀୟ ଖବର ଏବଂ ଏହାର ଦଶ ବର୍ଷ ପରେ ସେପ୍ଟେମ୍ବର ୮, ୧୯୬୮ରେ ସକାଳ ଓଳି ସମ୍ବାଦ ପ୍ରସାରଣ ଆରମ୍ଭ ହୋଇଥିଲା । ୨୦୦୦ ମସିହାରେ ମଧ୍ୟାହ୍ନ ସମୟରେ ପାଞ୍ଚ ମିନିଟ୍‌ର ବୁଲେଟିନ୍ ଆରମ୍ଭ କରାଯାଇଥିଲା । ଆକାଶବାଣୀର ରେନ୍‌ବୋ, କଟକ ପ୍ରତି ଘଣ୍ଟାକରେ ଥରେ ଦୁଇ ମିନିଟ୍‌ର କ୍ୟାପସୁଲ ବୁଲେଟିନ୍ ପ୍ରସାରିତ କରେ ।

ପ୍ରତିଦିନର ନ୍ୟୁଜ୍ ବୁଲେଟିନ୍ ବ୍ୟତିତ ଆକାଶବାଣୀ ଅନେକ ସାଂପ୍ରତିକ ଘଟଣାବଳୀ, ଶିକ୍ଷା, ରୋଷେଇ, ମନୋରଂଜନ ଭିତ୍ତିକ କାର୍ଯ୍ୟକ୍ରମ ବି ପ୍ରସାରଣ କରିଥାଏ । ଜିଲ୍ଲାରୁ ଆସୁଥିବା ଖବରକୁ ନେଇ ଜିଲ୍ଲା ପରିକ୍ରମା ନାମକ ଏକ ବୁଲେଟିନ୍ ବି ଆସିଥାଏ । ଜିଲ୍ଲାରୁ ଖବର ସଂଗ୍ରହ ପାଇଁ ଏହାର ପ୍ରତିନିଧି (ପିଟିସି) ରହିଥାନ୍ତି ।

# ୫.୧୦ ଓଡିଶାରେ ଟେଲିଭିଜନ

୧୯୭୦ ଦଶକର ମଝାମଝିରେ ଓଡିଶାକୁ ଆସିଥିଲା ଟେଲିଭିଜନ । ଆରମ୍ଭରେ ଏହାର ଅଭିବୃଦ୍ଧି ଥିଲା ମନ୍ଥର । କିନ୍ତୁ ଗତ ତିନି ଦଶନ୍ଧିରେ ଏହାର ଦ୍ରୁତ ଅଭିବୃଦ୍ଧି ହୋଇଛି । ଦର୍ଶକଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ଚ୍ୟାନେଲ ସଂଖ୍ୟା ବି ବଢିଛି । ୨୦୧୪ ମଝି ବେଳକୁ ୧୮ଟି ଓଡିଆ ସାଟେଲାଇଟ୍ ଚ୍ୟାନେଲ ଥିଲା ।

୧୯୭୫-୭୬ରେ ସାଇଟ୍ (ସାଟେଲାଇଟ୍ ଇନଷ୍ଟ୍ରକ୍ସନାଲ ଟେଲିଭିଜନ୍ ଏକ୍ସପେରିମେଣ୍ଟ) ଜରିଆରେ ଦୂରଦର୍ଶନ ଓଡିଶାରେ ପ୍ରବେଶ କରିଥିଲା । ଭାରତରେ ସାଟେଲାଇଟ୍ ଟେକ୍ନୋଲୋଜି କ୍ଷେତ୍ରରେ ଏହା ପ୍ରଥମ ପରୀକ୍ଷା ଥିଲା । କେବଳ ଭାରତରେ ନୁହେଁ ସାମାଜିକ ଶିକ୍ଷା ପାଇଁ ଏହି ଟେକ୍ନୋଲୋଜିର ପ୍ରୟୋଗ ସମଗ୍ର ବିଶ୍ୱରେ ପ୍ରଥମ ଥିଲା । ଓଡିଶାରେ ସାଇଟ୍ ସମ୍ବଲପୁର, ଢେଙ୍କାନାଳ, ଫୁଲବାଣୀ ଜିଲ୍ଲାରେ କାର୍ଯ୍ୟ କରିଥିଲା । ଓଡିଆ କାର୍ଯ୍ୟକ୍ରମ ଗୁଡିକର ମୁଖ୍ୟ ପ୍ରସାରଣ କେନ୍ଦ୍ର କଟକ ଥିଲା । ୧୯୭୮ ମସିହାରେ ସମ୍ବଲପୁର ଜିଲ୍ଲାକୁ ସାଇଟ୍ ସଂପ୍ରସାରଣ କାର୍ଯ୍ୟକ୍ରମ ପାଇଁ ଚୟନ କରାଯାଇଥିଲା ଏବଂ ୧ କିଲୋଓ୍ୱାଟର ଏକ ଟେରିଷ୍ଟରିଆଲ ଟ୍ରାନ୍ସମିଟର ସେଠାରେ ସ୍ଥାପନ କରାଯାଇଥିଲା ।

୧୯୮୨ ଦିଲ୍ଲୀ ଏସିଆଡ କ୍ରୀଡା ସମୟରେ ଭୁବନେଶ୍ୱରରେ ସ୍ୱଳ୍ପ କ୍ଷମତା ସଂପନ୍ନ ଟ୍ରାନ୍ସମିଟର ଲଗା ଯାଇଥିଲା । ୧୯୮୫ ରେ କଟକରେ ଉଚ୍ଚ କ୍ଷମତା ସଂପନ୍ନ ଟ୍ରାନ୍ସମିଟର ବସିଲା । ୧୯୮୭ରେ ଅଳ୍ପ ସମୟ ପାଇଁ ଓଡିଆ କାର୍ଯ୍ୟକ୍ରମର ପ୍ରସାରଣ ଆରମ୍ଭ ହେଲା । ଏହାପରେ ଦୈନିକ ଏକ ଓଡିଆ ନ୍ୟୁଜ୍ ବୁଲେଟିନ୍ ପ୍ରସାରଣ ଆରମ୍ଭ ହୋଇଥିଲା । ୧୯୯୧ରେ ଆଞ୍ଚଳିକ ଅପ୍‌ଲିଙ୍କ ସୁବିଧା ଓଡିଶାକୁ ଦିଆଯାଇଥିଲା । ୧୯୯୨ରେ ଭୁବନେଶ୍ୱରରେ ଏକ ନୂତନ ଷ୍ଟୁଡିଓ କରାଯାଇ ପ୍ରସାରଣ କାର୍ଯ୍ୟକୁ ରାଜଧାନୀକୁ ସ୍ଥାନାନ୍ତରଣ କରାଗଲା । ୧୯୮୦ ଓ ୯୦ ଦଶକରେ ଅନେକ ଲୋ-ପାଓ୍ୱାର ଟ୍ରାନ୍ସମିଟର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯାଇଥିଲା । ସଂପ୍ରତି ଭୁବନେଶ୍ୱରକୁ ଛାଡିଦେଲେ ଦୂରଦର୍ଶନର ଚ୍ୟାନେଲଗୁଡିକ ଆରମ୍ଭ ହେବାରୁ ଘରୋଇ ସଂସ୍ଥା ଦ୍ୱାରା ନିର୍ମିତ ଫିଚର ଏବଂ ନ୍ୟୁଜ୍ ମ୍ୟାଗାଜିନ ପ୍ରସାରିତ ହୋଇଥିଲା ।

ଏଥିମଧ୍ୟରୁ ୧୯୯୫ ରେ ବୀରେନ ଦାସଙ୍କ ଦ୍ୱାରା ପ୍ରଯୋଜିତ ଓଡିଆ ନ୍ୟୁଜ୍ ମ୍ୟାଗାଜିନ ଆଜିର ଓଡିଶା ବେଶ୍ ସଫଳ ହୋଇଥିଲା । ଏହା ୩ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା । ଏହା ପରେ ଅନେକ କାର୍ଯ୍ୟକ୍ରମ ଆସିଥିଲା ।

ଓଡିଶା ଟେଲିଭିଜନ (ଓଟିଭି) ହେଉଛି ରାଜ୍ୟରେ ପ୍ରଥମ ଘରୋଇ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ । ଏହାର ଦୈନିକ ସମ୍ବାଦ ବୁଲେଟିନ୍ ପ୍ରତିଦିନ ନିଜର ଘଟଣାବଳୀ, ଉପସ୍ଥାପନ ଶୈଳୀ, ସ୍ଥାନୀୟ ଖବର ଉପରେ ଗୁରୁତ୍ୱ ଓ ବିଭିନ୍ନ ଘଟଣାମାନର ପୁଙ୍ଖାନୁପୁଙ୍ଖନ ଆଲୋଚନା ପାଇଁ ଜଣାଶୁଣା । ୨୦୦୭ରେ ଓ-ଟିଭି ସାଟେଲାଇଟ୍ ଚ୍ୟାନେଲ ହୋଇଥିଲା । ଯେଉଁ କାରଣରୁ ଏହା ଅଧିକ ଦର୍ଶକଙ୍କ ନିକଟରେ ପହଞ୍ଚି ପାରିଥିଲା । ଅନେକ ପ୍ରକାର କାର୍ଯ୍ୟକ୍ରମକୁ ନେଇ ଆରମ୍ଭ ହୋଇଥିବା ଓ-ଟିଭି ଶେଷକୁ ୨୪ ଘଣ୍ଟିଆ ନ୍ୟୁଜ୍ ଚ୍ୟାନେଲରେ ପରିଣତ ହୋଇଥିଲା ।

୨୦୦୨ରେ ଇଟିଭି (ଇନାଡୁ ଟିଭି) ଓଡିଆର ପ୍ରସାରଣ ଆରମ୍ଭ ହୋଇଥିଲା । ଏହା ହେଉଛି ଓଡିଶାରେ ପ୍ରଥମ ଘରୋଇ ସାଟେଲାଇଟ ଚ୍ୟାନେଲ । ବିଭିନ୍ନ ପ୍ରକାର ଖବର ଏବଂ ମନଲାଖି କାର୍ଯ୍ୟକ୍ରମ ପ୍ରସାରଣ ହେତୁ

ଇ-ଟିଭି ଖୁବ୍ ଶୀଘ୍ର ଲୋକପ୍ରିୟ ହୋଇଥିଲା । ଏହା ମନୋରଞ୍ଜନ ଚ୍ୟାନେଲ ହେବା ସହ ବି ଖବରକୁ ଗୁରୁତ୍ୱ ଦେଉଥିଲା । ନିର୍ବାଚନ ସମୟରେ ଇ-ଟିଭି ପ୍ରଥମେ ଆରମ୍ଭ କରିଥିଲା ଇଲେକ୍ସନ ଏକ୍ସପ୍ରେସ୍ ଏବଂ ପରେ ଆସିଥିଲା ଇ-ଟିଭି ଅଦାଲତ । ଓଡିଶାରେ ଟେଲିଭିଜନ ସାମ୍ବାଦିକ ଓ ଟେକ୍ନିସିଆନଙ୍କ ପାଇଁ ଏହା ନୂତନ ବାଟ ଖୋଲିଥିଲା ।

୨୦୦୯ରେ ଓଡିଶାକୁ ଆଉ ଚାରୋଟି ଓଡିଆ ସାଟେଲାଇଟ୍ ଚ୍ୟାନେଲ ଆସିଲା । ସେଗୁଡିକ ହେଲା- ନକ୍ଷତ୍ର ନ୍ୟୁଜ୍, କାମୟାବ୍, ଜୋଶ ଟିଭି, କନକ ଟିଭି ଇତ୍ୟାଦି । ଏଥିମଧ୍ୟରୁ କମକ ଟିଭି ଏବଂ ନକ୍ଷତ୍ର ୨୪ ଘଣ୍ଟିଆ ନ୍ୟୁଜ୍ ଚ୍ୟାନେଲ । ଅନ୍ୟ ଦୁଇଟି ଚ୍ୟାନେଲ ଖବର ସହିତ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପ୍ରସାରିତ କରୁଥିଲେ । ଦୈନିକ ସମ୍ବାଦ ପ୍ରକାଶ କରୁଥିବା ଇଷ୍ଟର୍ଣ୍ଣ ମିଡିଆ ଗ୍ରୁପ୍‌ର ଚ୍ୟାନେଲ ହେଉଛି କନକ ଟିଭି । ଅକ୍ଟୋବର ୪, ୨୦୦୯ରେ ଏହା ଆରମ୍ଭ ହୋଇଥିଲା ।

ବାଣିଜ୍ୟିକ ସଂସ୍ଥା ସି-ସୋର ଗ୍ରୁପ୍ ପକ୍ଷରୁ ମାର୍ଚ୍ଚ ୧୮, ୨୦୧୧ ରେ ଆରମ୍ଭ ହୋଇଥିଲା ଏସ୍-ଟିଭି ସମାଚାର । ଏହା ଥିଲା ୨୪ ଘଣ୍ଟିଆ ନ୍ୟୁଜ୍ ଚ୍ୟାନେଲ । ମଇ ୨୦୧୧ରେ ଆରମ୍ଭ ହୋଇଥିଲା ଏମବିସି ଟିଭି। ଏଥିରେ ସମେତ ମନୋରଂଜନଧର୍ମୀ କାର୍ଯ୍ୟକ୍ରମ ମଧ୍ୟ ପ୍ରସାରିତ ହୋଇଥାଏ । ୨୦୧୪ ମଝି ବେଳକୁ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ର ଏହାର ଏଡଟର-ଇନ-ଚିଫ୍ ଥିଲେ ।

୨୦୧୪ରେ ଓଡିଶାର ଟିଭି ଜଗତକୁ ବଡ ବଡ କମ୍ପାନୀମାନେ ମଧ୍ୟ ଆସିଥିଲେ । ଫେବୃଆରୀରେ ଜୀ-ଗ୍ରୁପ୍ ନିଜର ଓଡିଆ ଚ୍ୟାନେଲ ଜୀ କଳିଙ୍ଗ ଆରମ୍ଭ କଲେ । ଜିନ୍ଦଲ ଗ୍ରୁପ୍‌ର ଫେକସ୍ ଟିଭି(ବର୍ତ୍ତମାନର ନ୍ୟୁଜ୍ ୱାର୍ଲଡ ଓଡିଶା) ଜୁନ୍ ୧୩, ୨୦୧୪ ରୁ ସେମାନଙ୍କ କାର୍ଯ୍ୟକ୍ରମ ପ୍ରସାରଣ ଆରମ୍ଭ କରିଛନ୍ତି । ପ୍ରମେୟ ଖବରକାଗଜ ଗ୍ରୁପ୍ ପକ୍ଷରୁ ଏକ ଟେଲିଭିଜନ ଚ୍ୟାନେଲ (ନ୍ୟୁଜ୍ ସେଭେନ) ୨୦୧୪ ବେଳକୁ ଆରମ୍ଭ କଲେ। ଏହିପରି ସାଇନ ଟିଭି ନାମକ ଏକ ଚ୍ୟାନେଲ ମଧ୍ୟ ଏଇ ସମୟ ବେଳକୁ କାର୍ଯ୍ୟକାରୀ ହେଲା । ଆନନ୍ଦ ବଜାର ପତ୍ରିକା ଗ୍ରୁପ୍ (ଏବିପି ନ୍ୟୁଜ୍) ପକ୍ଷରୁ ଓଡିଶାରେ ନୂଆ ଭାଷାଭିତ୍ତିକ ଚ୍ୟାନେଲ ଖୋଲିବାର ଯୋଜନା ରହିଛି ।

ଓଡିଶାରେ ଅଧିକରୁ ଅଧିକ ନ୍ୟୁଜ୍ ଚ୍ୟାନେଲ ଖୋଲିବା ନେଇ ଦୁଇଟି ମତ ରହିଛି । ପ୍ରଥମ ମତ ଅନୁସାରେ, ଅଧିକରୁ ଅଧିକ ଚ୍ୟାନେଲ୍ ଖୋଲିବା ଗଣମାଧ୍ୟମ ସଂସାର ପାଇଁ ଭଲ । ଏହା ଦ୍ୱାରା ପ୍ରତିଯୋଗୀତା ବଢିବ । ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ଚ୍ୟାନେଲ୍‌ଗୁଡିକ ଅଧିକ, ତତ୍‌କ୍ଷଣାତ୍ ଏବଂ ଅଧିକ ଆକର୍ଷଣୀୟ ଓ ଉତ୍କୃଷ୍ଟ ଖବର ପ୍ରସାରିତ କରିବେ । ମାତ୍ର ଦ୍ୱିତୀୟ ମତ ଟିକିଏ ଏଥିରୁ ଭିନ୍ନ । ତାହା ହେଲା - ଅନେକ ଚ୍ୟାନେଲ ଖୋଲିବା ଫଳରେ ପ୍ରତିଯୋଗୀତା ବଢୁଛି । ଆଉ ପ୍ରତିଯୋଗୀତାରେ ତିଷ୍ଠି ରହିବା ପାଇଁ ବିଭିନ୍ନ ଚ୍ୟାନେଲ ଅଯଥାରେ ଚାଞ୍ଚଲ୍ୟକର ଖବର ପରିବେଷଣ କରୁଛନ୍ତି । ସମ୍ବାଦ ଯୋଗ୍ୟ ନ ହେଲେ ବି ସେପରି ବିଷୟବସ୍ତୁକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି କରାଯାଉଛି । ଯାହା ସମାଜ ପାଇଁ ଭଲ ନୁହେଁ ।

ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ଓଡିଶାରେ ମଧ୍ୟ ନବେ ଦଶକର ଆରମ୍ଭରୁ ଅପରେଟରମାନେ ଗ୍ରାହକଙ୍କ ଘରେ ବିଭିନ୍ନ ଟେଲିଭିଜନ ଚ୍ୟାନେଲର କାର୍ଯ୍ୟକ୍ରମ ପହଞ୍ଚାଉଛନ୍ତି । କେବୁଲ ଅପରେଟରଙ୍କୁ ଲାଷ୍ଟ

ମାଇଲ ଅପରେଟର ବୋଲି କୁହାଯାଏ । ସହସ୍ରାବ୍ଦୀର ପ୍ରଥମ ଦଶକଯାଏଁ ସେମାନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଥିଲା । ଓଡିଶାରେ ସ୍ଥାନୀୟ କେବୁଲ ଚ୍ୟାନେଲ ଅଧିକାଂଶ ଜାଗାରେ ସ୍ଥାନୀୟ ଖବର ମଧ୍ୟ ପ୍ରସାରଣ କରିଥାନ୍ତି । ଏମାନେ ଏହାକୁ ନିଜେ କରୁଥିଲେ ଅବା ଛୋଟ ଛୋଟ ସମ୍ବାଦ ପ୍ରଯୋଜକ ସଂସ୍ଥାକୁ ନ୍ୟୁଜ୍ ସୁଟିଂ, ଏଡିଟିଂ ଏବଂ ପ୍ୟାକେଜିଂର ଦାୟିତ୍ୱ ନେଉଥିଲେ । ଏହା ସପ୍ତାହକୁ ଥରେ ବା ଦୁଇ ଥର ପ୍ରସାରିତ ହୋଇଥାଏ । ସ୍ଥାନୀୟ ବିଜ୍ଞାପନ ଓ ପ୍ରଯୋଜନ ମଧ୍ୟ ଏଥିପାଇଁ ମିଳିଯାଏ । ଗତ କିଛି ବର୍ଷ ହେବ ଓଡିଶାରେ ଡିଟିଏଚ୍ ଏବଂ ସେଟଅପ ବକ୍ସ ସୁବିଧା ଉପଲବ୍ଧ ହେଉଛି । ଯାହାକି ଦର୍ଶକଙ୍କୁ ଚ୍ୟାନେଲ ଚୟନ ଏବଂ ବହୁ ଗୁଡାଏ ସେବା ହାତ ପାଖରେ ଦେବାରେ ସଫଳ ହୋଇପାରୁଛନ୍ତି ।

**ଟେଲିଭିଜନରେ ସମ୍ବାଦ :** ଓଡିଶାରେ ଟେଲିଭିଜନରେ ସମ୍ବାଦର ଇତିହାସ ବେଶୀ ପୁରୁଣା ନୁହେଁ । ୧୯୮୮ରେ ଦୂରଦର୍ଶନ ପକ୍ଷରୁ ଦିନକୁ ୧୦ ମିନିଟର ନ୍ୟୁଜ୍ ବୁଲେଟିନ୍ ଆରମ୍ଭ ହୋଇଥିଲା । ଏହା ଭିତରେ ଓଡିଶାରେ ଏବେ ଅଧ ଡଜନ ପାଖାପାଖି ୨୪ ଘଣ୍ଟିଆ ନ୍ୟୁଜ୍ ଚ୍ୟାନେଲ ହେଲାଣି । ପ୍ରତି ମୂହୂର୍ତ୍ତରେ ଖବର ତତ୍କ୍ଷଣାତ୍ ଲୋକଙ୍କ ସାମ୍ନାରେ ପହଞ୍ଚୁଛି । ବଡ କୌଣସି ଘଟଣା ଘଟିଲେ ତାର ଆଖିଦେଖା ବିବରଣୀ (ଲାଇଭ୍ ଟେଲିକାଷ୍ଟ) ମଧ୍ୟ ଦେଖାଯାଉଛି ।

ପ୍ରାମ୍ଭିକ ପର୍ଯ୍ୟାୟରେ ମୁଦ୍ରଣ ଗଣମାଧ୍ୟମର ସାମ୍ବାଦିକମାନେ ଟେଲିଭିଜନକୁ ଆସିଥିଲେ । ସେମାନଙ୍କ ଭିତରୁ ଏବେ ଅନେକ ବେଶ ପ୍ରସିଦ୍ଧ । ଏପରିକି ଚ୍ୟାନେଲ ମୁଖ୍ୟଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି । ଖବରକାଗଜରୁ ଟେଲିଭିଜନକୁ ଯାତ୍ରା ବେଶ୍ ରୋମାଞ୍ଚକର । ପରେ ପରେ ଓଡିଶା ଟେଲିଭିଜନରେ ମହିଳା ସାମ୍ବାଦିକଙ୍କ ସଂଖ୍ୟା ବି ବଢ଼ିବାରେ ଲାଗିଛି ।

## ୫.୧୧ ଓଡିଶାରେ ଆଧୁନିକ ସାମ୍ବାଦିକତା

ବିଂଶ ଶତାବ୍ଦୀ ଶେଷ ଆଡକୁ ଆଧୁନିକ ସାମ୍ବାଦିକତା ବା ନିଉ ମିଡିଆ ବୋଲି ଶବ୍ଦଟିଏ ଗଣମାଧମ ସଂସାରକୁ ଆସିଲା । ଏହି ଆଧୁନିକ ସାମ୍ବାଦିକତା ପାରମ୍ପରିକ ସାମ୍ବାଦିକତାଠୁଁ ଅଲଗା । ଏଥିରେ ବିଷୟବସ୍ତୁ ଡିଜିଟାଲ ରୂପରେ ଥାଏ । ଏଣୁ କେତେକ ଏାହକୁ ଡିଜିଟାଲ ଜର୍ଣ୍ଣାଲିଜିମ୍ ବୋଲି ମଧ୍ୟ କହନ୍ତି । ଇଣ୍ଟରନେଟ୍, ୱେବସାଇଟ୍, କମ୍ପ୍ୟୁଟର ମଲ୍ଟିମିଡିଆ, ମୋବାଇଲରେ ଉପଲବ୍ଧ ଇଣ୍ଟରନେଟ୍ ଆଦି ଏହାର ଉଦାହରଣ । ଟେଲିଭିଜନ କାର୍ଯ୍ୟକ୍ରମ, ପତ୍ରପତ୍ରିକା, ବହି, ଖବରକାଗଜ, ସିନେମା ଆଦି ଏହା ଭିତରେ ଅନ୍ତର୍ଭୁକ୍ତ ନୁହେଁ । କିନ୍ତୁ ଯଦି ଏହା ଇଣ୍ଟରନେଟ୍‌ରେ ଡିଜିଟାଲ ବିଷୟବସ୍ତୁ ଭାବେ ଉଭା ହେଲା, ତେବେ ଏହାକୁ ନିଉ ମିଡିଆରେ ନିଆଯାଏ ।

ଓଡିଶାରେ ଏହି କ୍ଷେତ୍ରରେ ବିକାଶ ଖୁବ୍ ଶୀଘ୍ର ହୋଇଥିଲା । ୧୯୯୯ରେ ଆଇ.ଆଇ.ଏମ.ସି ଛାତ୍ରଛାତ୍ରୀମାନେ ଓଡିଆ ଖବରକାଗଜ ଉଦ୍ୟୋଗରେ ଆଇଟି ବ୍ୟବସ୍ଥା ଉପରେ କରିଥିବା ଏକ ରିପୋର୍ଟ ମୁତାବକ ଏହି ସମୟରେ ଦୈନିକ ଖବରକାଗଜରେ ଇଣ୍ଟରନେଟ୍ ସେବାର ବ୍ୟବସ୍ଥା ନଥିଲା । ବର୍ତ୍ତମାନ ଏହାର ନିଜସ୍ୱ ୱେବସାଇଟ୍ ରହିଛି । ନିଜସ୍ୱ ଇ-ପେପର୍ ପ୍ରକାଶିତ ହେଉଛି । ସଂପ୍ରତି ଓଡିଶାରେ ସମସ୍ତ ପ୍ରମୁଖ ଖବରକାଗଜ ଓ ଖବରଭିତ୍ତିକ ପତ୍ରିକାର ନିଜସ୍ୱ ୱେବସାଇଟ୍ ରହିଛି ।

୧୯୯୯ ଅପ୍ରେଲ ୧ ତାରିଖ ଦିନ ସମ୍ବାଦ ଏହାର ୱେବ ସଂସ୍କରଣ ଆରମ୍ଭ କରିଥିଲା । ବର୍ତ୍ତମାନ ପ୍ରତି ମାସରେ ଲକ୍ଷାଧିକ ଲୋକ ଏହି ୱେବସାଇଟ୍‌କୁ ଦେଖୁଥିବାର ସମ୍ବାଦ ଦାବି କରେ । ସମାଜର ମଧ୍ୟ ଇ-ପେପର ରହିଛି । ୧୯୮୮ ରେ ଭୁବନେଶ୍ୱରରୁ ପ୍ରକାଶିତ ହୋଇଥିବା ଇଂରାଜୀ ଦୈନିକ ଖବରକାଗଜ ସନଟାଇମ୍ସ ଏହାର ପ୍ରକାଶନ କିଛି ବର୍ଷ ପରେ ବନ୍ଦ ହୋଇଯାଇଥିଲା । ୨୦୦୦ ମସିହାରେ ଓଡିଶାର ପ୍ରଥମ ୱେବ ଖବରକାଗଜ ଭାବେ ପୁନଶ୍ଚ ଏହା ପ୍ରକାଶିତ ହୋଇଥିଲା । କିନ୍ତୁ ନିୟମିତ ନଥିଲା । ନଭେମ୍ବର ୭, ୨୦୧୩ରୁ ଏହା ନିୟମିତ ଭାବେ କାର୍ଯ୍ୟ ଆରମ୍ଭ କଲା । ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର ଏଥିସହିତ ସମ୍ପୃକ୍ତ ଅଛନ୍ତି। ସନ୍ଦୀପ ସାହୁ ଏହାର କାର୍ଯ୍ୟକାରୀ ସମ୍ପାଦକ ଅଛନ୍ତି । ସୌମ୍ୟ ରଂଜନ ପଟ୍ଟନାୟକ ଅଛନ୍ତି ମୁଖ୍ୟ ସମ୍ପାଦକ ।

ଓଡିଶା ମ୍ୟାଟରସ୍.କମ୍ (Orissamatters.com) ଚଳାଉଥିବା ସୁବାଷ ଚନ୍ଦ୍ର ପଟ୍ଟନାୟକ ହେଉଛନ୍ତି ଓଡିଶାର ପ୍ରଥମ ୱେବ ସାମ୍ବାଦିକ । ତାଙ୍କ ପୁଅ ଶାଶ୍ୱତ ପଟ୍ଟନାୟକ ଏହାର ସମ୍ପାଦନା ଦାୟିତ୍ୱ ତୁଲାନ୍ତି । ଆଇ.ଆଇ.ଏମ୍.ସି. ର ଛାତ୍ର ଶାଶ୍ୱତ କିଛି ଦିନ ଇକୋନୋମିକ୍ସ ଟାଇମ୍ସରେ କାମ କରିଥିଲେ ।

ଓଡିଶାର ପ୍ରଥମ ଅନଲାଇମ ଖବରକାଗଜ ବୋଲି ଦାବି କରୁଥିବା ଇନସାଇଟ୍‌ଓଡିଶା.କମ୍ (insightorissa.com)ର ପରିଚାଳନା ସମ୍ପାଦକ ପ୍ରକାଶ ରାଓ ପ୍ରଥମେ ଧରିତ୍ରୀ ଓ ଇଣ୍ଡିଆନ୍ ଏକ୍ସପ୍ରେସ୍‌ରେ ସାମ୍ବାଦିକ ଥିଲେ । ପରେ ସେ ୱେବ୍ ସାମ୍ବାଦିକତା କ୍ଷେତ୍ରକୁ ଆସିଥିଲେ । ସେହିପରି ମହାନଦୀ.କମ୍‌ରେ ଖବର (ନ୍ୟୁଜ୍ କଣ୍ଟେଣ୍ଟ) ରହିଥିଲେ ମଧ୍ୟ ଏହା ସଂସ୍କୃତି ଓ ବାଣିଜ୍ୟକୁ ଗୁରୁତ୍ୱ ଦେଇଥାଏ । ଇ-ଟିଭିର ବ୍ୟୁରୋ ମୁଖ୍ୟ ଥିବା ସୁଲୋଚନା ଦାସ କିଛି ବର୍ଷ ପାଇଁ କଳିଙ୍ଗଟାଇମ୍ସ.କମ୍ (kalingatimes.com) ନାମକ ୱେବସାଇଟ୍ ଚଳାଉଥିଲେ । ଏହା ସେପ୍ଟେମ୍ବର ୨୦୦୬ରେ ଆରମ୍ଭ ହୋଇଥିଲା ।

ଖବରକାଗଜରେ ଦୀର୍ଘ ଦିନ କାମ କରିଥିବା ବ୍ରଜ କିଶୋର ମିଶ୍ର ତଥ୍ୟ ଡଟ୍ କମ୍ ନାମକ ୱେବସାଇଟ୍ ଚଳାଉଛନ୍ତି । ତଥ୍ୟ ଏକ ସମ୍ବାଦ ସରବରାହ ସଂସ୍ଥା । ବ୍ରହ୍ମପୁରରୁ ମନୋଜ କାନ୍ତ ଦାଶ ୨୦୦୯ରୁ ଏକ ସମ୍ବାଦ ଭିତ୍ତିକ ୱେବସାଇଟ୍ ଚଳାଉଛନ୍ତି, ଓଡିଶାବାର୍ତ୍ତା.କମ୍ (orissabarta.com) ।

ଓଡିଶାର ଅନ୍ୟତମ ସଫଳ ସମ୍ବାଦଭିତ୍ତିକ ୱେବ ପୋର୍ଟଲ ହେଉଛି ଓଡିଶାଡାଏରି ଡଟ୍ କମ୍ (www.orissadiary.com)। ରଶ୍ମି ରଂଜନ ପରିଡା ଏହାକୁ ଚଳାଉଛନ୍ତି । ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଛାତ୍ର ରଶ୍ମି ବିଟୁବି ପତ୍ରିକାରୁ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ମୁଦ୍ରିତ ଗଣମାଧ୍ୟକୁ ଯାଇଥିଲେ ।

ଫଟୋ ସାମ୍ବାଦିକ ଅଶୋକ ପଣ୍ଡା ଓଡିଶାର ପ୍ରଥମ ଫଟୋଭିତ୍ତିକ ୱେବସାଇଟ୍ ଆରମ୍ଭ କରିଥିଲେ । ଅପ୍ରେଲ ୨୨, ୨୦୧୧ରେ ଆରମ୍ଭ ହୋଇଥିବା ଏହି ୱେବସାଇଟ୍‌ର ନାମ ଥିଲା ଓଡିଶା ନ୍ୟୁଜ୍ ଫଟୋଡଟ୍ କମ୍ (www.odishanewsphoto.com)। ସାମ୍ବାଦିକତାରୁ ଗଣମାଧ୍ୟମ ପ୍ରଶିକ୍ଷଣ କ୍ଷେତ୍ରକୁ ଆସିଥିବା ନୀଳାମ୍ବର ରଥ ୨୦୧୨ରେ ଓଡିଶା ଲାଇଭ୍ ଟିଭି ଡଟ୍ ଇନ୍ (www.odishalivetv.in) ଆରମ୍ଭ କରିଥିଲେ । ଏହା ଓଡିଶାର ପ୍ରଥମ ୱେବ୍ ଟିଭି ଚ୍ୟାନେଲ । ଓଡିଶାର ସଂସ୍କୃତି ଏବଂ ସମାଜର ବିଭିନ୍ନ ଦିଗ ସଂପର୍କରେ ଏହା ଖବର ପ୍ରସାରିତ କରେ । ଓଡିଶାର ସମୃଦ୍ଧ କଳା ଏବଂ ପରମ୍ପରାକୁ ବଞ୍ଚେଇ ରଖିବାକୁ ଏହା ପ୍ରୟାସ କରୁଛି, ବୋଲି ଏହାର ପ୍ରତିଷ୍ଠାତା କହନ୍ତି ।

ଜାନୁଆରୀ୨୬, ୨୦୧୩ରେ ବିକାଶ ରାଉତରାୟ ଆରମ୍ଭ କରିଥିଲେ ନିଉଜ୍ ଟୁ ଡେ ଡଟ୍ କମ୍ ।

କ୍ରୀଡା ସଂପର୍କିତ ଏକ ୱେବସାଇଟ୍ ହେଉଛି ଓଡିଶା ସ୍ପୋର୍ଟସ୍ ଡଟ୍ କମ୍ । ଏହା ଫେବୃଆରୀ ୨୦୦୮ରେ ଆରମ୍ଭ ହୋଇଥିଲା । ୨୦୧୨ରୁ ଆରମ୍ଭ ହୋଇଛି ସ୍ପୋର୍ଟସଲଗଅନ୍ ଡଟ୍ କମ୍ । ଏକ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ୱେବସାଇଟ୍‌କୁ ସମ୍ପାଦନା କରୁଛନ୍ତି କ୍ରୀଡା ସାମ୍ବାଦିକ ତନ୍ମୟ ଦାସ ।

ମହିଳାଙ୍କ ଉପରେ ଆଧାରିତ ୱେବସାଇଟ୍ ଓଡିଆ ନାରୀ ଡଟ୍ କମ୍ ୨୦୧୨ ରେ ଆରମ୍ଭ ହୋଇଥିଲା। ସୁଜାତା ସତପଥୀ ଏହାର ସଂଯୋଜିକା ଦାୟିତ୍ୱରେ ଅଛନ୍ତି । ଏହା ବ୍ୟତୀତ ସିନେମା, କଳା, ସଂସ୍କୃତି, ଜୀବନ, ଜୀବିକା ଏବଂ ଅନ୍ୟାନ୍ୟ ବିଷୟକୁ କେନ୍ଦ୍ର କରି ଅନେକ ୱେବସାଇଟ୍ ଓଡିଶାରୁ ଆରମ୍ଭ ହୋଇଛି ।

ଓଡିଶା ସମାଚାର ଗ୍ରୁପ୍ ପକ୍ଷରୁ eodishasamchar.org ଅକ୍ଟୋବର ୧୦, ୨୦୧୦ ରେ ଆରମ୍ଭ ହୋଇଥିଲା । ୨୦୧୪ ମଝି ବେଳକୁ ଦୀପ୍ତି ରଂଜନ କାନୁନଗୋ ଏହାର ସଂପାଦନା ଦାୟିତ୍ୱରେ ଥିଲେ । ଇପ୍‌ସିତ ପ୍ରତିହାରୀଙ୍କ ସମ୍ପାଦନାରେ ୨୦୧୩ ମଇ ୧୩ରେ odishasamchar.org ଏବଂ ସେଇ ବର୍ଷ ଅଗଷ୍ଟ ୧୫ରେ odisharajaniti.com ଆରମ୍ଭ ହୋଇଥିଲା । ଓଡିଶା ରାଜନୀତି ସଂପର୍କରେ ଏହା ଓଡିଶାର ପ୍ରଥମ ୱେବସାଇଟ୍ ବୋଲି ଦାବି କରେ ।

ଆଲୋଚିତ ସାଇଟ୍‌ଗୁଡିକ ବ୍ୟତୀତ ୨୦୧୪ ଶେଷ ସୁଦ୍ଧା ୫୦ରୁ ଅଧିକ ଓଡିଆ ଏବଂ ଓଡିଶା କୈନ୍ଦ୍ରିକ ମିଡିଆ ସାଇଟ୍ ରହିଛି । ଏଥିରୁ ବେଶ କେତୋଟିକୁ ବିଭିନ୍ନ ଦେଶରେ ରହୁଥିବା ପ୍ରବାସୀ ଓଡିଆମାନେ ଚଳାନ୍ତି।

**ଓଡିଶାରେ ୱେବ୍ ସାମ୍ବାଦିକତାର ସ୍ଥିତି :** ୨୦୧୪ ଶେଷ ସୁଦ୍ଧା ଓଡିଶାରେ ବିଭିନ୍ନ ବିଷୟରେ ଅନେକ ୱେବସାଇଟ୍ ଆରମ୍ଭ ହୋଇଥିଲେ ମଧ୍ୟ ୱେବ୍ ସାମ୍ବାଦିକତା ଏଠାରେ ଏ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ପେସା ହିସାବରେ ବିକଶିତ ହୋଇ ପାରିନାହିଁ । ବର୍ତ୍ତମାନ ଆଧୁନିକ ଯୁବପୀଢି ୱେବ୍ ସାମ୍ବାଦିକତା ଦିଗରେ ଧୀରେ ଧୀରେ ଆଗ୍ରହ ପ୍ରକାଶ କରୁଛନ୍ତି । କାରଣ ସ୍ମାର୍ଟ ଫୋନ ଏବଂ ଇଣ୍ଟରନେଟର ସୁବିଧା ଓ ସହଜ ଉପଲବ୍ଧିତା ଏହି ୱେବ୍ ସାମ୍ବାଦିକତାକୁ ଏକ ନୂଆ ମାଇଲେଜ୍ ଦେବାରେ ସହାୟକ ହୋଇଛି । ସମସ୍ତେ ହାତ ପାଖରେ ସ୍ମାର୍ଟ ଫୋନ ମାଧ୍ୟମରେ ଏବେ ଇ-ସେବାର ସଫଳତା ପାଇପାରୁଛନ୍ତି । ଏହା ଦ୍ୱାରା ଏବେ ଓଡିଆ ସାମ୍ବାଦିକତାରେ ବି ୱେବ୍ ସାମ୍ବାଦିକତାର ନୂତନ ଟ୍ରେଣ୍ଡ ସୃଷ୍ଟି ହୋଇଛି । ଅନେକ ଛୋଟ ବଡ ସଂସ୍ଥା ବି ୱେବ୍ ସାମ୍ବାଦିକତାକୁ ଆପଣାଉଛନ୍ତି।

ଅଧିକାଂଶ ଦୈନିକ ଖବରକାଗଜର ୱେବ ସାଇଟ୍‌ରେ ଖବରକାଗଜରେ ପ୍ରକାଶିତ ଖବର, ଫଟୋଚିତ୍ର ଏବଂ ବିଷୟବସ୍ତୁ ହିଁ ଏହାର ଇଣ୍ଟରନେଟ୍ ସଂସ୍କରଣରେ ପ୍ରକାଶିତ ହୋଇଥାଏ । ଇଣ୍ଟରନେଟ୍ ସଂସ୍କରଣ ପାଇଁ ଏହି ଖବରକାଗଜ ଗୁଡିକ ସେପରି କିଛି ସ୍ୱତନ୍ତ୍ର ଖବର ଅବା ଫିଚର କରନ୍ତି ନାହିଁ । ତେବେ ଅନଲାଇନ ସଂସ୍କରଣ ଖବରକାଗଜର ପ୍ରତ୍ୟେକ ଖବର, ଫିଚର ଅବା ଫଟୋଚିତ୍ର ବ୍ୟବହାର କରନ୍ତି ନାହିଁ । ସମ୍ବାଦପତ୍ରରେ ପ୍ରକାଶିତ ୬୦ ପ୍ରତିଶତ ଖବରକୁ କାଗଜରୁ ନେଇ ୱେବ ସଂସ୍କରଣରେ ପ୍ରକାଶିତ କରାଯାଇଥାଏ । ଅନେକ ଓଡିଶା କୈନ୍ଦ୍ରୀକ ୱେବସାଇଟଗୁଡିକ ସାଧାରଣତଃ ଦ୍ୱିଭାଷୀୟ । ସେମାନେ ଉଭୟ ଇଂରାଜୀ ଓ ଓଡିଆ ଲିପି ବ୍ୟବହାର କରନ୍ତି । ଏମାନଙ୍କ ମଧ୍ୟରୁ ଅନେକେ ନିତିଦିନିଆ ସମ୍ବାଦ ସହିତ ପରୀକ୍ଷା ଫଳ, ରେଳ ଓ ବିମାନ ଚଳାଚଳ ସମୟ ଆଦି ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥାନ୍ତି ।

## ୫.୧୨ ଆସ ପ୍ରଗତି ମାପିବା

୧. ଓଡିଶାର ପ୍ରେସ୍‌ର ଉନ୍ନତି ପାଇଁ ଖ୍ରୀଷ୍ଟିଆନ୍ ମିସନାରୀଙ୍କ ଭୂମିକା ବିଷୟରେ ବର୍ଣ୍ଣନା କର ।

୨. ଓଡିଶାର ପ୍ରଥମ ଖବରାକଗଜ ନାମ କ'ଣ ? ଓଡିଶାର ସାମାଜିକ-ଅର୍ଥନୈତିକ ଉନ୍ନତି ଦିଗରେ ଏହାର ଭୂମିକା କ'ଣ ?

୩. ରେଡିଓ କେବେ ଓଡିଶାରେ ଆରମ୍ଭ ହୋଇଥିଲା ?

୪. ଓଡିଶାର ଟେଲିଭିଜନ ଜଗତର ସ୍ଥିତି କ'ଣ ?

## ଅଧିକ ଜାଣିବା ପାଇଁ ସହାୟକ ପୁସ୍ତକ


- ଅଗ୍ରୱାଲ, ବୀର ବଳ.ଗୁପ୍ତା, ଭି.ଏସ୍.(୨୦୦୧). ହ୍ୟାଣ୍ଡବୁକ୍ ଅଫ୍ ଜର୍ଣ୍ଣାଲିଜିମ୍ ଆଣ୍ଡ ମାସ୍ କମ୍ୟୁନିକେସନ. ନ୍ୟୁ ଦିଲ୍ଲୀ – କନସେପ୍ଟ ପବ୍ଲିସିଙ୍ଗ୍ କମ୍ପାନୀ
- ଚାଟର୍ଜୀ, ମୃଣାଳ.(୨୦୧୩). ହିଷ୍ଟ୍ରି ଅଫ୍ ପ୍ରେସ୍ ଇନ୍ ଇଣ୍ଡିଆ. ଢେଙ୍କାନାଳ, ଓଡିଶା – ସେଫଳୀ କମ୍ୟୁନିକେସନ୍
- କୁମାର.କେବଲ ଜେ. (୨୦୧୧). ଭାସ କମ୍ୟୁନିକେସନ ଇନ ଇଣ୍ଡିଆ. ମୁମ୍ବାଇ, ମହାରାଷ୍ଟ୍ର-ଜାଇକୋ ପବ୍ଲିସିଙ୍ଗ୍ ହାଉସ୍
- ପାର୍ଥସାରଥୀ, ଆର.(୧୯୮୯).ଜର୍ଣ୍ଣାଲିଜିମ୍ ଇନ୍ ଇଣ୍ଡିଆ- ଫ୍ରମ୍ ଦି ଆରଲିଏଷ୍ଟ ଟାଇମ୍ସ ଟୁ ଦି ପ୍ରେଜେଣ୍ଟ ଡେ. ନ୍ୟୁ ଜିଲ୍ଲୀ- ଷ୍ଟେରଲିଂ


❏❏❏